ବର୍ଷ-୨୪, ସଂଖ୍ୟା-୩୦୯
ଭୁବନେଶ୍ୱର
୧୩ ଡିସେମ୍ବର, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 309
Bhubaneswar
13 December, 2024 Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ବିବାହ କଲେ କୀର୍ତି

# ବ୍ୟାଡମିଣ୍ଟନର ହବ୍ ହେବ ଓଡ଼ିଶା



## ଡାଲମିଆ ଗୋପିଚାନ୍ଦ ଓଡିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟିତ

## ବ୍ୟାଡମିଣ୍ଟନ ଜଗତରେ ଓଡିଶା ବିଶ୍ୱ ମଞ୍ଚରେ ପରିଚିତ ହେବ : ମୁଖ୍ୟମନ୍ତ୍ରୀ

## ସଟଲକକ୍ ସଦୃଶ ଏଚ୍‌ପିସି, ୮ ବ୍ୟାଡମିଣ୍ଟନ କୋର୍ଟ, ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା, ୨୦୦ ସିଟ୍ ବିଶିଷ୍ଟ ଆମ୍ଫିଥିଏଟର

**ଭୁବନେଶ୍ୱର,୧୨।୧୨(ମହାଭାରତ):** ଆଜି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡାଲମିଆଁ ଭାରତ ଗୋପୀଚନ୍ଦ ଓଡିଶା ବ୍ୟାଡମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଉଦ୍‌ଘାଟନ କରିଛନ୍ତି। ଆସାମ ମୁଖ୍ୟମନ୍ତ୍ରୀ ଡଃ ହିମନ୍ତ ବିଶ୍ୱଶର୍ମା ଏବଂ ବିଶିଷ୍ଟ ବ୍ୟାଡମିଂଟନ ଖେଳାଳୀ ପୁଲେଲା ଗୋପୀଚନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

୭୭ ହଜାର ବର୍ଗଫୁଟ ପରିମିତ ଅଂଚଳରେ ନିର୍ମିତ ହୋଇଥିବା ଏହି ଇଣ୍ଡୋର ହାଇ ପରଫରମାନ୍ସ ସେଂଟରରେ ୪୦୦ ଦର୍ଶକଙ୍କ ପାଇଁ ବସିବା ସୁବିଧା ସହିତ ୮ଟି ଶୀତତାପ ନିୟନ୍ତ୍ରିତ ବ୍ୟାଡମିଂଟନ କୋର୍ଟ ରହିଛି । ଏଥିରେ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଂଟ ଆୟୋଜନର ସୁବିଧା କରାଯାଇଛି । ଏଥିସହିତ ଏହି ସେଂଟରରେ ୩୬ ଜଣ ଖେଳାଳୀ ରହିଲା ଭଳି ଅତ୍ୟାଧୁନିକ ସୁବିଧାସୁଯୋଗ ମଧ୍ୟ ବିକଶିତ କରାଯାଇଛି । ୨୦୦ ସିଟ୍ ବିଶିଷ୍ଟ ଏକ ଆମ୍ଫିଥିଏଟର ସହିତ ଏହି ସେଂଟରଟିକୁ ବ୍ୟାଡମିଂଟନ ସଟଲକକ୍ ସଦୃଶ୍ୟ ନିର୍ମାଣ କରାଯାଇଛି ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ପୁଲେଲା ଗୋପୀଚନ୍ଦ ବ୍ୟାଡମିଂଟନ ଫାଉଣ୍ଡେସନ ଏବଂ ଡାଲମିଆ ଭାରତ ଗ୍ରୁପର ସହଯୋଗରେ ଭୁବନେଶ୍ୱରରେ ଏହି ସେଂଟର ପ୍ରତିଷ୍ଠା ଦ୍ୱାରା ଓଡିଶାର ଯୁବ ବ୍ୟାଡମିଂଟନ ଖେଳାଳୀ ମାନଙ୍କ ପାଇଁ ଏକ ଯୁଗାନ୍ତକାରୀ ସୁଯୋଗ ସୃଷ୍ଟି ହେଲା। ଆମ ଦେଶର ଯୁବ ବ୍ୟାଡମିଂଟନ ଖେଳାଳୀ ମାନେ ହେଉଛନ୍ତି ଆମର ଗର୍ବ ଓ ଗୌରବ। ସେମାନେ ସେମାନଙ୍କର ଅଦମ୍ୟ ପ୍ରଚେଷ୍ଟା ବଳରେ କ୍ରୀଡା କ୍ଷେତ୍ରରେ ବିଶ୍ୱ ମଂଚରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଦେଶକୁ ଗୌରବାନ୍ୱିତ କରିଛନ୍ତି। ଆଜି ଉଦ୍‌ଘାଟିତ ହୋଇଥିବା ଏହି ବ୍ୟାଡମିଂଟନ ହାଇ ପରଫରମାନ୍ସ ସେଂଟରରେ ଉତ୍ତମ ପ୍ରଶିକ୍ଷଣ ସହ ଖେଳାଳୀ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ସବୁ ପ୍ରକାର ସୁବିଧା ସୁଯୋଗ ରହିଛି । ଆଗାମୀ ଦିନରେ ବ୍ୟାଡମିଂଟନ ଜଗତରେ ଓଡିଶା ବିଶ୍ୱ ମଂଚରେ ଏହି ସେଂଟର ଜରିଆରେ ପରିଚିତ ହେବ ବୋଲି ସେ କହିଥିଲେ।

ଏହି ସେଂଟର ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଂଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା, ବିଶିଷ୍ଟ ବ୍ୟାଡମିଂଟନ ଖେଳାଳୀ ପଦ୍ମଭୂଷଣ ପୁଲେଲା ଗୋପୀଚନ୍ଦ ଏବଂ ଡାଲମିଆ ଭାରତ ଗ୍ରୁପର ସିଇଓ ପି.ଓ୍ୱାଇ ଡାଲମିଆ ଓ ଏମ୍.ଡି ଗୌତମ ଡାଲମିଆଙ୍କ ସହଯୋଗ ଓ ଉଦ୍ୟମ ପାଇଁ ଧନ୍ୟବାଦ ଦେଇଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆସାମର ମୁଖ୍ୟମନ୍ତ୍ରୀ ତଥା ବ୍ୟାଡମିଂଟନ ଆସୋସିଏସନ ଅଫ ଇଣ୍ଡିଆର ସଭାପତି ଡଃ ହିମନ୍ତ ବିଶ୍ୱଶର୍ମା କହିଥିଲେ ଯେ ଏହି ବ୍ୟାଡମିଂଟନ ହାଇ ପରଫରମାନ୍ସ ସେଂଟର କେବଳ ଭାରତବର୍ଷ ପାଇଁ ନୁହେଁ, ବିଶ୍ୱ କ୍ରୀଡା ଜଗତ ପାଇଁ ଏକ ଉଲ୍ଲେଖନୀୟ ମାଇଲ ଷ୍ଟୋନ । ଏହି ସେଂଟର ଭାରତରେ ବ୍ୟାଡମିଂଟନ ଖେଳକୁ ନୂଆ ଶିଖରକୁ ନେବ। ଏହି ସେଂଟର ପ୍ରତିଷ୍ଠାରେ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ସେ ଓଡିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ।

ସେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ଦିଗ୍‌ଦର୍ଶନରେ ଭାରତ ବର୍ତ୍ତମାନ କ୍ରୀଡାର ପାୱାର ହାଉସ୍‌ରେ ପରିଣତ ହୋଇଛି । କ୍ରୀଡାକୁ ନେଇ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି, (ପୃ-୮)

# ମହାପ୍ରସାଦ ପାଇଁ ଦର ଧାର୍ଯ୍ୟ କରାଯିବ : ଆଇନମନ୍ତ୍ରୀ

**ପୁରୀ, ୧୨।୧୨ (ମହାଭାରତ):** ଶ୍ରୀଜଗନ୍ନାଥଙ୍କ ମହାପ୍ରସାଦ ପାଇଁ ଖୁବଶୀଘ୍ର ଦରଧାର୍ଯ୍ୟ କରାଯିବ ଏବଂ ତାହା ଠାରୁ ଅଧିକ ଦରରେ କେହି ବିକ୍ରୟ କରି ପାରିବେ ନାହିଁ। ଏଥିପାଇଁ ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ଏକ ନୀତି ନିର୍ଦ୍ଧାରଣ କରିବାକୁ ଯାଉଛନ୍ତି। ମହାପ୍ରଭୁଙ୍କ ମହାପ୍ରସାଦର ଗୁଣବତ୍ତା ସ୍ଥିର ରହିବା ସହିତ ନିର୍ଦ୍ଦିଷ୍ଟ ଦର ମଧ୍ୟ ଧାର୍ଯ୍ୟ କରାଯିବ ବୋଲି ଆଇନମନ୍ତ୍ରୀ ପୃଥିରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିରରେ ଓମଫେଡ୍ ଘିଅ ପ୍ରବେଶ ପରଠୁ ଅମୂଲ ମୂଲ ଅବଢ଼ାୟ ମହାପ୍ରସାଦ, ଖଜାଠୁ ନେଇ ପିଠା, ସବୁର ଦାମ ପ୍ରାୟ ଦୁଇଗୁଣା ବଢ଼ିଯାଇଛି। ପୂର୍ବରୁ ଯେଉଁ କୁଡୁଅ। ୧୦୦ ଟଙ୍କାରେ ମିଳୁଥିଲା, ତାହା ଏବେ ୨୦୦ ଟଙ୍କା, ୫୦ ଟଙ୍କାରେ ମିଳୁଥିବା ଡାଲମା କୁଡୁଅ। ୧୦୦ରୁ ୧୨୦ ଟଙ୍କା ପଡ଼ିଲାଣି। ଏହାର



ଅର୍ଥ ପ୍ରସାଦ ଦର ଡବଲରୁ ଅଧିକ ହେଲାଣି। ୫ ଟଙ୍କାର ଖଜା ୧୫ ଟଙ୍କା, ୧୫ ଟଙ୍କାର ପିଠା ୩୦ ଟଙ୍କା ଡେଇଁ ଗଲାଣି। ଓମଫେଡ୍ ଘିଅରେ ପ୍ରସ୍ତୁତ ହେବା ପରଠୁ ମହାପ୍ରସାଦ, ପିଠା ଓ ଖଜା ଦରରେ ଆଉ ଯେମିତି ହାତ ମାରି ହେଉନି। କାରଣ ମହାସୁଆର ନିଯୋଗର କହିବା କଥା, ପୂର୍ବରୁ ଯେଉଁ ଘିଅରେ ମହାପ୍ରସାଦ ପ୍ରସ୍ତୁତ ହେଉଥିଲା ତା'ର ଦାମ କିଲୋ ପିଛା ଦେଢଶହ ଟଙ୍କା ଥିଲା। ଏବେ ଓମଫେଡ୍ ଘିଅ କିଲୋ ପିଛା ୬ ଶହରୁ ଅଧିକ ଟଙ୍କାରେ କିଣିବାକୁ ପଡୁଛି। ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ଦରରେ ଓମଫେଡ୍ ଘିଅ ଯୋଗାଣ ପାଇଁ ଏହାର ପରିଚାଳନା ନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଛନ୍ତି କିନ୍ତୁ ଏ ପର୍ଯ୍ୟନ୍ତ ସେମାନଙ୍କ ଠାରୁ କୌଣସି ଉତ୍ତର ମିଳି ନାହିଁ। ଯାହା ଫଳରେ ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ଏସିଟିଓଙ୍କ ସହ ୨ ବ୍ୟବସାୟୀଙ୍କୁ ବାନ୍ଧିଲା ଭିଜିଲାନ୍ସ

**ଭୁବନେଶ୍ୱର,୧୨।୧୨(ମହାଭାରତ):** କ୍ଷମତାର ଦୁରୂପଯୋଗ କରି ଦୁଇ ଜଣ ବ୍ୟବସାୟୀଙ୍କ ସହ ମିଶି ୪.୦୩ କୋଟି ଟଙ୍କା ଭାଟ୍ ହେରଫେର କରିବା ମହଙ୍ଗା ପଡ଼ିଛି। ଜୟପୁରସ୍ଥିତ ଆସିଷ୍ଟାଣ୍ଟ କର୍ମସିଆଲ ଅଫିସର (ସହାୟକ ବାଣିଜ୍ୟକର ଅଧିକାରୀ) ଅବିନାଶ ପ୍ରଧାନ ଓ ଅନ୍ୟ ୨ଜଣ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀଙ୍କୁ ବ୍ୟବସାୟୀଙ୍କୁ ଆଜି ଭିଜିଲାନ୍ସ ଗିରଫ କରିଛି।

**୪ କୋଟିରୁ ଉର୍ଦ୍ଧ୍ୱ ଭାଟ୍ ହେରଫେର**

ଭିଜିଲାନ୍ସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଭୁବନେଶ୍ୱରସ୍ଥିତ ସିଟି ଆଣ୍ଡ ଜିଏସଟି ଅଫିସର ନିଜ କ୍ଷମତାର ଦୁରୂପଯୋଗ କରି ସରକାରୀ ଅର୍ଥ ତୋଷାରପାତ କରିଥିବାର ଅଭିଯୋଗ ହୋଇଥିଲା। ଯାହାର ତଦନ୍ତ କରି ଭିଜିଲାନ୍ସ ଜାଣିବାକୁ ପାଇଛି ଯେ, ସିଟି ଆଣ୍ଡ ଜିଏସଟି ଅଫିସରଙ୍କ ସହ ମିଶି ଦୁଇ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ ଓ ଦୀପ୍ତିକାନ୍ତ ଚୌଧୁରୀ ଜାଲି ଦସ୍ତାବିଜ ଦାଖଲ କରି ୪କୋଟି ୩ଲକ୍ଷ ୯ହଜାର ୭୨୩ଟଙ୍କା ଚଲୁ କରିଦେଇଛନ୍ତି। ୨୦୧୧ ଜୁନ ୧ରୁ ୩୦ ତାରିଖ ଓ ୨୦୧୨ ମାର୍ଚ୍ଚ ୧ରୁ ୩୧ତାରିଖ ମଧ୍ୟରେ ଆରେଭା ଟିଆଣ୍ଡଡି କମ୍ପାନୀର ମାଲିକ ବ୍ୟବସାୟୀ ଦୀପ୍ତିକାନ୍ତ ଚୌଧୁରୀ ୧କୋଟି ୨୩ଲକ୍ଷ ଟଙ୍କା ଏବଂ ଅନ୍ୟଜଣେ ବ୍ୟବସାୟୀ ସାତ୍ୟକୀ ପଟ୍ଟନାୟକ(ଅଲଷ୍ଟମ ଟିଆଣ୍ଡଡି କମ୍ପାନୀ ମାଲିକ) ୨୦୧୧ ଏପ୍ରିଲରୁ ୨୦୧୩ ମାର୍ଚ୍ଚ ୩୧ତାରିଖ ମଧ୍ୟରେ ୨କୋଟି ୮୦ଲକ୍ଷ ୯ହଜାର ୭୧୭ ଟଙ୍କାର ଭ୍ୟାଟ୍ ସଂକ୍ରାନ୍ତ ଜାଲ ଦସ୍ତାବିଜ ମେସର୍ସ ଜିଇଆଣ୍ଡଟିଡି ଇଣ୍ଡିଆ। ଲିଃ(ଏବେ ମେସର୍ସ ଜିଇ ଭେରୋନା) ପକ୍ଷରୁ ଦାଖଲ କରିଥିଲେ ।

ଭିଜିଲାନ୍ସ ଏନେଇ ଗତ ଦୁଇଦିନ ତଳେ ଡିସେମ୍ବର ୧୦ତାରିଖରେ ଏକ ମାମଲା ରୁଜୁ କରି ଏହି ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଅବିନାଶଙ୍କ ସମେତ ସାତ୍ୟକୀ ଓ ଦୀପ୍ତିକାନ୍ତଙ୍କୁ ଗିରଫ କରିଥିବାବେଳେ ଏହି ମାମଲାରେ ଅନ୍ୟ କେଉଁ ବ୍ୟକ୍ତିମାନେ ସମ୍ପୃକ୍ତ ଅଛନ୍ତି ତାର ଖୋଳତାଡ଼ କରୁଛି। ଏହି ୩ଜଣଙ୍କୁ ଗିରଫ କରି ଆଜି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଥିଲା। ଅବିନାଶ ଏବେ ଜୟପୁରରେ ସହାୟକ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି।

# 'ୱାନ୍ ନେସନ୍, ୱାନ୍ ଇଲେକ୍ସନ'କୁ ମିଳିଲା କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୨।୧୨(ମହାଭାରତ):** ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପ୍ରସ୍ତୁତିରେ ଆଉ ପାଦେ ଆଗେଇଛନ୍ତି କେନ୍ଦ୍ର ସରକାର। ଆଜି କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ବିଲ୍‌କୁ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି। ଏହାପରେ ଏହି ବିଲ୍ ସଂସଦରେ ଚଳିତ ଶୀତକାଳୀନ ଅଧିବେଶନରେ ଉପସ୍ଥାପିତ ହୋଇପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହା ପୂର୍ବରୁ ଚଳିତବର୍ଷ ସେପ୍ଟେମ୍ବର ୧୮ ତାରିଖରେ ମୋଦି କ୍ୟାବିନେଟ୍ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ପ୍ରସ୍ତାବକୁ ଅନୁମୋଦନ କରିଥିଲା। ବିଗତ କିଛି ମାସ ହେଲା ଏହି ଯୋଜନାର ସଫଳ ରୂପାୟନ ପାଇଁ ମୋଦି ସରକାର ଜୋର ଦେଉଛନ୍ତି। ବର୍ତ୍ତମାନର ନିର୍ବାଚନ ବ୍ୟବସ୍ଥାରେ ଅତ୍ୟଧିକ ଅର୍ଥ ଏବଂ ସମୟ ନଷ୍ଟ ହେଉଛି ବୋଲି ସରକାର ଯୁକ୍ତି ରଖିଛନ୍ତି। ତେଣୁ ଏକା ସାଙ୍ଗରେ ସାରା ଦେଶରେ ନିର୍ବାଚନ ହୋଇପାରିଲେ ଅର୍ଥ ଓ ମାନବସମ୍ବଳର ଖର୍ଚ୍ଚ କମ ହୋଇପାରିବ। 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ'କୁ ବାସ୍ତବ ରୂପ ଦେବା ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଗୋଟିଏ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା ।

# ୭ ନକ୍ସଲ ନିପାତ୍

**ମାଲକାନଗିରି,୧୨।୧୨(ମହାଭାରତ):** କିଛି ଦିନ ଧରି ନିରୀହ ଲୋକଙ୍କୁ ମାଓବାଦୀମାନେ ଟାର୍ଗେଟ୍ କରିବା ପରେ ଏହାର ଜବାବ ଦେଇଛନ୍ତି ଯବାନ। ଛତିଶଗଡ଼ରେ ବଡ଼ ଏନ୍‌କାଉଣ୍ଟର ପୁଲିସକୁ ମିଳିଲା ବଡ଼ ସଫଳତା ମିଳିଛି। ନକ୍ସଲ ପ୍ରଭାବିତ ଅଞ୍ଚଳ ନାରାୟଣପୁର ଜିଲ୍ଲାରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୭ ଜଣ ନକ୍ସଲ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ମାଓବାଦୀ ଥିବା ଜଣାପଡିଛି। ଆଜି ସକାଳୁ ଜିଲ୍ଲାର ଦକ୍ଷିଣ ଅବୁଝମାଡ଼ ଜଙ୍ଗଲରେ ପୁଲିସ ଓ ନକ୍ସଲ ମୁହାଁମୁହିଁ ହୋଇଥିଲେ। ଏଥିରେ ସୁରକ୍ଷାବାହିନୀ ଗୁଳିରେ ୭ ଜଣ ନକ୍ସଲ ନିହତ ହୋଇଥିବା ବସ୍ତର ଆଇଜି ପି. ସୁନ୍ଦରାଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଚଳିତ ମାସ ୧୦ ତାରିଖରୁ ନାରାୟଣପୁର, ଦନ୍ତେୱାଡା, ଜଗଦଲପୁର ଏବଂ କୋଣ୍ଡାଗାଁବ ଜିଲ୍ଲାରୁ ଜିଲ୍ଲା ରିଜର୍ଭ ଫୋର୍ସ '' ଡିଆରଜି, ଏସ୍‌ଟିଏଫ (ସ୍ପେଶାଲ୍ ଟାସ୍କ ଫୋର୍ସ) ଏବଂ ସିଆରପିଏଫ (ସେଣ୍ଟ୍ରାଲ୍ ରିଜର୍ଭ ପୁଲିସ୍ ଫୋର୍ସ)ର ମିଳିତ ଟିମ୍ ନକ୍ସଲ ବିରୋଧୀ ଅପରେସନ ଆରମ୍ଭ କରିଛି। ଏମାନଙ୍କୁ ଦକ୍ଷିଣ ଅବୁଝମାଡ଼ ଅଞ୍ଚଳ ଭିତରକୁ ପଠାଯାଇଥିଲା। ଏଠାରେ ନକ୍ସଲମାନେ ଲୁଚି ରହିଥିବା ସୂଚନା ମିଳିଥିଲା। ଆଜି ଭୋର ୩ଟା ବେଳେ ସୁରକ୍ଷାବାହିନୀ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଚଳାଇଥିବା ବେଳେ ନକ୍ସଲମାନେ ତାଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଥିଲେ। ଏହା ପରେ ସୁରକ୍ଷା ବାହିନୀ ମଧ୍ୟ ଏହାର ମୁହଁତୋଡ ଜବାବ ଦେଇଥିଲେ। ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଏବେବି ଗୁଳି ବିନିମୟ ଜାରି ରହିଛି। ସୁରକ୍ଷା ବାହିନୀ ଏପର୍ଯ୍ୟନ୍ତ ଘଟଣାସ୍ଥଳରୁ ୭ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରିଛନ୍ତି।



# ୧୬ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୧୨।୧୨(ମହାଭାରତ):** ଆସନ୍ତା ୧୬ ତାରିଖ (ସୋମବାର)ରେ ୟୁନିଟ୍-୫ ,ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଗତ ତା.୨୮.୧୦.୨୦୨୪ ରିଖ ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ହେବ ଏବଂ ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ । ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା । ଏହି ଦିନ ପାଇଁ ଅନ୍ୟମାନଙ୍କୁ ପଞ୍ଜୀକରଣ ନ କରିବାକୁ ଅନୁରୋଧ କରାଯାଇଛି।

# ଅବକାରୀ ଏସ୍‌ଆଇ ସସ୍‌ପେଣ୍ଡ

**ପାରାଦୀପ, ୧୨।୧୨ (ମହାଭାରତ) :** ଚୋରା ଗଞ୍ଜେଇ ଓ ମଦ କାରବାରକୁ ପ୍ରୋତ୍ସାହିତ କରି କୋଟି କୋଟି ଟଙ୍କାର ସମ୍ପତ୍ତି କରିଥିବା ଅଭିଯୋଗରେ ପାରାଦୀପ ଅବକାରୀ ସବଇନ୍ସପେକ୍ଟର ଜ୍ୟୋତିରଞ୍ଜନ ସେନାପତିଙ୍କୁ ଅବକାରୀ କମିଶନର ସସ୍‌ପେଣ୍ଡ କରିଛନ୍ତି।

ଗତ ମାସକ ତଳେ କୁଜଙ୍ଗ ଅଞ୍ଚଳର ବାଲିତରି ଗାଁରେ ବ୍ୟାପକ ଚୋରା ଗଞ୍ଜେଇ କାରବାର ସମ୍ପର୍କରେ ଖବର ପ୍ରକାଶିତ ହେବା ପରେ ପାରାଦୀପ ଅବକାରୀ ବିଭାଗ ପକ୍ଷରୁ ସେହି ଗାଁରେ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ସଂପୃକ୍ତ ବ୍ୟକ୍ତିଙ୍କ ଘରୁ ଲକ୍ଷ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ ମଧ୍ୟ କରାଯାଇଥିଲା। କିନ୍ତୁ ଏହି ତଦନ୍ତର ନେତୃତ୍ୱ ନେଇଥିବା ଅବକାରୀ ସବଇନ୍ସପେକ୍ଟର ଶ୍ରୀ ସେନାପତି ଏହି ଗଞ୍ଜେଇକୁ ଚୋରା ମଦ ବୋଲି ଦର୍ଶାଇ ଅଭିଯୁକ୍ତକୁ ଖସାଇ ଦେବା ପାଇଁ ତା ଠାରୁ ବିପୁଳ ପରିମାଣର ଅର୍ଥ ଲାଞ୍ଚ ନେଇଥିଲେ। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଏବଂ ବିଭିନ୍ନ ଫୋରମ ତଥା ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା। ରାଜ୍ୟ ଅବକାରୀ କମଶନର ନରସିଂହ ଭୋଳ ଏହି ଘଟଣାର ତଦନ୍ତ କରି ଅଭିଯୋଗର ସତ୍ୟତା ଥିବା ଜାଣିବାକୁ ପାଇଥିଲେ। ଯାହା ଫଳରେ ସଂପୃକତ ଅବକାରୀ ସବଇନ୍ସପେକ୍ଟରଙ୍କୁ ସସ୍‌ପେଣ୍ଡ କରାଯାଇଛି। ତାଙ୍କ ସହିତ ଯେଉଁ କର୍ମଚାରୀ ମାନେ ଏହି କାରବାରରେ ସଂପୃକ୍ତ ଅଛନ୍ତି ସେମାନଙ୍କ ମୁଣ୍ଡ ଉପରେ ଏବେ ଖଣ୍ଡା ଝୁଲୁଛି। ତଦନ୍ତ ଚାଲୁ ରହିଛି।

# ପୁରୁଣା ସ୍ଥାନକୁ ଫେରିବ ବିରଜା ହାଟ

**ଯାଜପୁର,୧୨।୧୨(ମହାଭାରତ):**ବହୁ ବାଦବିବାଦ ପରେ ଆସନ୍ତା ରବିବାର ଠାରୁ ବିରଜା ହାଟ ପୂର୍ବ ସ୍ଥାନରେ ଖୋଲିବ ବୋଲି ସ୍ଥିର ହୋଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏକ ବୈଠକରେ ଏହି ନିଷ୍ପତ୍ତି ନିଆଯିବା ସହ ଯାଜପୁର ଜିଲ୍ଲାପାଳ ବିଭିନ୍ନ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସୂଚନା ଅନୁଯାୟୀ ବିରଜା ମନ୍ଦିରର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯିବା ସହ ହାଟ ପାଇଁ ଜମି ରହିଛି। ଆବଶ୍ୟକ ପଡିଲେ ହାଟ ପାଇଁ ଆଉ କିଛି ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବିରଜା ମନ୍ଦିର ଓ ବିରଜା ହାଟ ମଧ୍ୟରେ ଏକ ପାର୍କିଙ୍ଗ ସ୍ଥାନ ରଖାଯିବ। ଉକ୍ତ ସ୍ଥାନରେ ମନ୍ଦିରକୁ ଆସୁଥିବା ଯାତ୍ରୀ ନିଜ ନିଜର ଗାଡି ରଖିବା ସହ ହାଟକୁ ଆସୁଥିବା ଲୋକ ଓ ବ୍ୟବସାୟୀ ମାନେ ସେମାନଙ୍କର ଗାଡି ରଖିବେ। ଆଗାମୀ ଦିନରେ ଉକ୍ତ ସ୍ଥାନରେ ଏକ ହାଇଟେକ ହାଟ ନିର୍ମାଣ କରାଯିବ। ହାଟକୁ ଆସୁଥିବା ଚାଷୀ ଓ ଅନ୍ୟ ବ୍ୟବସାୟୀଙ୍କ ସୁବିଧା ପାଇଁ ସେଠାରେ ପିଣ୍ଡି , ଘର ଓ ଶୌଚାଳୟମାନ ନିର୍ମାଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।

ଗତ ୨୦୨୪ ଜାନୁଆରୀ ୧୧ ତାରିଖରେ ବିରଜା ହାଟଟି ସ୍ଥାନୀୟ ସନ୍ଥ ମାଧବ ଛକ ନିକଟକୁ ସ୍ଥାନାନ୍ତର କରାଯାଇ ପୂର୍ବରୁ ହାଟ ଚାଲିଥିବା ସ୍ଥାନରେ ବିରଜା ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ବ୍ୟବସାୟୀ ମାନେ ଏହାକୁ ବିରୋଧ କରିବା ସହ ପୂର୍ବ ସ୍ଥାନରେ ହାଟ ଚାଲିବା ପାଇଁ ଜିଦ୍ ଧରି ବସିଥିଲେ। ଫଳରେ ଅନ୍ୟ ଏକ ଗୋଷ୍ଠୀ ଏହାକୁ ବିରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ ଯଦି ପୁରୁଣା ସ୍ଥାନରେ ହାଟ ଚାଲିବ। ତେବେ ବିରଜା ପ୍ରକଳ୍ପ କାର୍ଯ୍ୟରେ ବାଧା ସୃଷ୍ଟି ହେବ। ତେଣୁ ସନ୍ଥମାଧବ ଛକରେ ହାଟ ଖୋଲିବା ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି। ଏପରିକି କିଛି ଦିନ ଏହି ହାଟ ସନ୍ଥ ମାଧବ ଛକରେ ଚାଲିଥିଲେ ମଧ୍ୟ ଅଧିକାଂଶ ବ୍ୟବସ୍ଥାୟୀ ସନ୍ଥମାଧବ ଛକ ନିକଟରେ ଖୋଲାଯାଇଥିବା ହାଟକୁ ନଯାଇ ନିଜ ଜିଦରେ ଅଟଳ ରହିଥିଲେ। ଫଳରେ ଗତ ନଭେମ୍ବର ୨୧ ତାରିଖ ଦିନ ପୂର୍ବରୁ ଚାଲିଥିବା ସ୍ଥାନରେ ହାଟ ଖୋଲିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଯାହାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଧାନ ସଂଗ୍ରହ : ଉପକୃତ ହେବେ ୧୭ ଲକ୍ଷ ଚାଷୀ

**ଭୁବନେଶ୍ୱର, ୧୨।୧୨ (ମହାଭାରତ):** ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ, ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଏଣୁ, ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷାରୁ ଜଣାଯାଇଛି ଯେ, ଚଳିତ ମାସ ୧୧ ତାରିଖ ସୁଦ୍ଧା ବରଗଡ, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯିବ। ସମୀକ୍ଷାରେ ଭର୍ଚୁଆଲ ମୋଡ଼ରେ ଯୋଗଦେଇଥିବା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସୋସାଇଟି ସ୍ତରୀୟ ଧାନ କିଣା କମିଟି ଗୁଡିକୁ ଆହୁରି ସକ୍ରୀୟ କରିବା ପାଇଁ ସେ କହିଥିଲେ। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେବା ସହିତ ଚାଷୀ ମାନଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ୩୦ ଜରୁରୀକାଳୀନ ପ୍ରଶମନ ସହାୟତା ଯାନ ଲୋକାର୍ପିତ

**ଭୁବନେଶ୍ୱର,୧୨।୧୨(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଟକ-ଭୁବନେଶ୍ୱର କମିଶନରେଟ ପୋଲିସ ପାଇଁ ଇମର୍ଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ (ଇଆରଏସଏସ) ଯୋଜନାରେ ୩୦ଟି ଜରୁରୀକାଳୀନ ପ୍ରଶମନ ସହାୟତା ଯାନର ଲୋକାର୍ପଣ କରିଛନ୍ତି। ଇଆରଏସଏସ ଯୋଜନା ହେଉଛି ଏକ କେନ୍ଦ୍ର ସରକାରଙ୍କ ଯୋଜନା ଦିଲ୍ଲୀର ନିର୍ଭୟା କାଣ୍ଡ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୯ ମସିହାରେ ଜରୁରୀକାଳୀନ ପରିସ୍ଥିତିରେ ପୋଲିସର ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଏହି ଯୋଜନା ଆରମ୍ଭ କରିଥିଲେ।

ପୋଲିସ କମିଶନରେଟ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ୩୦ଟି ନୂଆ ଯାନ ପୋଲିସଙ୍କ କାର୍ଯ୍ୟ ଦକ୍ଷତାକୁ ସୁଦୃଢ଼ କରିବ। ଏଗୁଡିକ ସାଧାରଣ ଗାଡି ନୁହେଁ ଏଗୁଡିକ ହେଉଛି ଗୋଟିଏ ଗୋଟିଏ ସୁରକ୍ଷା ରଥ ଏଗୁଡିକ ହେଉଛି ନ୍ୟାୟର, ଶୃଙ୍ଖଳାର, ଭୟମୁକ୍ତ ବାତାବରଣର ଓ ଅପରାଧମୁକ୍ତ ସମାଜର ପ୍ରତୀକ। ଏହି ଗାଡିଗୁଡିକ ଯେତିକି ଗଡିବ ଲୋକମାନେ ସେତିକ ନ୍ୟାୟ ପାଇବେ



ଓ ସେମାନଙ୍କ ଆତ୍ମବିଶ୍ୱାସ ବଢିବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପୋଲିସ ବାହିନୀକୁ ଆହୁରି ସଶକ୍ତ କରିବା ପାଇଁ ଗୃହ ବିଭାଗରେ ପ୍ରାୟ ୧୦ ହଜାର ପଦବୀ ଖୁବ୍ ଶୀଘ୍ର ପୂରଣ କରାଯିବ। ଗୃହରକ୍ଷୀମାନେ ହେଉଛନ୍ତି ପୋଲିସର ଏକ ଅଭିନ୍ନ ଅଙ୍ଗ। ଆମ ରାଜ୍ୟରେ ଗୃହରକ୍ଷୀମାନେ ବହୁତ ଭଲ କାମ କରୁଛନ୍ତି। ୨୦୨୦ ଠାରୁ ଗୃହରକ୍ଷୀ ନିଯୁକ୍ତି ଉପରେ ଯେଉଁ କଟକଣା ଲଗା ଯାଇଥିଲା। ତାହାକୁ ଉଠାଇ ଦିଆଯାଇଛି। ଖୁବଶୀଘ୍ର ଖାଲିଥିବା ୨୪୧୬ଟି ପଦବୀ ସହିତ ୨୫୮୪ଟି ନୂତନ ପଦବୀ ସୃଷ୍ଟି କରାଯିବ। ସମୁଦାୟ ୫ ହଜାର ଗୃହରକ୍ଷୀ ପଦବୀ ପୂରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ଗୃହରକ୍ଷୀମାନଙ୍କର ଦୈନିକ ଭତ୍ତା ବୃଦ୍ଧି ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ଇଆରଏସଏସ ଯୋଜନାରେ ଆଜି ପୋଲିସ କମିଶନରେଟରେ ଲୋକାର୍ପିତ ହୋଇଥିବା ୩୦ଟି ଯାନ ମଧ୍ୟରୁ ଭୁବନେଶ୍ୱର ସହରରେ ପାଇଁ ୨୨ଟି ଏବଂ କଟକରେ ୮ଟି ଗାଡି କାର୍ଯ୍ୟ କରିବ। ପୂର୍ବରୁ ଅଚଳ ହୋଇଥିବା ପିସିଆର ଗାଡି ଗୁଡିକ ବଦଳରେ ଏହି ନୂତନ ଯାନ ମଧ୍ୟ କାର୍ଯ୍ୟ କରିବ। ଏହି ଯୋଜନା ଦ୍ୱାରା ପୋଲିସ ବ୍ୟବସ୍ଥାର ସୁଦୃଢ଼ିକରଣ ହେବା ସହ ସୁରକ୍ଷା ବାତାବରଣ ସୃଷ୍ଟି ହେବ। ଏଥିସହିତ ଆଗାମୀ ଦିନରେ ପେଟ୍ରୋଲିଂ, ଅପରାଧୀ ଏବଂ ପୀଡିତଙ୍କ ପାଖରେ ତୁରନ୍ତ ପହଞ୍ଚିବା ପାଇଁ ପୋଲିସକୁ ହାଇ ସ୍ପିଡ ଗାଡି ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ରାଜ୍ୟ ସରକାର ପୋଲିସର ସାମର୍ଥ୍ୟ ଓ ଶକ୍ତି ବୃଦ୍ଧି ପାଇଁ ସମସ୍ତ ପ୍ରକାର ପ୍ରୟାସ ଜାରି ରଖିଛନ୍ତି। ସମାଜରେ ଲୋକମାନଙ୍କ ପାଇଁ ଆପଣମାନେ ଜଣେ ଜଣେ ସାହାଯ୍ୟକାରୀ ବନ୍ଧୁ ଭାବେ କାମ କରି ପୋଲିସର ଭାବମୂର୍ତ୍ତୀ ଆହୁରି ଉଚ୍ଚ ସ୍ତରକୁ ନିଅନ୍ତୁ।

## ଦେଶୀ ଆଳୁ ଚିକେନ୍ ବରା



**ଆବଶ୍ୟକ ସାମଗ୍ରୀ:** ଦେଶୀ ଆଳୁ ବା ଖମ୍ବଆଳୁ, ଚିକେନ୍ କିମ୍ବା କଷା, ବେସନ, ବିସ୍କୁଟ ଗୁଣ୍ଡ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ,ସ୍ୱାଦ ଅନୁସାରେ ଲୁଣ ଏବଂ ତେଲ ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ଦେଶୀ ଆଳୁ ବା ଖମ୍ବ ଆଳୁକୁ କାଟି ଲୁଣ ଦେଇ ସିଝାଇ ଦିଅନ୍ତୁ । ସେହିପରି ଚିକେନ୍ କିମାକୁ ମଧ୍ୟ ମସଲା ଦେଇ କଷି ଦିଅନ୍ତୁ । ଦେଶୀ ଆଳୁ ସିଝି ଗଲା ପରେ ସେଥିରେ ବେସନ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜୀରା ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ ଓ ଚିକେନ୍ କଷା ପକାଇ ଭଲ ଭାବେ ଚକଟନ୍ତୁ । ତା'ପରେ ଏହି ଚକଟାକୁ ଗୋଲ ଗୋଲ କରି ବରାର ଆକାର ଦିଅନ୍ତୁ ଓ ଏହାପରେ ବିସ୍କୁଟ ଗୁଣ୍ଡର ପ୍ରଲେପ ଦେଇ ତେଲରେ ଛାଣି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଦେଶୀ ଆଳୁ ଚିକେନ୍ ବରା' ।

## ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ



ବୁଦ୍ଧଙ୍କ ଜଣେ ଶିଷ୍ୟ ନିଜ ଗୁରୁଙ୍କ ବାର୍ତ୍ତା ଦୂର ଦୂର ପର୍ଯ୍ୟନ୍ତ ପ୍ରଚାର କରିବାକୁ ଚାହୁଁଥିଲା । ସେଥିପାଇଁ ସେ ଏକ ଯାତ୍ରାରେ ଯିବାକୁ ଚାହୁଁଥିଲା। ବୁଦ୍ଧ ତାକୁ ପଚାରିଲେ, ତୁମେ କେଉଁଠିକୁ ଯାଉଛ, କେଉଁ ଦିଗରେ, କେଉଁ ଅଞ୍ଚଳକୁ ? ଶିଷ୍ୟ ଜଣକ ଉତ୍ତର ଦେଲା, ମୁଁ ଏକ ଦୂର ରାଜ୍ୟକୁ ଯାଉଛି, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ। ଆଜି ଯାଏ ସେଠାକୁ ଆପଣଙ୍କ କୌଣସି ଶିଷ୍ୟ ଯାଇନାହାନ୍ତି।

ବୁଦ୍ଧ କହିଲେ, ଯିବା ପୂର୍ବରୁ ତୁମକୁ ପରୀକ୍ଷା ଦେବାକୁ ପଡ଼ିବ। ତୁମକୁ ମୋର ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମ, ତୁମେ ଭଲ ଭାବେ ଜାଣ ଯେ ସେଠାକୁ ଯିବା ତୁମ ପାଇଁ ବିପଦ ହୋଇପାରେ । ସେହି ପ୍ରଦେଶର ଲୋକମାନେ ହିଂସାତ୍ମକ ହୋଇପାରନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ହତ୍ୟାକାରୀ ହୋଇପାରନ୍ତି । ଏହି କାରଣରୁ ଏଯାଏଁ କେହି ସେମାନଙ୍କ ପାଖକୁ ଯାଇନାହାଁ। ଯଦି ସେମାନେ ତୁମକୁ ଅପମାନିତ କରିବେ, ତୁମେ କିପରି ଅନୁଭବ କରିବ ? ଶିଷ୍ୟ ଜଣକ କହିଲା, ଆପଣ ମୋ ବିଷୟରେ ସବୁକିଛି ଜାଣନ୍ତି । ଆପଣ ମୋ ହୃଦୟକୁ ମଧ ଭଲ ଭାବେ ବୁଝିପାରନ୍ତି, କାରଣ ଆପଣ ହିଁ ମୋ ହୃଦୟରେ ଅଛନ୍ତି। ଯଦି ସେଠାରେ ମୁଁ ଅପମାନିତ ହୁଏ, ତା'ହେଲେ ମୋ ହୃଦୟର ଗଭୀରତମ କୋଣରୁ ସେମାନଙ୍କୁ କୃତଜ୍ଞତା ଜଣାଇବି । ଏଥିପାଇଁ ଯେ, ସେମାନେ ମୋତେ ମାଡ଼ ମାରିବା ବଦଳରେ କେବଳ ଅସମ୍ମାନିତ କରିଛନ୍ତି । ବୁଦ୍ଧ ଦ୍ୱିତୀୟ ପ୍ରଶ୍ନ ପଚାରିଲେ, ସେମାନେ ତୁମକୁ ମାଡ଼ ମାରିପାରନ୍ତି, ସେତେବେଳେ ତୁମେ କ'ଣ କରିବ? ଶିଷ୍ୟ କହିଲା, ଆପଣ ଭଲ ଭାବେ ଜାଣନ୍ତି ଯେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଅଧିକ ନିବିଡ଼ ଭାବେ ଜଣାଇବି। କାରଣ ସେମାନେ କେବଳ ମୋତେ ମାଡ଼ ମାରିଛନ୍ତି, ମୋର ହତ୍ୟା ବି କରିପାରିଥାନ୍ତେ । ବୁଦ୍ଧ ତୃତୀୟ ପ୍ରଶ୍ନ ପଚାରିଲେ, ଯଦି ସେମାନେ ତୁମକୁ ହତ୍ୟା କରନ୍ତି ? ଶିଷ୍ୟ କହିଲା, ଯଦି ସେମାନେ ମୋତେ ମାରି ଦିଅନ୍ତି, ଜୀବନର ଶେଷ କ୍ଷଣରେ ମଧ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବି। କାରଣ ସେମାନେ ମୋତେ ମାରିବା ଦ୍ୱାରା ମୋ ଶରୀରରୁ ଜୀବନକୁ ଅଲଗା କରିଦେବେ । ସେଇ ଜୀବନ, ଯେଉଁଥିରେ ମୁଁ ଅନେକ ଗୁଡ଼ିଏ ଭୁଲ କରିଛି । ଆଗକୁ ମୁଁ କେବେ କୌଣସି ଭୁଲ କରିପାରିବି ନାହିଁ । ମୁଁ ଭାବିବି ଯେ ସେମାନେ ମୋ ମିତ୍ର। କାରଣ ସେମାନେ ମୋତେ ବନ୍ଧନ ମୁକ୍ତ କରିଛନ୍ତି । ଏହା ପରେ ବୁଦ୍ଧ କହିଲେ, ଏବେ ତୁମେ ଯେଉଁଠି ଚାହୁଁଛ ସେଇଠିକି ଯାଇପାର । ତୁମେ ଯୁଆଡ଼େ ବି ଯିବ ମୋ ଆଦର୍ଶର ପ୍ରଚାର ଦିଗରେ ସଫଳ ହୋଇପାରିବ । ତୁମେ ପ୍ରେମ ଓ କରୁଣା ବାଣ୍ଟିବାରେ ସଫଳ ହୋଇପାରିବ । ତୁମେ ଲୋକଙ୍କୁ ଜାଗୃତ କରିବାରେ ସହାୟକ ହୋଇପାରିବ । ଏହି କଥାର ମର୍ମ ହେଉଛି, ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ ବଳରେ ଅସମ୍ଭବ କାର୍ଯ୍ୟକୁ ମଧ ସମ୍ଭବ କରିପାରିବ।

## ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର। ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ ମହତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ଆପଣେଇଲେ ଆର୍ଥିକ ସମସ୍ୟା ଦୂର ହେବାସହ ବାସ୍ତୁଦୋଷ ମଧ ଦୂର ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ ମାଠିଆର ଅନେକ ଗୁରୁ[illegible] ରହିଛି। ମାଠିଆ ସମ୍ବନ୍ଧୀୟ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।

୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।

୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ୱ ରହିଛି।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ



କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ଜ୍ୱରର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

## ଶରୀରର ପାଇଁ ଲାଭଦାୟକ ହୋଇଥାଏ ଗୋଲମରିଚ

ଗୋଲମରିଚରେ ଅନେକ ଉପକାରିତା ରହିଛି କିନ୍ତୁ ଖୁବ୍ କମ ଲୋକ ଏହା ବିଷୟରେ ଜାଣନ୍ତି । ଗୋଲମରିଚ ଯାହା ସର୍ବଦା ରୋଷେଇ ଘରେ ରହିଥାଏ । ତାହା କେବଳ ମସଲାରରେ ବ୍ୟବହାର କରାଯାଏ ନାହିଁ ବରଂ ଏଥିରେ ଅନେକ ଔଷଧୀୟ ଗୁଣ ମଧ ରହିଥାଏ । ଯଦି ସକାଳେ ଖାଲି ପେଟରେ ଉଷୁମ ପାଣିରେ ଗୋଲମରିଚ ଖାଇଥାନ୍ତି, ତେବେ ଏହା ଆମ ଶରୀରକୁ ବହୁତ ଲାଭ ଦେଇଥାଏ । ତେବେ ଚାଲନ୍ତୁ ଜାଣିବା ଗୋଲ ମରିଚର ବିଭିନ୍ନ ଉପକାରିତା ବିଷୟରେ



କ୍ଷମତା ବଢାଇଥାଏ – ଉଷୁମ ପାଣି ସହିତ ଗୋଲମରିଚ ଖାଇବା ଦ୍ୱାରା ଶରୀରର କ୍ଷମତା ବଢିଥାଏ । ଶରୀରରେ ଜଳର ଅଭାବକୁ ନିୟନ୍ତ୍ରଣ କରିବା ସହିତ ଭିତରେ ଥିବା ଅମ୍ଳତା ସମସ୍ୟାକୁ ମଧ ସମାପ୍ତ କରିଥାଏ ।

ଚର୍ବି କମାଇଥାଏ – ଗୋଲମରିଚକୁ ଉଷୁମ ପାଣି ସହିତ ଖାଇବା ଦ୍ୱାରା ଶରୀରରେ ବଢୁଥିବା ଚର୍ବିକୁ ହ୍ରାସ କରିଥାଏ ।

କୋଷ୍ଠକାଠିନ୍ୟରୁ ମୁକ୍ତି ଦେଇଥାଏ – କୋଷ୍ଠକାଠିନ୍ୟ ରୋଗୀଙ୍କ ପାଇଁ ଗୋଲମରିଚ ଖାଇବା ଅତ୍ୟନ୍ତ ଲାଭଦାୟକ ।ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଏକ କପ୍ ପାଣିରେ ଲେମ୍ବୁ ରସ, ଗୋଲମରିଚ ଗୁଣ୍ଡ ଏବଂ ଲୁଣ ମିଶାଇ ଏହାକୁ ପିଇବା ଦ୍ୱାରା କିଛି ଦିନ ମଧ୍ୟରେ ଗ୍ୟାସ୍ ଏବଂ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

ଥଣ୍ଡାରୁ ମୁକ୍ତି ଦେଇଥାଏ – ଗରମ କ୍ଷୀରରେ ମିଶ୍ରିତ ଗୋଲମରିଚ ମିଶାଇ ପିଇବା ଦ୍ୱାରା ଥଣ୍ଡାରୁ ଆରାମ ଦେଇଥାଏ । ଏହା ବ୍ୟତୀତ, ବାରମ୍ବାର ଥଣ୍ଡା କିମ୍ବା କ୍ରମାଗତ ଭାବରେ ଛିଙ୍କ ଆସୁଥିଲେ, ତେବେ ପ୍ରତିଦିନ ଗୋଲ ମରିଚ ସଂଖ୍ୟାକୁ ଏକରୁ ପନ୍ଦର ପର୍ଯ୍ୟନ୍ତ ବୃଦ୍ଧି କରି ଖାଇବା ଆରମ୍ଭ କରନ୍ତୁ ଏବଂ ତା'ପରେ ପ୍ରତିଦିନ ପନ୍ଦରରୁ ଏକକୁ ହ୍ରାସ କରନ୍ତୁ । ଏହା କରିବା ଦ୍ୱାରା ଆପଣ ଥଣ୍ଡା ସମସ୍ୟାରୁ ମୁକ୍ତି ପାଇପାରିବେ ।

## ରାମାୟଣ : ସହଯୋଗୀଙ୍କୁ ଅଧିକାର ପ୍ରଦାନ



ସାଧାରଣତଃ ଦେଖାଯାଏ ଯେ କୌଣସି ସଂସ୍ଥାରେ ବସ୍ ହିଁ ସମସ୍ତ ନିର୍ଣ୍ଣୟ ନେଇଥାନ୍ତି, କର୍ମଚାରୀ କେବଳ ମୁନିବଙ୍କ ଯୋଜନା ଅନୁଯାୟୀ କାମ କରିଥାନ୍ତି । ଏଭଳି ସ୍ଥିତିରେ ଦେଖାଯାଏ ଯେ କର୍ମଚାରୀ କୌଣସି ଦାୟିତ୍ୱ ନେଇନଥାନ୍ତି । କାମ ଖରାପ ହେଉଥିଲେ କିମ୍ବା ନହେଉଥିଲେ ବି ସେମାନେ ନିଜ ବୁଦ୍ଧି ଖଟାଇନଥାନ୍ତି । କେବଳ ମୁନିବଙ୍କ ଆଜ୍ଞା ପାଳନ କରିବା ଲାଗି ଯେନତେନ ପ୍ରକାରେ କାମ ସାରିଦେବାକୁ ଚେଷ୍ଟା କରିଥାନ୍ତି । ଫଳରେ ସଂସ୍ଥାର କ୍ଷତି ହୋଇଥାଏ । କିନ୍ତୁ ପ୍ରକୃତ ପରିଚାଳକ ସେଇ, ଯିଏ ନିଜ କର୍ମଚାରୀମାନଙ୍କୁ କାମ କରିବାର ଦାୟିତ୍ୱ ସହିତ ନିଷ୍ପତ୍ତି ତଥା ନିର୍ଣ୍ଣୟ ନେବାର ସ୍ୱାଧୀନତା ଦେଇଥାଏ । ଏହାଦ୍ୱାରା କର୍ମଚାରୀ ଅଧିକ ଦାୟିତ୍ୱସମ୍ପନ୍ନ ହୋଇ କାମ କରିଥାଏ । ନିଜ ସହଯୋଗୀ, ମିତ୍ର, ସମ୍ପର୍କୀୟ, କର୍ମଚାରୀଙ୍କ ଉପରେ ଭରସା ରଖି ସେମାନଙ୍କୁ କୌଣସି ଦାୟିତ୍ୱ ଦିଆଗଲେ ପରିଣାମ ନିଶ୍ଚିତ ରୂପେ ଭଲ ହୋଇଥାଏ । ଅନ୍ୟ ଉପରେ ଭରସା କରିବାକୁ ହେଲେ ପ୍ରଥମେ ଭଗବାନଙ୍କ ଉପରେ ଭରସା ରଖିବାକୁ ହେବ । ରାମାୟଣରୁ ଆମକୁ ଏହି ଶିକ୍ଷା ମିଳିଥାଏ ।

ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ବାନରରାଜ ସୁଗ୍ରୀବଙ୍କୁ ଦାୟିତ୍ୱ ଦେଇଥିଲେ ପ୍ରଭୁ ଶ୍ରୀରାମ । ସୁଗ୍ରୀବଙ୍କୁ ପ୍ରତ୍ୟେକ ନିଷ୍ପତ୍ତି ନେବା ଲାଗି ସ୍ୱାଧୀନତା ଦେଇଥିଲେ । ସୁଗ୍ରୀବଙ୍କୁ ପ୍ରଭୁ ଶ୍ରୀରାମ ଯାହା କହିଥିଲେ, ତାହାକୁ ବର୍ଣ୍ଣନା କରି ଶ୍ରୀରାମଚରିତ ମାନସରେ ଗୋସ୍ୱାମୀ ତୁଳସୀ ଦାସ ଲେଖିଛନ୍ତି, "ଅବ ସୋଇ ଜତନୁ କରହୁ ମନ ଲାଇ । ଜୋହି ବିଧି ସୀତା କେ ସୁଦ୍ଧି ପାଇ।" ଅର୍ଥାତ୍ ନିଜ ବୁଦ୍ଧିରେ ଏପରି ଉପାୟ କର, ଯାହାଦ୍ୱାରା ଦେବୀ ସୀତାଙ୍କୁ ଖୋଜିବା ସମ୍ଭବ ହୋଇପାରିବ । ଶ୍ରୀରାମଙ୍କ ଠାରୁ ନିଷ୍ପତ୍ତି ନେବାର ସ୍ୱତନ୍ତ୍ରତା ପାଇ ସୁଗ୍ରୀବ ଦେବୀ ସୀତାଙ୍କ ସନ୍ଧାନ ନିମନ୍ତେ ୪ଟି ଅନୁସନ୍ଧାନ ଦଳ ଗଠନ କଲେ । ସବୁଠୁ ଯୋଗ୍ୟ ଦଳରେ ନୀଳ, ଅଙ୍ଗଦ, ଜାମ୍ବବନ୍ତ ଏବଂ ହନୁମାନ ରହିଥିଲେ । ଏମାନଙ୍କୁ ଦକ୍ଷିଣ ଦିଗକୁ ପଠାଗଲା । ଜାମ୍ବବନ୍ତ, ହନୁମାନଙ୍କ ନେତୃତ୍ୱରେ ଏହି ଦଳ ପ୍ରଥମେ ଲଙ୍କାର ସନ୍ଧାନ ପାଇଲେ, କିନ୍ତୁ ସେଠାକୁ ଯିବା ଲାଗି କେବଳ ହନୁମାନଙ୍କ ନିକଟରେ କ୍ଷମତା ରହିଥିଲା । ଯିବା ପୂର୍ବରୁ ଲଙ୍କାରେ କ'ଣ କରିବା ଉଚିତ୍ ସେ ସମ୍ପର୍କରେ ହନୁମାନ ବୁଦ୍ଧିମାନ ଜାମ୍ବବନ୍ତଙ୍କ ଠାରୁ ବୁଝିନେଲେ । ଜାମ୍ବବନ୍ତ କହିଲେ, ତୁମେ କେବଳ ଲଙ୍କା ଯାଇ ଦେବୀ ସୀତାଙ୍କୁ ସନ୍ଧାନ କରିଆସ ଏବଂ ପ୍ରଭୁ ଶ୍ରୀରାମଙ୍କୁ ତାଙ୍କ ଖବର ଦିଅ । ଏହି ସମୟରେ ଅନ୍ୟ ବାନରମାନେ ଚିନ୍ତା ମଧ କରିନଥିଲେ ଯେ ହନୁମାନ ଯାଇ ଲଙ୍କାରେ ନିଆଁ ଲଗାଇଦେବେ । ସଂଯୋଗବଶତଃ ଏହା ହିଁ ହେଲା । ରାବଣର ଦରବାରରେ ଯୁକ୍ତିତର୍କ ହେବା ପରେ ହନୁମାନଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇଦିଆଗଲା । ହନୁମାନ ସେହି ନିଆଁରେ ସାରା ଲଙ୍କାକୁ ପୋଡ଼ି ପାଉଁଶ କରିଦେଲେ । ଶ୍ରୀହନୁମାନଙ୍କୁ କେବଳ ଦେବୀ ସୀତାଙ୍କୁ ଖୋଜି ଆଣିବାର ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ନିଷ୍ପତ୍ତି ନେବାର ସ୍ୱାଧୀନତା ରହିଥିଲା । ତେଣୁ ସେ ଦେବୀ ସୀତାଙ୍କ ସନ୍ଧାନ ପରେ ଲଙ୍କାଦହନ ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଲେ । ଫଳରେ ପ୍ରଭୁ ଶ୍ରୀରାମ ଲଙ୍କାରେ ପାଦ ଥାପିବା ପୂର୍ବରୁ ତାଙ୍କ ପରାକ୍ରମର ଆଭାସ ପାଇଯାଇଥିଲେ ରାବଣ ଓ ତା'ର ରାକ୍ଷସ ପ୍ରଜା । ସେମାନେ ଭଲ ଭାବେ ଅନୁମାନ କରିପାରୁଥିଲେ ଯଦି ଶ୍ରୀରାମଙ୍କ ସେନାର ଜଣେ ଯୋଦ୍ଧା ସମ୍ପୂର୍ଣ୍ଣ ଲଙ୍କାକୁ ଜାଳିଦେଇ ପାରେ, ତା'ହେଲେ ସମ୍ପୂର୍ଣ୍ଣ ସେନା ଆସି ପହଞ୍ଚିଲେ ଅବସ୍ଥା କ'ଣ ହେବ! ନିଜ ସାଥୀ ଏବଂ ସହଯୋଗୀଙ୍କୁ ଦାୟିତ୍ୱ ସହ ନିଷ୍ପତ୍ତି ନେବାର ଅଧିକାର ପ୍ରଦାନ କରିବାର ଏହି ବିଶେଷ କଳା ପ୍ରଭୁ ଶ୍ରୀରାମଙ୍କୁ ଭଲ ଭାବେ ଜଣାଥିଲା । ରାମାୟଣରେ ଅନେକ ସମୟରେ ଶ୍ରୀରାମ ନିଜର ଏହି ଶୈଳୀର ଉପଯୋଗ କରିଥିଲେ ।

## ପାଦର ସୌନ୍ଦର୍ଯ୍ୟ ପାଇଁ ଚପଲ

ସାଧାରଣତଃ ମୁହଁ ସହ ନିଜ ପୋଷାକ ଓ ଜୋତା ଚପଲ ଉପରେ ମଧ୍ୟରେ ଧ୍ୟାନ ଦେବା ଦ୍ୱାରା ଆପଣ ଅଧିକ ସୁନ୍ଦର ଓ ଷ୍ଟାଇଲିସ ଲାଗିବେ। ଆସନ୍ତୁ ଅଳ୍ପ ମୂଲ୍ୟରେ କେଉଁ ପ୍ରକାରର ଚପଲ



ପିନ୍ଧି ଆପଣ ନିଜର ଓ ପାଦର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ।

କାଜୁଆଲ ସ୍ୟାଣ୍ଡଲ -
ଆପଣ ବାହାରକୁ ବୁଲିବାକୁ ଯାଆନ୍ତୁ କିମ୍ବା କୌଣସି ସାମଗ୍ରୀ କିଣିବାକୁ ଯାଆନ୍ତୁ, ଏହି ପ୍ରକାରର ଚପଲ ପିନ୍ଧିପାରିବେ। ଏହି ପ୍ରକାରର ଚପଲ ବିଶେଷ କରି ଆପଣ ଖରାସମୟରେ ବାହାରକୁ ଗଲେ ବ୍ୟବହାର କରିବା ଖୁବ ଉତ୍ତମ ଅଟେ। କାରଣ ଏହା ପାଦରୁ ର୍ନିଗତ ହେଉଥିବା ଝାଳକୁ ଶୋଷଣ କରିବା ସହ ଆପଣଙ୍କୁ ଆରାମ ମଧ ଲାଗିଥାଏ।

ଫ୍ୟାନ୍ସି ଜୁତୀ -
ଏହି ପ୍ରକାରର ଜୁତୀ ଆପଣ ଜିନ୍ସ, ସ୍କର୍ଟ, ଗାଉନ ସହ ପିନ୍ଧି ବିଭିନ୍ନ ସ୍ଥାନକୁ ଯାଇପାରିବେ। ଏହା ଆପଣଙ୍କ ପାଦକୁ ଖୁବ ସୁନ୍ଦର ଓ ଷ୍ଟାଇଲିସ କରିଥାଏ।

ରାଜସ୍ଥାନୀ ଜୁତୀ -
ଏହି ପ୍ରକାରର ଜୁତୀର ଖୁବ ଚାହିଦା ରହିଛି। ଏହା ପାଦକୁ ଖୁବ ଆରାମ ପ୍ରଦାନ କରିଥାଏ। ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ। ଯେକୌଣସି ସ୍ଥାନକୁ ଆପଣ ଏହାକୁ ପିନ୍ଧି ଯାଇପାରିବେ।

ବେଜେସ ହିଲ୍ସ -
କମ ଉଚ୍ଚତା ଝିଅ ମାନଙ୍କ ପାଇଁ ଏହି ଚପଲ ଉତ୍ତମ ଅଟେ। ଏହାର ଦାମ ମଧ ଅଧିକ ନୁହେଁ। ଏହି ଚପଲ ମଧ ଆପଣଙ୍କ ପାଦର ସୌନ୍ଦର୍ଯ୍ୟକୁ ବଢାଇଥାଏ।

ପଞ୍ଜାବୀ ଜୁତୀ -
ଏହାକୁ ଆପଣ ଜିନ୍ସ, ଗାଉନ, ସ୍କର୍ଟ ସହ ପିନ୍ଧିପାରିବେ। ଏହା ପାଦକୁ ଏକ ଭିନ୍ନ ଲୁକ ଦେଇଥାଏ।

# ଧାନ ସଂଗ୍ରହ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୨।୧୨ (ମହାଭାରତ):** ଲୋକସେବା ଭବନରେ ଧାନ ସଂଗ୍ରହ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ, ପିଏମ୍ କିଷାନ ଓ ସିଏମ୍ କିଷାନ ସହିତ ୮୦୦ ଟଙ୍କା ଇନପୁଟ ସହାୟତାରେ ଧାନ କିଣା ବ୍ୟବସ୍ଥା ଚାଷୀଙ୍କ ସଶକ୍ତିକରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ୧୭ ଲକ୍ଷରୁ ଅଧିକ ଚାଷୀ ଲାଭବାନ ହୋଇପାରିବେ। ଏଣୁ, ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ଭାବେ ଦକ୍ଷତାର ସହିତ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। କୌଣସି ପରିସ୍ଥିତିରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ସମୀକ୍ଷାରୁ ଜଣାଯାଇଛି ଯେ, ଚଳିତ ମାସ ୧୧ ତାରିଖ ସୁଦ୍ଧା ବରଗଡ, ନୂଆପଡା, ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ଝାରସୁଗୁଡା, ନବରଙ୍ଗପୁର, ସୁବର୍ଣ୍ଣପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହି ୯ଟି ଜିଲ୍ଲାର ୩୭,୦୭୯ ଜଣ ଚାଷୀ ୧,୮୧,୧୯୬ ମେଟ୍ରିକଟନ୍ ଧାନ ବିକ୍ରି କରିଛନ୍ତି। ଏହି ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟଭାବେ ୩୨୩.୭୩ କୋଟି ଓ ଇନପୁଟ୍ ସହାୟତା ଭାବେ ୧୧୨.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଆଉ ୪୮ ଘଣ୍ଟା ମଧ୍ୟରେ ୯୩ କୋଟି ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଓ ୩୨.୩୫ କୋଟି ଟଙ୍କା ଇନପୁଟ ସହାୟତା ପ୍ରଦାନ କରାଯିବ। ସମୀକ୍ଷାରେ ଭର୍ଚୁଆଲ ମୋଡ଼ରେ ଯୋଗଦେଇଥିବା ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ମାନଙ୍କ ସହିତ ଧାନ ସଂଗ୍ରହ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା।

ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ସୋସାଇଟି ସ୍ତରୀୟ ଧାନ କିଣା କମିଟି ଗୁଡିକୁ ଆହୁରି ସକ୍ରୀୟ କରିବା ପାଇଁ ସେ କହିଥିଲେ। ଚାଷୀମାନଙ୍କୁ ଅଧିକ ସଚେତନ କରିବା ଓ ସେମାନଙ୍କ ପାଇଁ ସବୁ ପ୍ରକାର ସୁବିଧାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେବା ସହିତ ଚାଷୀ ମାନଙ୍କ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡି.କେ ସିଂହ, ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ। ଓ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଡିଜିଟାଲ୍ ପରିବର୍ତ୍ତନ ଯୋଗୁଁ ସବୁ କ୍ଷେତ୍ରରେ ବିକାଶ ହେବ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ୨୦୩୬ ସୁଦ୍ଧା ଓଡ଼ିଶା ଅର୍ଥନୀତି ୫୦୦ ମିଲିୟନ୍ ଡଲାରରେ ପହଂଚିବାର ଲକ୍ଷ୍ୟ ରହିଥିବା ବେଳେ ଏଥିପାଇଁ ସବୁ କ୍ଷେତ୍ରରେ ବିକାଶ ଆଣିବା ନିମନ୍ତେ ଡିଜିଟାଲ୍ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ଏକ ଜାତୀୟ ସେମିନାରରେ ବିଶେଷଜ୍ଞମାନେ ମତ ରଖିଛନ୍ତି। ଏହି ଲକ୍ଷ୍ୟ ପୂରଣ ନିମନ୍ତେ ରାଜ୍ୟରେ ସବୁ କ୍ଷେତ୍ରରେ ବିକାଶର ଆବଶ୍ୟକତା ରହିଛି ଯାହା ନିମନ୍ତେ ଡିଜିଟାଲ୍ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ଉତ୍କଳ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡ୍ (ୟୁସିସିଆଇଏଲ୍)ର ସଭାପତି ଡକ୍ଟର ପ୍ରବୋଧ ମହାନ୍ତି କହିଛନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ପକ୍ଷରୁ ଆୟୋଜିତ ଏହି ଏକ ଦିବସୀୟ ସେମିନାରର ପ୍ରସଙ୍ଗ ରହିଥିଲା 'ନାଭିଗେଟିଂ ଦ ଫ୍ୟୁଚର୍ ଅଫ୍ ସଷ୍ଟେନେବଲ ବିଜନେସ୍ ଡେଭଲପ୍‌ମେଂଟ ଥ୍ରୁ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍'। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଡକ୍ଟର ମହାନ୍ତି ନିଜର ବକ୍ତବ୍ୟ ରଖିଥିଲେ।

ସେ କହିଥିଲେ ଯେ ଓଡ଼ିଶାର ଅର୍ଥନୀତି କ୍ଷେତ୍ରରେ ଖଣିଜ ସମ୍ପଦର ଅନେକ ଗୁରୁତ୍ୱ ରହିଛି। ରାଜ୍ୟ ସରକାର ଏ କ୍ଷେତ୍ରରେ ଡିଜିଟାଲ୍ ପରିବର୍ତ୍ତନକୁ ବିନିଯୋଗ କରୁଥିବା ସେ କହିଥିଲେ। ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଏବଂ ବ୍ଲକ୍ ଚେନ୍‌ର ଡିଜିଟାଲ୍ ପରିବର୍ତ୍ତନ କ୍ଷେତ୍ରରେ ପ୍ରଭାବ ରହିଥିବା କହି ସେ ଏହା ଭବିଷ୍ୟତ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ଡାକ୍ତର ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସିଟି ନଲେଜ ଇନୋଭେସନ୍ କ୍ଲଷ୍ଟର୍ (ବିସିକେଆଇସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡକ୍ଟର ନମ୍ରତା ମିଶ୍ର, ବାଟୋଇର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ରଥ ଏବଂ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅନୁପ କୁମାର ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆଇବିସିଏସ୍‌ର ଏକାଡେମିକ ମୁଖ୍ୟ – ଏମ୍‌ବିଏ ପ୍ରୋଗ୍ରାମ୍ ପ୍ରଫେସର ଦୁର୍ଯ୍ୟୋଧନ ଜେନା ଏବଂ ଆସୋସିଏଟ୍ ପ୍ରଫେସର ଡକ୍ଟର ଆଶିଷ ମହାନ୍ତି ମଧ୍ୟ ବକ୍ତବ୍ୟ ରଖିଥିଲେ। ସୋଆର ଉପକୁଳପତି ପ୍ରଫେସର (ଡାକ୍ତର) ପ୍ରସେନ୍‌ଜିତ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଡକ୍ଟର ମିଶ୍ର କହିଥିଲେ ଯେ ଭାରତରେ ଡିଜିଟାଲ୍ ପରିବର୍ତ୍ତନ ନିମନ୍ତେ ସମୟ ଉପସ୍ଥିତ। ନୂତନତ୍ୱର ପ୍ରବର୍ତ୍ତନ ତଥା ସବୁ ବିଷୟ ଉପରେ ଗୁରୁତ୍ୱ ଦେଇ ବିକାଶ ସାଧନ କରିବା ଜରୁରୀ ବୋଲି ସେ କହିଥିଲେ। ଶ୍ରୀ ରଥ କହିଥିଲେ ଯେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ଆବିର୍ଭାବ ଫଳରେ କର୍ମଯୋଗାଣ କ୍ଷେତ୍ରରେ ଅସମତା ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି କୁହାଯାଉଥିବା ବେଳେ ଏହା ଅଧିକ ସଂଖ୍ୟାରେ ନୂତନ କାର୍ଯ୍ୟ ସୃଷ୍ଟି କରିବ। ଛାତ୍ରଛାତ୍ରୀମାନେ ଏହି ପରିବର୍ତ୍ତିତ ପରିସ୍ଥିତିରେ ଅଧ୍ୟୟନ ନିମନ୍ତେ ସିଲାବସ ଉପରେ ଦୃଷ୍ଟି ନିବଦ୍ଧ ନ କରି ସେମାନେ କ'ଣ ଶିକ୍ଷା କରିବା ଆବଶ୍ୟକ ସେ ବିଷୟରେ ଚିନ୍ତା କରିବା ପ୍ରୟୋଜନ ବୋଲି ସେ କହିଥିଲେ।

# ସୋସିଆଲ ମିଡିଆ ଓ ଏଆଇ ଗଭର୍ଣ୍ଣାନ୍ସ ଉପରେ ନୂଆ ଆଇନ ଆସିବ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, ରେଳବାଇ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏଆଇ ପ୍ରଶାସନ ଏବଂ ବିକାଶ ଉପରେ ପ୍ରଶ୍ନର ଉତ୍ତର ଦେଇ ପରିବର୍ତ୍ତନଶୀଳ ଏଆଇ ପରିଦୃଶ୍ୟ, ସୋସିଆଲ ମିଡିଆ। ଉତ୍ତରଦାୟିତ୍ୱ ଏବଂ ଏକ ଦୃଢ଼ ଆଇନଗତ ଢାଞ୍ଚାର ଆବଶ୍ୟକତା ସହିତ ଜଡିତ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋକପାତ କରିଛନ୍ତି। ଫେକ୍ ନ୍ୟୁଜର ମୁକାବିଲା ଏବଂ ଡିଜିଟାଲ୍ ଯୁଗରେ ବାସ୍ତବ ତଥ୍ୟ ସୁନିଶ୍ଚିତ କରିବା ଦାୟିତ୍ୱ ସହ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସନ୍ତୁଳିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ଶ୍ରୀ ବୈଷ୍ଣବ କହିଛନ୍ତି, ''ବିଶେଷ କରି ମିଥ୍ୟା ଖବର ଏବଂ ବିଭ୍ରାନ୍ତିକର ତଥ୍ୟ ପ୍ରସାରଣ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମର ଉତ୍ତରଦାୟିତ୍ୱ ବର୍ତ୍ତମାନ ସମାଜ ସାମ୍ନା କରୁଥିବା ସବୁଠୁ ବଡ଼ ଆହ୍ୱାନ।'' ସାମାଜିକ ଓ ଆଇନଗତ ଉତ୍ତରଦାୟିତ୍ୱ ପ୍ରତିଷ୍ଠା କରିବାକୁ ହେଲେ ସର୍ବସମ୍ମତି ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ''ଏସବୁ ଏଭଳି ପ୍ରସଙ୍ଗ, ଯେଉଁଠି ଗୋଟିଏ ପଟେ ଅଭିବ୍ୟକ୍ତିର ସ୍ୱାଧୀନତା ରହିଛି ଏବଂ ଅନ୍ୟପଟେ ଉତ୍ତରଦାୟିତ୍ୱ ଏବଂ ଏକ ଉଚିତ ବାସ୍ତବିକ ଖବର ନେଟୱର୍କ ନିର୍ମାଣ ହୋଇଥାଏ।ଏସବୁ ଉପରେ ବିତର୍କ ହେବାର ଆବଶ୍ୟକତା ରହିଛି ଏବଂ ଯଦି ସଂସଦ ସହମତ ହୁଏ ଏବଂ ସମଗ୍ର ସମାଜରେ ସର୍ବସମ୍ମତି ପ୍ରକାଶ ପାଏ, ତେବେ ଆମେ ଏକ ନୂତନ ଆଇନ ତିଆରି କରିପାରିବା'' ବୋଲି ସେ ମତପ୍ରକାଶ କରିଥିଲେ।

କେନ୍ଦ୍ରମନ୍ତ୍ରୀ ଗୋପନୀୟତା ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପରିଚାଳନା ବ୍ୟବସ୍ଥା ବିଷୟରେ ଆଲୋକପାତ କରିବା ସହ ସ୍ୱଦେଶୀ ଉପକରଣ ଏବଂ ପ୍ରଯୁକ୍ତି ବିକଶିତ କରିବା ପାଇଁ ସରକାରଙ୍କ ଦ୍ୱାରା ନିଆଯାଇଥିବା ସକ୍ରିୟ ପଦକ୍ଷେପବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସେ କହିଥିଲେ ଯେ ଏଆଇ ମିଶନ ଅଧୀନରେ ଅନ୍ୟତମ ମୁଖ୍ୟ ସ୍ତମ୍ଭ ହେଉଛି ଆପ୍ଲିକେସନ୍ ବିକାଶ, ଯାହା ଭାରତର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁଯାୟୀ ଉଦ୍ଭାବନ ଉପରେ ଧ୍ୟାନ ଦିଏ। ଉଦୀୟମାନ ଏଆଇ କ୍ଷେତ୍ରକୁ ଦୃଷ୍ଟିରେ ରଖି ଆମେ ଦେଶରେ ଉପକରଣ ଏବଂ ପ୍ରଯୁକ୍ତି ବିକଶିତ କରିବା ଉଦ୍ଦେଶ୍ୟରେ ଆଠଟି ପ୍ରକଳ୍ପ ଆରମ୍ଭ କରିଛୁ।

# ୧୦ ବର୍ଷରେ ୧୪ କମ୍ପାନୀକୁ ୪ ହଜାର କୋଟି ବିଦ୍ୟୁତ୍ ଶୁଳ୍କ ଛାଡ କରିଛନ୍ତି

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଯୋଜନା ଅଧୀନରେ ୧୪ ଟି ଶିଳ୍ପ ପାଇଁ ପୂର୍ବତନ ସରକାର ୪୦୯୭.୬୭ କୋଟି ଟଙ୍କା ବିଦ୍ୟୁତ୍ ଦେୟ ଛାଡ କରିଛନ୍ତି ଏବଂ ୨୩ଟି ପ୍ରମୁଖ ଶିଳ୍ପ ସଂସ୍ଥା ଉପରେ ବର୍ତ୍ତମାନ ସୁଦ୍ଧା ୧୦୯୬ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବାକି ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଆଜି ବିଧାନସଭାରେ ପ୍ରକାଶ କରିଛନ୍ତି।

ବରିଷ୍ଠ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶକ୍ତି ବିଭାଗର ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂଦେଓ ଏହା ପ୍ରକାଶ କରିଛନ୍ତି।

ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ର(ଏସଇଜେଡ) ପଲିସି –୨୦୧୫ ଅନ୍ତର୍ଗତ ବେଦାନ୍ତ ଲିମିଟେଡ୍, ଝାରସୁଗୁଡା ପାଇଁ ଓଡିଶା ସରକାର ସର୍ବାଧିକ ୩୫୯୯.୮୮ କୋଟି ଟଙ୍କା ଛାଡ କରିଥିବାବେଳେ କେନ୍ଦ୍ରୀୟ ପିଏସୟୁ, ଭାରତୀୟ ତୈଳ ନିଗମ ଲିମିଟେଡ୍ (ଆଇଓସିଏଲ୍) ପାରାଦୀପକୁ ୩୧୪.୦୩ କୋଟି ଟଙ୍କା ଛାଡ କରାଯାଇଛିୟ ଏଥିସହ ଅନୁଗୁଳରେ ଥିବା ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିମିଟେଡ (ଜେଏସପିଏଲ) କୁ ୧୦୩.୧୬ କୋଟି ଟଙ୍କା ବିଦ୍ୟୁତ ଶୁଳ୍କ ଛାଡ କରାଯାଇଛି।

ଏହି ଛାଡ ବ୍ୟତୀତ ଏକକାଳୀନ ସମାଧାନ ଯୋଜନା, ୨୦୨୨ ଅନ୍ତର୍ଗତ ୩୬ ଟି ଶିଳ୍ପ ପାଇଁ ୧୩୨୪.୮୩ କୋଟି ଟଙ୍କା ବିଦ୍ୟୁତ୍ ଦେୟ (ବିଚାରାଧୀନ ବିଲ୍ ପାଇଁ ସୁଧ ମାଧ୍ୟମରେ) ଛାଡ କରିଛନ୍ତି।

ଏହି ଯୋଜନା ଅଧୀନରେ ସରକାର ରାଉରକେଲା ଇସ୍ପାତ କାରଖାନା (ଆରଏସପି), ର ୟୁନିଟ୍ ପାଇଁ ୫୫୦.୧୨ କୋଟି ଟଙ୍କା, ଆଇଏମଏଫଏ ଲିମିଟେଡ ଚୌଦ୍ୱାର ପାଇଁ ୪୪୦.୧୨ କୋଟି ଏବଂ କେନ୍ଦ୍ରୀୟ ପିଏସୟୁ ନ୍ୟାସନାଲ ଆଲୁମିନିୟମ କମ୍ପାନୀ (ନାଲକୋ) ପାଇଁ ୨୦୩.୯୧ କୋଟି ଟଙ୍କା ଛାଡ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଜେଏସପିଏଲ ଅନୁଗୁଳ (୩୫.୭୬ କୋଟି ଟଙ୍କା), ଆଦିତ୍ୟ ଆଲୁମିନିୟମ ଲିମିଟେଡ, ସମ୍ବଲପୁର (୧୭.୭୯ କୋଟି ଟଙ୍କା), ଟାଟା ଷ୍ଟିଲ ଲିମିଟେଡ, କଳିଙ୍ଗନଗର (୧୬ କୋଟି ଟଙ୍କା) ଏବଂ ବେଦାନ୍ତ ଲିମିଟେଡ ଲାଞ୍ଜିଗଡ଼ (୧୦.୧୩ କୋଟି) ଟଙ୍କା ଛାଡ କରାଯାଇଛି।

ତେବେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୧୦୯ ଟି ଶିଳ୍ପ ବିରୋଧରେ ୧୦୯୬.୩୨ କୋଟି ଟଙ୍କା ବିଦ୍ୟୁତ୍ ଦେୟ ବିଚାରାଧୀନ ଅଛି ବୋଲି ଶ୍ରୀ ସିଂ ଦେଓ ସୂଚନା ଦେଇଛନ୍ତି। ସର୍ବ ବୃହତ ବକେୟା ରାଶି ୨୮୫.୦୨ କୋଟି ଟଙ୍କା ଅନୁଗୁଳ ଜିଲ୍ଲାର ତାଳଚର ଜିନ୍ଦଲ ଇଣ୍ଡିଆ। ଥର୍ମାଲ ପାୱାର ଲିମିଟେଡ ଉପର ରହିଛି ଏବଂ ଯାଜପୁର ଭିସା ଷ୍ଟିଲ ଲିମିଟେଡ ୨୪୬ କୋଟି ଟଙ୍କା ଦେଇ ନାହିଁ ବୋଲି ସେ କହିଥିଲେ।

ସେହିଭଳି, ଢେଙ୍କାନାଳ ଭିତ୍ତିକ ଜିଏମଆର କମଲଙ୍ଗା ଏନର୍ଜି ଲିମିଟେଡ, ମୈଥାନ ଇସ୍ପାତ ନିଗମ ଲିମିଟେଡ, ଯାଜପୁର ଏବଂ ଶ୍ୟାମ ମେଟାଲିକ ଆଣ୍ଡ ଏନର୍ଜି ଲିମିଟେଡ, ସମ୍ବଲପୁର ଯଥାକ୍ରମେ ୧୭୯.୩୫ କୋଟି, ୮୫.୩୧ କୋଟି ଏବଂ ୮୩.୨୫ କୋଟି ଟଙ୍କା ବିଲ ପୈଠ କରିନାହାଁନ୍ତି। ବିଚାରାଧୀନ ବିଦ୍ୟୁତ୍ ଦେୟ ସହିତ ଅନ୍ୟ ଶିଳ୍ପଗୁଡିକ ମଧ୍ୟରେ ଓସୱାଲ୍ କେମିକାଲ୍ସ ଏବଂ ଫର୍ଟିଲାଇଜର୍ସ ଲିମିଟେଡ୍, ପାରାଦୀପ (୭୯.୯୫ କୋଟି ଟଙ୍କା), ଏମ୍‌ଏନ୍‌ଏସ୍, ପାରାଦୀପ (୫୬ କୋଟି ଟଙ୍କା), ଭାସ୍କର ଷ୍ଟିଲ୍ ଏବଂ ଫେରୋ ଆଲୋଇସ୍, ସୁନ୍ଦରଗଡ (୨୩.୬୭ କୋଟି ଟଙ୍କା) ଏବଂ ୟଜଦାନୀ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ଯାଜପୁର(୧୩.୬୮ କୋଟି ଟଙ୍କା) ବକେୟା ରହିଛି।

# ୪ ଅଣଓଡ଼ିଆ ସାଇବର ଠକ ଗିରଫ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ରାଜଧାନୀ ଭୁବନେଶ୍ୱରରେ ଗେମିଂ ଆପ୍ କଲ୍ ସେଣ୍ଟରକୁ ଆଜି କମିସନରେଟ୍ ପୁଲିସ ଠାବ କରିଛି। ଏହି ଠକେଇ କାମରେ ଲିପ୍ତ ଥିବା ୪ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଉଠାଇ ନେଇଛି। ଭୁବନେଶ୍ୱରର ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟରେ ଏକ ଭଡ଼ା ଘରେ ଗେମିଙ୍ଗ ଆପ୍ କଲ୍ ସେଣ୍ଟର ପରିଚାଳନା କରୁଥିଲା ବେଳେ ଏୟାରଫିଲ୍ଡ ଥାନା ପୋଲିସ ଏହା ଉପରେ ଚଢ଼ାଉ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବାହାର ରାଜ୍ୟରୁ ଆସି ଭୁବନେଶ୍ୱରରେ ଏହି କଳାକାରନାମା ଚଳାଇଥିଲେ। ଏମାନେ ବିଶେଷ କରି ଯୁବବର୍ଗଙ୍କୁ ଟାର୍ଗେଟ କରୁଥିଲେ। ଚଢ଼ାଉ ବେଳେ ପୋଲିସ ୨ଟି ଡେସ୍କଟପ୍, ୧୯ଟି ମୋବାଇଲ୍ ଫୋନ୍, ୪ ପାସପୋର୍ଟ ସହ ଏକାଧିକ ସିମକାର୍ଡ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସାଇବର ଥାନା ପୁଲିସ ସହ ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଏୟାରଫିଲ୍ଡ ଥାନାର ମିଳିତ ଚଢାଉ ଫଳରେ ଏହି ଠକେଇ କାରବାରର ପରଦା ଫାସ ହୋଇଛି। ଏ ସିଣ୍ଡିକେଟରେ ଆଉ କାହାର ସମ୍ପୃକ୍ତି ରହିଛି ପୋଲିସ ତାର ତଦନ୍ତ କରୁଛି। ଦୀର୍ଘ ୬ ମାସ ହେଲା ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟରେ ସାଇବର ଠକମାନେ ଅପରେସନ୍ ଚଳାଇଥିଲେ। ବିଭିନ୍ନ ଲୋକଙ୍କୁ ଫୋନ୍ ଓ ମେସେଜ କରି ଅନଲାଇନରେ ଟଙ୍କା ଠକେଇ କରୁଥିଲେ। ଘଟଣାର ତଦନ୍ତ ପାଇଁ ଘଟଣାସ୍ଥଳରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ପହଞ୍ଚିଥିଲେ। ଆଜିର ଯୁବପିଢି ପ୍ରାୟତଃ ମୋବାଇଲ୍ ଫୋନରେ ବ୍ୟସ୍ତ ରହୁଛନ୍ତି। ଏହାରି ମାଧ୍ୟମରେ ସୋସିଆଲ ମିଡିଆ, ଗେମିଂ ଆପ୍ ଭିତରକୁ ପ୍ରବେଶ କରୁଛନ୍ତି। ଫଳରେ ସାଇବର ଠକମାନଙ୍କର ଟାର୍ଗେଟରେ ଫସି ଯାଉଛନ୍ତି। ସାଇବର ଠକମାନେ ଯୁବପିଢ଼ି ମାନଙ୍କୁ ଲୋଭ ଦେଖାଇ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଖାଲି କରି ନେଉଛନ୍ତି।

# ଆଇଆଇଟି ଭୁବନେଶ୍ୱରରେ ସଫ୍ଟୱେର୍ ସଂସ୍କରଣ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସ୍ମାର୍ଟ ଇଣ୍ଡିଆ ହାକାଥନର ସପ୍ତମ ସଂସ୍କରଣର ଗ୍ରାଣ୍ଡ ଫାଇନାଲ୍ ଆଜି ଉଦଘାଟିତ ହୋଇଛି। ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର, ୫୧ଟି ଅନୁଷ୍ଠାନ ମଧ୍ୟରେ ଏକ ନୋଡାଲ୍ ଏଜେନ୍ସି ଭାବରେ ଉଦଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ। ସ୍ମାର୍ଟ ଇଣ୍ଡିଆ ହାକାଥନ୍ ହେଉଛି ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଯାହାକି କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ଆନୁକୂଲ୍ୟରେ ଶିକ୍ଷା ମନ୍ତ୍ରଣାଳୟର ଇନୋଭେସନ୍ ସେଲ୍ ଏବଂ ଏଆଇସିଟିଇ ଦ୍ୱାରା ଆୟୋଜିତ ହେଉଛି।

ଦେଶବ୍ୟାପୀ ଉଦଘାଟନ ପୂର୍ବରୁ, ଆଇଆଇଟି ଭୁବନେଶ୍ୱରରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକରଙ୍କ ଦ୍ୱାରା ସ୍ଥାନୀୟ ଭାବେ ଏହି କାର୍ଯ୍ୟକ୍ରମର ଉଦଘାଟନ ହୋଇଥିଲା। ଏହି ଅବସରରେ, ସହକାରୀ ଇନୋଭେସନ୍ ନିର୍ଦ୍ଦେଶକ, ଶିକ୍ଷା ମନ୍ତ୍ରାଳୟର ଇନୋଭେସନ୍ ସେଲ୍ ଦୀପନ ସାହୁ; ଡିନ୍ (ଛାତ୍ର ବ୍ୟାପାର), ଆଇଆଇଟି ଭୁବନେଶ୍ୱର ପ୍ରଫେସର ରାଜେଶ ରୋଶନ ଦାଶ; ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ, ଆଇଆଇଟି ଭୁବନେଶ୍ୱର ଅନୁସନ୍ଧାନ ଏବଂ ଉଦ୍ୟୋଗୀ ଉଦ୍ୟାନର ସିଇଓ ଡକ୍ଟର ଶୁଭଙ୍କର ପତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର କରକମଳରେ ତାଙ୍କ ମୁଖ୍ୟ ଅଭିଭାଷଣରେ ଯେକୌଣସି କ୍ଷେତ୍ରରେ ସଫଳତା ପାଇଁ ଯୋଗାଯୋଗ, ସହଯୋଗ ଏବଂ ସମାଲୋଚନାକାରୀ ଚିନ୍ତାଧାରା ଉପରେ ଗୁରୁତ୍ୱାରୋପ କରିଥିଲେ। "ଏହି ପରି ହାକାଥନ୍ ଛାତ୍ରମାନଙ୍କୁ ଏହି କୌଶଳ ହାସଲ କରିବାରେ ସାହାଯ୍ୟ କରିବ, ଯାହା ସେମାନଙ୍କୁ ସେମାନଙ୍କର ବୃତ୍ତିଗତ ଜୀବନରେ ଏବଂ ବାସ୍ତବ ଜୀବନର ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବ। କାର୍ଯ୍ୟକ୍ରମ ଆୟୋଜନ କରି ଆଇଆଇଟି ଭୁବନେଶ୍ୱର ଏକାଡେମୀ, ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବା ଏବଂ ଉଦ୍ୟୋଗୀ ମାନସିକତାକୁ ବୃଦ୍ଧି କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛି।' ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଆଇଆଇଟି ଭୁବନେଶ୍ୱର ଏହାର ସ୍ନାତକ ଏବଂ ପିଏଚଡି ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପାଠ୍ୟକ୍ରମ ମାଧ୍ୟମରେ ଉଦ୍ୟୋଗର ଚିନ୍ତାଧାରା ସହିତ ପରିଚିତ କରାଉଛି। ଏହା ଛାତ୍ରମାନଙ୍କୁ ସେମାନଙ୍କ କ୍ଷେତ୍ରରେ ଉପଯୁକ୍ତ ସମସ୍ୟା ବାଛିବାରେ ସକ୍ଷମ କରିବ ଯାହାର ସମାଧାନ ବ୍ୟବସାୟିକରଣ ପାଇଁ ସୁବିଧାଜନକ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ ଜ୍ଞାନର ଉତ୍ପାଦନ ଭଳି ଧନ ଉତ୍ପାଦନ ମଧ୍ୟ ସମାନ ଗୁରୁତ୍ୱପୂର୍ଣ୍ଣ ଏବଂ ଏହି ଭଳି ପଦକ୍ଷେପ ଦ୍ୱାରା ଏହା ସମ୍ଭବପର ହୋଇପାରିବ ବୋଲି ସେ ମତ ବ୍ୟକ୍ତ କରିଥିଲେ।

ଦୀପନ୍ ସାହୁ ସ୍ମାର୍ଟ ଇଣ୍ଡିଆ ହାକାଥନ୍‌ର ମହତ୍ତ୍ୱ ଏବଂ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଆଇଆଇଟି ଭୁବନେଶ୍ୱର ସ୍ମାର୍ଟ ଇଣ୍ଡିଆ ହାକାଥନ୍ -୨୦୨୪ ର ସଫ୍ଟୱେର୍ ସଂସ୍କରଣ ଆୟୋଜନ କରୁଛି। ଆଗାମୀ ୩୬ ଘଂଟା ମଧ୍ୟରେ କୋଡିଂ ଏବଂ ପ୍ରୋଗ୍ରାମିଂରେ ନିଜର ଦକ୍ଷତା ପ୍ରଦର୍ଶନ କରିବାକୁ ଏହି ମେଗା ଇଭେଂଟରେ ୧୮୦ ଟି ଅଂଶଗ୍ରହଣକାରୀଙ୍କ ସହ ଦେଶର ୨୬ ଟି ଦଳ ଅଂଶଗ୍ରହଣ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ମାନସିକତା ସୃଷ୍ଟି କରିବା ଏବଂ ସେମାନଙ୍କୁ ବାସ୍ତବ ଜୀବନର ସମସ୍ୟାର ଅନୁସନ୍ଧାନ କରିବା, ସହଯୋଗୀ ମନୋବୃତ୍ତିରେ ଦଳବଦ୍ଧ ଭାବେ କାର୍ଯ୍ୟ କରିବା ଏବଂ ଟେକ୍ନୋଲୋଜି ସାହାଯ୍ୟରେ ସମାଧାନ ବାହାର କରିବା ପାଇଁ ତତ୍ପର ହେବା।

# ବିନା ଥାଇଥାନରେ ଉଚ୍ଛେଦକୁ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟିର ସଭାପତି ରାଜୀବ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ୧୨୦୦ ଉଠା ଦୋକାନୀଙ୍କୁ ପ୍ରଥମେ ଥଇଥାନ ଦାବି କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୦୩ ମସିହାରୁ ୫୪୦ ଉଠା ଦୋକାନୀ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ବର୍ତ୍ତମାନ ସଂଖ୍ୟା ୧୨୦୦ ଟପିଲାଣି ସେମାନଙ୍କୁ ଥଇଥାନ ନକରି ଉଚ୍ଛେଦ କରିବାକୁ ଆମେ ବିରୋଧ କରିବା ସହ ପ୍ରଥମେ ସମସ୍ତଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରୁଛୁ। ତତ ସହିତ ଯେ ପର୍ଯ୍ୟନ୍ତ ଥଇଥାନ ନକରାଯାଇଛି ସେମାନଙ୍କୁ ପୂର୍ବଭଳି ଦୋକାନ ଚଳାଇବାକୁ ପ୍ରଶାସନ ଅନୁମତି ଦିଅନ୍ତୁ। ପର୍ଯ୍ୟାୟ କ୍ରମେ ଥଇଥାନ ନାଁ ରେ ସେମାନଙ୍କ ଏକତା ଭଙ୍ଗ କରିବା ପାଇଁ ଯେଉଁ ଉଦ୍ୟମ କରାଯାଉଛି ତାହା ବରଦାସ୍ତ କରାଯିବ ନାହିଁ ଏବଂ ଜିଲ୍ଲା କଂଗ୍ରେସ କମିଟି ୨୨ଟି ବ୍ୟବସାୟୀ ସଂଘ ଏବଂ ୫ଟି ମହାସଂଘକୁ ପୂର୍ଣ୍ଣ ସମର୍ଥନ ଦେଇ ଆମେ ସେମାନଙ୍କ ସହ ଅଛୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ୧୨୦୦ ଜାଗାରେ ୧୬୬ ଜଣଙ୍କୁ ଭେଣ୍ଡିଂ ଜୋନ ଦେଇ ପ୍ରଶାସନର ଡିଭାଇଡ ରୁଲକୁ ପଣ୍ଡ କରିବାକୁ ବ୍ୟବସାୟୀ ସଂଘକୁ ଆହ୍ୱାନ କରୁଛି ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଦୁର୍ଭାଗ୍ୟର କଥା ଗୋଟେ ଛୋଟ ଟିଣ ଘର ଭେଣ୍ଡିଂ ଜୋନ ପାଇଁ ୧ ଲକ୍ଷ ୭୫ ହଜାର ଦେବାକୁ ପଡୁଛି ତେବେ ଛାତ ଘର ପାଇଁ କେତେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି ଶ୍ରୀ ପଟ୍ଟନାୟକ। ଯଦି ଟିଣ ଘରେ ବର୍ଷା ସମୟରେ କିଛି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ଓ କ୍ଷତି ପୂରଣ କିଏ ଦେବେ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ସରକାରଙ୍କ ନିଷ୍ପତି ଅନୁଯାୟୀ ସରକାରଙ୍କ ତାହବିଲରୁ ଅର୍ଥ ଖର୍ଚ୍ଚ କରି ଉଠା ଦୋକାନୀଙ୍କୁ ଥଇଥାନ କରିବା ପାଇଁ ହାବେଳି ପଡିଆର ଉନ୍ନତି କରଣ କରି ପାଚେରୀ କରାଯାଇ ମଧ୍ୟ ସଙ୍ଘ ମନୋଭାବ ଅଭାବ ଯୋଗୁ ସେଠାରେ ସେମାନଙ୍କୁ ଥଇଥାନ ନକରି ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ ମାନ କରାଯାଉଛି। ତେଣୁ କେଉଁ ଗ୍ୟାରେଣ୍ଟି ଅଛି ଯେ ସରକାର ପ୍ରତିଶ୍ରୁତି ପୂରଣ କରିବେ ବୋଲି କହିଛନ୍ତି ଶ୍ରୀ ପଟ୍ଟନାୟକ।

# ୧୫ରେ ସୈନିକ ସ୍କୁଲ – ଓଏମ୍‌ସି ମିନି ମାରାଥନ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ଡିସେମ୍ବର ୯ରେ ସୈନିକ ସ୍କୁଲ ଅଧ୍ୟକ୍ଷ ଗଣମାଧ୍ୟମକୁ ଜଣାଇଛନ୍ତି ଯେ ସୈନିକ ସ୍କୁଲ ଏବଂ ଓଏମ୍‌ସି ତରଫରୁ ଏହାର ୮ତମ ମିନି ମାରାଥନ ଚଳିତ ମାସ ୧୫ ତାରିଖ ସକାଳ ୬ଟାରେ ଅନୁଷ୍ଠିତ ହେବ। ଉକ୍ତ ପ୍ରତିଯୋଗିତାରେ ସ୍କୁଲର ୬୦୦ କ୍ୟାଡ଼େଟ୍, ଦୁଇଶହ ପୁରାତନ ଛାତ୍ର, ଚାରିଶହରୁ ଊର୍ଦ୍ଧ୍ୱ ସହୋଦୟ ସ୍କୁଲ ଏବଂ ସରକାରୀ ବିଦ୍ୟାଳୟ ମାନଙ୍କରୁ ପ୍ରତିଯୋଗୀଙ୍କୁ ମିଶାଇ ସର୍ବମୋଟ ୧୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ।

ତେଣୁ ପ୍ରତିଯୋଗୀ ମାନଙ୍କୁ ସକାଳ ଘ.୫.୩୦ମି ସମୟରେ ସୈନିକ ସ୍କୁଲ ପରିସର ମଧ୍ୟରେ ଥିବା ଗାନ୍ଧୀ ମିନି ଷ୍ଟାଡ଼ିୟମଠାରେ ପହଞ୍ଚିବା ପାଇଁ ଅନୁରୋଧ କରାଯାଇଛି। ଏଠାରୁ ସିନିୟର ପ୍ରତିଯୋଗୀମାନେ ନିଜର ଦୌଡ଼ ଆରମ୍ଭ କରି ସୈନିକ ସ୍କୁଲ ମୁଖ୍ୟ ଗେଟ୍, ମଞ୍ଚେଶ୍ୱର ରାସ୍ତା, ରେଳ କଲୋନୀ ରାସ୍ତା, ଓମ୍‌ଫେଡ୍ ଛକ, ନାଲକୋ-କଳିଙ୍ଗ ହସ୍‌ପିଟାଲ, ଜୟଦେବ ବିହାର, ଆଚାର୍ଯ୍ୟବିହାର ଛକ, ଆପୋଲ ହସ୍‌ପିଟାଲ, ସୈନିକ ସ୍କୁଲ ଛକ ଦେଇ ୧୦ କି.ମି. ପଥ ଅତିକ୍ରମ କରି ଶେଷରେ ଆରମ୍ଭ ହୋଇଥିବା ଗାନ୍ଧୀ ଷ୍ଟାଡ଼ିୟମ ଠାରେ ଶେଷରେ ପହଞ୍ଚିବେ।

ଦୌଡ଼ର ଜୁନିୟର ବିଭାଗରେ ସୈନିକ ସ୍କୁଲରୁ ବାହାରି ମଞ୍ଚେଶ୍ୱର ରାସ୍ତା, ଓମ୍‌ଫେଡ୍ ଛକ, ନାଲକୋ-କଳିଙ୍ଗ ହସ୍‌ପିଟାଲ ଛକ, ଗଜପତି ନଗର ରାସ୍ତା ଦେଇ ସୈନିକ ସ୍କୁଲ ଗାନ୍ଧୀ ଷ୍ଟାଡ଼ିୟମ ଠାରେ ପହଞ୍ଚିବେ। କମୋଡ଼ର ମହେଶ ରହଙ୍ଗଡାଲେ, ଭାରତୀୟ ନୌସେନା ସେବା, ଡେପୁଟି ଡାଇରେକଟର ଜେନେରାଲ, ଏନ୍‌ସିସି ଓଡ଼ିଶା, ସୈନିକ ସ୍କୁଲ ପ୍ରିନ୍ସିପାଲ କର୍ଣ୍ଣଲ ବାଲୁଭରତ, ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘର ସଭାପତି ଶ୍ରୀ ମଧୁସୂଦନ ପାଢ଼ୀ, ଦୌଡ଼ ପ୍ରତିଯୋଗୀତାର ସଂଯୋଜକ ଶ୍ରୀ ଅମିତାଭ ସ୍ୱାଇଁ ପତକା ଦେଖାଇ ଦୌଡ଼ର ଶୁଭାରମ୍ଭ କରିବେ।

ଦୌଡ଼ ପ୍ରତିଯୋଗୀତା ବିଭିନ୍ନ ବିଭାଗରେ ଅନୁଷ୍ଠିତ ହେବ ଯଥା ଷଷ୍ଠଶ୍ରେଣୀରୁ ଅଷ୍ଟମ ଶ୍ରେଣୀ, ନବମରୁ ଦ୍ୱାଦଶ, ବାଳିକା ବିଭାଗ, ପୁରାତନ ଛାତ୍ର ବିଭାଗରେ ଉଦ୍ଦିଷ୍ଟ ରହିବ। ପ୍ରତିଯୋଗୀତାର ଶେଷରେ ମୁଖ୍ୟ ଅତିଥି କମୋଡ଼ର ରହଙ୍ଗଡାଲେ ବିଜୟୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବେ। ଏତଦ୍ ବ୍ୟତୀତ ସୈନିକସ୍କୁଲ ଭୁବନେଶ୍ୱରର ୫୩ତମ ବାର୍ଷିକ ବନ୍ଧୁ ମିଳନ ଡିସେମ୍ବର ୨୨ ତାରିଖରେ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ପ୍ରତିରକ୍ଷା ବାହିନୀ, ଭାରତୀୟ ପ୍ରଶାସନିକ ସେବା, ଡାକ୍ତର, ବହୁ ରାଷ୍ଟ୍ରୀୟ ପବ୍ଲିକ୍ ସେକ୍ଟର କମ୍ପାନୀ, ଭାରତ ଏବଂ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ପୁରାତନ ଛାତ୍ର ସପରିବାରେ ବହୁ ସଂଖ୍ୟାରେ ଯୋଗଦାନ କରିବେ। ଉକ୍ତ ଉତ୍ସବରେ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ କାର୍ଯ୍ୟସୂଚୀ ଗ୍ରହଣ ନିମନ୍ତେ ପୁରାତନ ଛାତ୍ରମାନେ ଆଲୋଚନା କରିବେ। ଏହି ବର୍ଷ ୧୯୯୯ରେ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟାଚ୍‌ର ପୁରାତନ ଛାତ୍ର ନିଜର ରୌପ୍ୟ ଜୟନ୍ତୀ ପାଳନ କରିବେ। ଏହାଛଡ଼ା ୧୯୭୪ ବ୍ୟାଚର ପୁରାତନ ଛାତ୍ର ମଧ୍ୟ ନିଜ ବ୍ୟାଚର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରିବେ। ଇତ୍ୟବସରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ, ରକ୍ତଦାନ ଶିବିର, ବ୍ୟବସାୟିକ ଓ ସ୍ୱାସ୍ଥ୍ୟ ଜନିତ ଷ୍ଟଲ, ବର୍ତ୍ତମାନର କ୍ୟାଡ଼େଟ୍ ଓ ପୁରାତନଙ୍କ ମଧ୍ୟରେ ବାସ୍କେଟବଲ ପ୍ରତିଯୋଗୀତା ଏବଂ ମ୍ୟୁଜିକାଲ ନାଇଟ୍‌ର ମଧ୍ୟ ଆୟୋଜନ କରାଯାଇଛି। ଏଣୁ ପୁରାତନ ଛାତ୍ର ସଂଘର ସଭାପତି ଓ ସେକ୍ରେଟାରୀ ପୁରାତନ ଛାତ୍ରମାନଙ୍କୁ ବହୁ ସଂଖ୍ୟାରେ ସପରିବାରେ ଯୋଗଦାନ କରି ବନ୍ଧୁମିଳନ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାକୁ ଅନୁରୋଧ କରିଛନ୍ତି।

# ପିଏମ ସ୍ୱନିଧି ଯୋଜନାରେ ୩୦ ହଜାର କୋଟି ଟଙ୍କାର ଋଣ

**ଭୁବନେଶ୍ୱର,୧୨।୧୨ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ପ୍ରଥମ ଓ ଦ୍ୱିତୀୟ ପାଳି ଭଳି ତୃତୀୟ ପାଳିର ପ୍ରଥମ ୬ ମାସ ମଧ୍ୟରେ ଦେଶରେ ସ୍ୱଚ୍ଛତାର ପ୍ରସାର ଏବଂ ସହରୀ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା କେନ୍ଦ୍ର ଶିକ୍ଷା ଓ ଉତ୍ତର ପୂର୍ବାଂଚଳ ବିକାଶ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର କହିଛନ୍ତି। ଭୁବନେଶ୍ୱର ଠାରେ ଗଣମାଧ୍ୟମକୁ ବିବୃତି ଦେଇ ଶ୍ରୀ ମଜୁମଦାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ୧୫ ସେପ୍ଟେମ୍ବର ଠାରୁ ୨ ଅକ୍ଟୋବର ପର୍ଯ୍ୟନ୍ତ 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା'କୁ ନେଇ ସମ୍ପୂର୍ଣ୍ଣ ଅଭିଯାନ ଆରମ୍ଭ କରିଥିଲେ। ସ୍ୱଚ୍ଛତା କ୍ଷେତ୍ରରେ କାମ କରୁଥିବା ଲୋକଙ୍କୁ ଗୁରୁତ୍ୱ ଦେଇ ସରକୋର ସ୍ୱଚ୍ଛ ମିତ୍ରଙ୍କୁ ସମ୍ମାନ ଦେବା ଲାଗି ପଦକ୍ଷେପ ନେଇଥିଲେ। ଜନଭାଗିଦାରୀ ବଢ଼ାଇବା ପାଇଁ ସ୍ୱଚ୍ଛତା ଅଭିଯାନରେ ଚଳିତ ବର୍ଷ ୧୭ ଲକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ। ସେ କହିଥିଲେ, ୧୮ ଲକ୍ଷ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ୪୩ ଲକ୍ଷ ସଫେଇ ମିତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ବିଭିନ୍ନ ପର୍ବପର୍ବାଣୀକୁ ସ୍ୱଚ୍ଛତା ସହ ଯୋଡ଼ିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୬୪ ଲକ୍ଷରୁ ଅଧିକ ବ୍ୟକ୍ତିଗତ ଏବଂ ୬.୬୬ ଲକ୍ଷରୁ ଅଧିକ ସାର୍ବଜନୀନ ଶୌଚାଳୟ ନିର୍ମାଣ କରିଛନ୍ତି। ୨୦୧୪ ପୂର୍ବରୁ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ଖୁବ୍ କମ୍ ରହିଥିଲା। ଆମ ସରକାର ଆସିବା ପରେ ୯୩ ହଜାର ୬୦୦ରୁ ଅଧିକ ୱାର୍ଡରେ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରସାର ହୋଇଛି। ସାରା ଦେଶରେ ବର୍ଜ୍ୟବସ୍ତୁର ବ୍ୟବସ୍ଥିତ ସଂଗ୍ରହ ୯୭% ୱାର୍ଡରେ ପହଂଚି ପାରିଛି। ଏହା ସରକାର ବହୁତ ବଡ଼ ଉପଲବ୍ଧି ବୋଲି ସେ କହିଥିଲେ। କେନ୍ଦ୍ର ମନ୍ତ୍ରୀ କହିଥିଲେ, ଦୀନଦୟାଲ ଉପାଧ୍ୟାୟ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଜରିଆରେ ୩୯.୩୯ ଲକ୍ଷ ଜୀବିକା ସୁଯୋଗ ସୃଷ୍ଟି କରାଯାଇଛି। ସହରରେ ବାସହୀନମାନଙ୍କୁ ଆଶ୍ରୟ ଦେବା ଲାଗି ୨ହଜାର ଆଶ୍ରୟସ୍ଥଳୀ ଖୋଲାଯାଇଛି ଯେଉଁଥିରେ ୧ ଲକ୍ଷ ୪୧ ହଜାରରୁ ଅଧିକ ବାସହୀନ ଲୋକ ରହିପାରିବେ। ସାଧାରଣ ଲୋକଙ୍କ ଜୀବନକୁ ସହଜ ଓ ସରଳ କରିବା ଲାଗି ଆମ ସରକାର କାମ କରୁଛନ୍ତି। ଦେଶରେ ୧୦୦ ସ୍ମାର୍ଟସିଟି ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଏଥିରେ ୧ ଲକ୍ଷ ୬୭ହଜାର କୋଟିରୁ ଅଧିକ ଟଙ୍କା ନିବେଶ ପାଇଁ ବ୍ୟବସ୍ଥା କରାଯାଇଛି । ସ୍ମାର୍ଟସିଟିରେ ଆଧୁନିକ ପରିବହନ ଠାରୁ ଡିଜିଟାଲ ତଥ୍ୟ ପାଇଁ ଇଂଟିଗ୍ରେଟେଡ୍ କମାଣ୍ଡ ସେଂଟର ଖୋଲାଯାଇଛି।



ମହାଭରତ

ସାରାଂଶ ଚଳନ୍ତି ସମୟର ଅବଶିଷ୍ଟାଂଶ






## ବାୟୁ ପ୍ରଦୂଷଣ ମାତ୍ରା

ବାୟୁ ପ୍ରଦୂଷଣ ମାତ୍ରା ହ୍ରାସ ଏବଂ ପ୍ରତିକାର ନିମନ୍ତେ ଯେତେ ଯାହା ପଦକ୍ଷେପ ନିଆଗଲେ ମଧ୍ୟ ତାହା ସଫଳ ହୋଇପାରୁନାହିଁ। ଏହାର କାରଣ ଯାହା କୁହାଯାଉଛି ତାହା ଅନେକାଂଶରେ ସତ ହେଲେ ମଧ୍ୟ ଏହା ଏକମାତ୍ର କାରଣ ନୁହେଁ। ଶୀତ ଋତୁରେ ଉତ୍ତର ପଶ୍ଚିମ ଭାରତର ପଞ୍ଜାବ, ହରିୟାନା, ପଶ୍ଚିମ ୟୁପି ଭଳି କୃଷି ସମୃଦ୍ଧ ଅଞ୍ଚଳରେ ଚାଷୀମାନେ ଫସଲ ଅମଳ ପରେ ଜମିରେ ନଡ଼ା ବା ଅନ୍ୟ କୃଷି ବର୍ଜ୍ୟବସ୍ତୁ ଜାଳୁଛନ୍ତି। ଏଥିରୁ ଯେଉଁ ଧୂଆଁ ନିର୍ଗତ ହେଉଛି ତାହା ଶୀତଦିନେ ଉତ୍ତର ପଶ୍ଚିମ ଦିଗରୁ ଆସୁଥିବା ବାୟୁରେ ଦିଲ୍ଲୀକୁ ଚାଲିଆସୁଛି। ତେଣୁ ଶୀତ ଦିନ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଅତି ବିପଜ୍ଜନକ ସ୍ତରକୁ ଟପିଯାଉଛି। ଏହାକୁ ରୋକିବା ନିମନ୍ତେ ପ୍ରୟାସ କରାଯାଉଛି। ଜମିରେ ନଡ଼ା ଜାଳିବା ଉପରେ କଟକଣା ଜାରି କରାଯାଇଛି ଏବଂ ଏଭଳି କଲେ ଜେଲ-ଜୋରିମାନା ହେଉଛି। କିନ୍ତୁ ହଜାର ହଜାର ହେକ୍ଟର ଜମିରେ ନଡ଼ା ଜାଳିବା ପ୍ରକ୍ରିୟାକୁ ରୋକାଯାଇପାରୁନି। କାରଣ ଆମ ଜନଚରିତ୍ରରେ ସବୁ ବେଳେ କେବଳ ନିଜ କଥା ଚିନ୍ତା କରିବା ଏବଂ ସାମୁହିକ ସ୍ୱାର୍ଥ ରକ୍ଷା ବା ଦେଶର ସ୍ୱାର୍ଥ ରକ୍ଷା ପ୍ରତି ଅଣଦେଖା କରିବା ପରିଲକ୍ଷିତ ହୋଇଥାଏ। ଏହାକୁ ନେଇ ଅନେକ ରାଜନୀତି ମଧ୍ୟ ହେଉଛି। ନଡ଼ା ଜାଳିବା ଅଭିଯୋଗରେ ଦୁଇ ବର୍ଷ ତଳେ କିଛି ଚାଷୀଙ୍କୁ ଗିରଫ କରାଯାଇଥିଲା। ଏହା ବିରୋଧରେ କୃଷକମାନେ ଆନ୍ଦୋଳନ କଲେ। ସରକାର ବାଧ୍ୟ ହୋଇ ସେମାନଙ୍କ ସହିତ ସାଲିସ କଲେ। କିନ୍ତୁ କେବଳ ନଡ଼ା ଜାଳିବା ଦ୍ୱାରା ଦିଲ୍ଲୀରେ ବାୟୁ ପ୍ରଦୂଷିତ ହେଉଛି ବୋଲି କହିବା ଭୁଲ ହେବ। କାରଣ ଆଜିକୁ ଶହ ଶହ ବର୍ଷ ହେବ ପଞ୍ଜାବ, ହରିୟାନାର ଚାଷୀମାନେ ଫସଲ ଅମଳ ପରେ ଜମିରେ କୃଷି ବର୍ଜ୍ୟବସ୍ତୁକୁ ଜାଳି ଆସୁଛନ୍ତି। ସେତେବେଳେ ବି ଉତ୍ତର ପଶ୍ଚିମ ଦିଗରୁ ଥଣ୍ଡା ପବନ ପ୍ରବାହିତ ହେଉଥିଲା। କିନ୍ତୁ ପୂର୍ବରୁ କାହିଁକି ଏଭଳି ପ୍ରଦୂଷଣ ସମସ୍ୟା ସୃଷ୍ଟି ହେଉନଥିଲା ? କାରଣ ଦିଲ୍ଲୀରେ ବାୟୁ ପ୍ରଦୂଷଣର ଅନେକ ଭିନ୍ନ କାରଣ ରହିଛି। ପ୍ରଥମତଃ ଦିଲ୍ଲୀ ଚାରିପଟେ ଶହ ଶହ ଶିଳ୍ପ କାରଖାନା ପ୍ରତିଷ୍ଠା ହୋଇଛି। ଏହା ବାୟୁ ପ୍ରଦୂଷଣ ବୃଦ୍ଧିର ଏକ କାରଣ। ଏହା ବାଦ ଡିଜେଲ ଏବଂ ପେଟ୍ରୋଲ ଚାଳିତ ଗାଡ଼ି ଚଳାଚଳ ସଂଖ୍ୟା ଏତେ ପରିମାଣରେ ବଢ଼ିଯାଇଛି ଯେ, ଏଥିରୁ ନିର୍ଗତ ବିଷାକ୍ତ ଗ୍ୟାସ ମଧ୍ୟ ବାୟୁ ପ୍ରଦୂଷଣର ଅନ୍ୟତମ କାରଣ। ଏହାକୁ ରୋକିବା ନିମନ୍ତେ ଇଭି ଏବଂ ସିଏନଜି ଚାଳିତ ଗାଡ଼ି ଚଳାଚଳକୁ ପ୍ରୋତ୍ସାହିତ କରାଯାଉଛି। କିନ୍ତୁ ଏହା ଏବେ ସୁଦ୍ଧା ସେଭଳି ଆଦୃତ ହୋଇନି। ଏବେ ଆଉ କେହି ସାଇକେଲ ଚଳାଇବାକୁ ନାରାଜ। ସ୍କୁଲ ପିଲାମାନେ ମଧ୍ୟ ସାଇକେଲ ଚଳାଉ ନାହାଁନ୍ତି। ୧୪/୧୫ ବର୍ଷ ବୟସର ପିଲା ପେଟ୍ରୋଲ ଚାଳିତ ଦୁଇଚକିଆ ଯାନ ଚଳାଉଛନ୍ତି। କର୍ମଚାରୀମାନେ ମଧ୍ୟ ଆଉ କେହି ସାଇକେଲ ଚଳାଉ ନାହାଁନ୍ତି। ଯଦି ସାଇକେଲ ଚଳାଇବାକୁ କଷ୍ଟ ହେଉଛି ବା ଏହା ସମୟ ସାପେକ୍ଷ ବୋଲି କୁହାଯାଉଛି, ତେବେ ଏହାର ବିକଳ୍ପ ହେଲା ପବ୍ଲିକ ଟ୍ରାନ୍ସପୋର୍ଟେସନ। ଦିଲ୍ଲୀ ବା ଅନ୍ୟ ସହରାଞ୍ଚଳରେ ଏଭଳି ସର୍ବସାଧାରଣ ପରିବହନ ବ୍ୟବସ୍ଥାର ଉନ୍ନତିକରଣ ଆବଶ୍ୟକ। ବ୍ୟାଟେରୀ ଚାଳିତ ଗାଡ଼ି ଚଳାଚଳକୁ ପ୍ରୋତ୍ସାହିତ କରାଯିବା ଉଚିତ। ରାସ୍ତାରେ ଯେତେ କମ ସଂଖ୍ୟକ ଗାଡ଼ି ମୋଟର ଚାଲିବ, ପ୍ରଦୂଷଣ ସେତେ କମ ରହିବ। ଏଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ରହିଛି। ସୀମା ଟପିଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଦିଲ୍ଲୀ ଭଳି ଓଡ଼ିଶାରେ ମଧ୍ୟ ପ୍ରଦୂଷଣ ମାତ୍ରା ବିଶେଷ କରି ଟୁଇନ ସିଟିରେ ବାୟୁ ପ୍ରଦୂଷଣ ସ୍ଥିତି ନିୟମିତ ଭାବେ ବଢ଼ିଚାଲିଛି। ଏବେ ଓଡ଼ିଶା ପାଇଁ କେବଳ ସତର୍କ ଘଣ୍ଟି ବାଜିଛି। ଆଗକୁ ପରିସ୍ଥିତି ସଙ୍ଗୀନ ହେବ।

# ସ୍ୱାସ୍ଥ୍ୟ ମୋର ସୁସ୍ଥ ହେଉ

॥ ଉମେଶ ଚନ୍ଦ୍ର ପାତ୍ର ॥


*ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା । ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ ।*


ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି । ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି । ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ । ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ । ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ । ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ । ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ । ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା । ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ । ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ । ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ । ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ । ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ । ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ । ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ । ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ । ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ - ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ - ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁସ୍ଥ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉସ୍ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ।

ଖାଦ୍ୟ ଗ୍ରହଣ କରିବା କର୍ମ ହେଉଛି ଏକ ଉପାସନା। ଏଥିପାଇଁ ଦରକାର ଏକ ଉପଯୁକ୍ତ ଭାବ । ଆମ ପାକସ୍ଥଳୀରେ ଏକ ପ୍ରକାର ଅଗ୍ନି ଅଛି ବୋଲି ଆଧାତ୍ମିକବାଦୀମାନେ କହିଥାନ୍ତି । ସେହି ଅଗ୍ନି, କ୍ଷୁଧା ସୃଷ୍ଟି କରେ ଓ ସେ କ୍ଷୁଧାକୁ ସନ୍ତୁଷ୍ଟ କରିବା ପାଇଁ ଆମେ ସେ ଅଗ୍ନି କୁଣ୍ଡରେ ଖାଦ୍ୟ ଅର୍ପଣ କରିଥାଉ । ଏହି ଅଗ୍ନି ଆମ ଠାରେ ସମ୍ଭବ ହୋଇଛି କେବଳ ପରବ୍ରହ୍ମ ପରମାତ୍ମାଙ୍କ ଅଂଶ ଆତ୍ମାର ସ୍ଥିତି ଯୋଗୁ । ଆତ୍ମା ବାହାରି ଯାଇଥିବା ଦେହ ବା ଶବଠାରେ କ୍ଷୁଧା ସୃଷ୍ଟି ହୋଇପାରେ ନାହିଁ । ଏହି କ୍ଷୁଧାକୁ ତୁଷ୍ଟ କରିବା ଅର୍ଥ ବୈଶ୍ୱାନରଙ୍କୁ ସନ୍ତୁଷ୍ଟ କରିବା । ଭଗବତ ଗୀତାରେ ଉଲ୍ଲେଖ ଅଛି 'ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାମ୍ ଦେହ ମାଶ୍ରିତଃ, ପ୍ରାଣପାନ ସମାଯୁକ୍ତପଚାମ୍ୟନ୍ନକମ୍ ଚତୁର୍ବିଧମ୍ ।' ଏ ଦୃଷ୍ଟିରୁ କ୍ଷୁଧାକୁ ସନ୍ତୁଷ୍ଟ କରିବା ଅର୍ଥ ଭଗବାନଙ୍କୁ ସନ୍ତୁଷ୍ଟ କରିବା, ଯାହାର ପ୍ରକୃତ ଅର୍ଥ ହେଉଛି - ଉପାସନା । ଭୋଜନ କରିବା କେବଳ ଜିହ୍ୱା ଲାଳସାର ସନ୍ତୁଷ୍ଟି ନୁହେଁ ବା ସେ ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ । ଖାଦ୍ୟ ଗ୍ରହଣ କରିବା ଏକ ଯଜ୍ଞ ସହ ତୁଳନୀୟ । ଯଜ୍ଞାଗ୍ନିକୁ ଯେଭଳି ନାନା ବିଧ ଦ୍ରବ୍ୟ ଅର୍ପଣ କରାଯାଏ, ଖାଦ୍ୟ ଗ୍ରହଣ କରିବା ସେହିଭଳି ଏକ ଯଜ୍ଞକର୍ମ, ଦେବକର୍ମ ଓ ଉତ୍ତମ ଉପାସନା । ବେଳେ ବେଳେ ନାନା କାରଣବଶତଃ ମଣିଷ ଅଭିମାନ, ଅଜ୍ଞତା ଓ କ୍ରୋଧର ବଶବର୍ତ୍ତୀ ହୋଇ ବା ଅନ୍ୟ କାହା ଉପରେ ଦାଉ ସାଧିବାକୁ ଯାଇ, ନଖାଇ ନପିଇ ନିଜ ଦେହକୁ କଷ୍ଟ ଦେଇଥାଏ । ବେଳେ ବେଳେ ଓଳିଏ ପାଇଁ ପାକସ୍ଥଳୀକୁ ପରିଷ୍କାର କରିବା ପାଇଁ ଖାଦ୍ୟ ଗ୍ରହଣ କରିବାରେ ବିରତି ଦିଆଯାଇପାରେ । ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ସୁସ୍ଥତା ଓ ସର୍ବୋପରି ଆଧାତ୍ମିକ ସ୍ୱାସ୍ଥ୍ୟ ପାଇଁ ସଠିକ୍ ପ୍ରକାର ଓ ସଠିକ୍ ଭାବର ସହ ଖାଦ୍ୟ ଗ୍ରହଣ କରିବା କେତେ ବେଶୀ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସମସ୍ତଙ୍କର ଅନୁଧ୍ୟାନର ବିଷୟ । ଆଧାତ୍ମିକ ସ୍ୱାସ୍ଥ୍ୟ ନିମିତ୍ତ ନିୟମିତ ପୂଜା ପ୍ରାର୍ଥନା, ଧ୍ୟାନ ଓ ଗୁରୁଦୀକ୍ଷା ଏକାନ୍ତ ପ୍ରୟୋଜନ - ଏହି ମତବ୍ୟକ୍ତ କରିଛନ୍ତି ଯୁଗାବତାର ମହାପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ନିଜ ସ୍ୱାସ୍ଥ୍ୟ ପ୍ରତି ନିଜେ ନିଜେ ସଚେତନ ହୋଇ ସମସ୍ତେ ଯଦି ସ୍ୱାସ୍ଥ୍ୟ ନୀତି ଓ ନିୟମ ପାଳନ ପୂର୍ବକ ସୁସ୍ଥ ଜୀବନଯାପନ କରନ୍ତେ ତାହା ନିଜ ପ୍ରତି, ନିଜ ପରିବାର ପ୍ରତି ଓ ସର୍ବୋପରି ସମାଜ ତଥା ଦେଶ ପ୍ରତି ଆଶୀର୍ବାଦ ହୋଇଯାଆନ୍ତା । ସୁସ୍ଥ ଶରୀର ଓ ସୁସ୍ଥ ମନ ଉନ୍ନତ ବିଚାରର ଜନକ ଓ ଉନ୍ନତ ବିଚାର ବିବେକର ସମର୍ଥକ। ବିବେକାନୁମୋଦିତ ଜୀବନ ହିଁ ସର୍ବୋତ୍ତମ ଫଳଦାୟୀ ଜୀବନ । ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି । ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ । ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ ।


ପ୍ରଫେସର ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# ପ୍ରକୃତି, ପରିବେଶ ଓ ମାଆ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ - ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପ୍‌ଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା

॥ ଅନୀତା ପଟ୍ଟନାୟକ ॥

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ। ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା। ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ। ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ। ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ। ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି। ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ। ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା - ସାମାଜିକ ଓ ଆଧାତ୍ମିକ। ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ। ଆଧାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ। ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ। ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା। ସାଧୁ କହିଲେ କାହାରିକୁ କୁସ୍ୱରଟନା କରନାହିଁ। ତୁମେ ମାନବର ଜୀବନକୁ ଦେଖ। ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ। ସେମାନେ ଉଚ୍ଚପଦବୀ ଚାହାଁନ୍ତି। ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା - ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା। ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି। ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ। କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି। କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି। ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା। ଘଣ୍ଟା କାଳର ପ୍ରତୀକ। ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ। ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ। ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର। ଘଣ୍ଟାର ଏସବୁ କିଛି ନାହିଁ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର। ଯେ ଉତ୍ତମ ସେ ବଞ୍ଚେ। ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ। ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ। ଏହା ଜୀବନର ରୀତି। ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ। ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ। ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ। ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି। ଘଣ୍ଟା କହିଲା ହେ ମହାନୁଭବ ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ। ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ। ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ। ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ। ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ। ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର। ଜୀବନ ସ୍ଥିର ନୁହେଁ। ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି। କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା। ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ। ଉପର ତଳରେ ସୁନ୍ଦରତା ଥାଏ। ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ। ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି। ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ। ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର। ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ ସେହିପରି ସୀମା ଅଛି। ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ। ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ। ଦୁଇ ଆଖି ଶୃଙ୍ଖଳାର ସହ ଦେଖେ। ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାୟୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ। ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ। ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ। ମନର ନିର୍ଦ୍ଦେଶରେ ନୁହେଁ। ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ ନିଜର ପନ୍ଥା ନିଜକୁ ବାଛିବାକୁ ହେବ। ଆଧାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ। ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ। ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି। କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି। ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ। ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି। ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ। ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ। ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ। ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା। ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ। ଡଙ୍ଗା ପାଣିରେ ଭାସେ। ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ। ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ। ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ। ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ମହାଭାରତ ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ଜଳାଶୟକୁ ପୋତିଛି ମୁନିସିପାଲିଟି

**ଖୋର୍ଦ୍ଧା,୧୨।୧୨ (ମହାଭାରତ):** ଚଳିତବର୍ଷ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ହାବେଳୀ ପଡ଼ିଆ ଠାରେ ଖୋର୍ଦ୍ଧା ମହୋତ୍ସବ କମିଟି ତାର ୨୫ବର୍ଷ ପୂର୍ତ୍ତି ଉପଲକ୍ଷେ ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଦିନକୁ ଦିନ ଏବେ ବିବାଦରେ ଛନ୍ଦି ହୋଇ ପଡିଛନ୍ତି କମିଟି କର୍ମକର୍ତ୍ତା । ମହୋତ୍ସବ ଆୟୋଜନ ସମୟରେ ସାମୁହିକ ସ୍ୱାର୍ଥକୁ ଉପେକ୍ଷା କରା ଯାଉଥିବା ସମ୍ପର୍କରେ ଗତ ଦୁଇ ତାରିଖରେ ସ୍ଥାନୀୟ ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପହଞ୍ଚି ସ୍ଥାନୀୟ ଲୋକ ଲିଖିତ ଅଭିଯୋଗ କରିଥିଲେ। ଏହି ସମ୍ବନ୍ଧରେ ଗତ ଦଶ ତାରିଖରେ ରାଜ୍ୟ କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ମଧ୍ୟ ଖୋର୍ଦ୍ଧା ତହସିଲଦାରଙ୍କୁ ସାକ୍ଷାତ କରି ସମାନ ଅଭିଯୋଗ ଆଣିଛନ୍ତି । ପ୍ରକାଶ ଥାଉ କି, ସ୍ଥାନୀୟ ଲୋକଙ୍କ ବିରୋଧ ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଉପ-ଜିଲ୍ଲାପାଳଙ୍କ କଡ଼ା ତାଗିଦ ପରେ ମଧ

ମହୋତ୍ସବ କମିଟିର ଆୟୋଜକ ସମସ୍ତ ସରକାରୀ ନିୟମକୁ ଉଲ୍ଲଂଘନ କରି ଜଝାରସିଂହ ମୌଜାର ୧୧୦୬ ଖାତାରେ ଥିବା ୨୬୮୯ ପ୍ଲଟ ହାବେଳୀ ପଡ଼ିଆ, ଯାହା କି ଉନ୍ନତ ଯୋଜନା ଯୋଗ୍ୟ କିସମରେ ଅନ୍ତର୍ଭୁକ୍ତ, ସେହି ସ୍ଥାନରେ ମହୋତ୍ସବ କରିବାକୁ ଖୋର୍ଦ୍ଧା ପୌର ପରିଷଦ ଠାରୁ ଅନୁମତି ଆଣିଥିବା ବେଳେ ପଡ଼ିଆକୁ ଲାଗି ଉକ୍ତ ୨୬୮୬ ପ୍ଲଟରେ ରହିଥିବା ପୋଖରୀ(ସାନଚତରା)କୁ ରାତି ଅଧିଆ । ଟ୍ରକ୍ ଟ୍ରକ୍ ନାଲି ମୋରମ ପକାଇ ପଡ଼ିଆ । ପୋତି ସେଠାରେ କାର୍ଯକ୍ରମ କରିବାକୁ ମସୁଧା ଚଳାଇଛନ୍ତି । ତେବେ ଏ ନେଇ ତହସିଲଦାରଙ୍କୁ ଅଭିଯୋଗ କରିଥିବା ବେଳେ ମହୋତ୍ସବ ପଡିଆ । ଯାଇ ସ୍ଥିତି ପରଖିବା ବେଳେ ସୋନାଲି ସାହୁ ଏବଂ କମିଟି ସମ୍ପାଦକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ବେଳେ କାର୍ଯ୍ୟରତ ସାମ୍ବାଦିକ ଏବଂ ସ୍ଥାନୀୟ ମହିଳାଙ୍କୁ ମହୋତ୍ସବ କମିଟି କର୍ମକର୍ତ୍ତାଙ୍କ ଦୁର୍ବ୍ୟବହାରକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାକୁ ନେଇ ଏବେ ମହୋତ୍ସବ ଆୟୋଜକ କମିଟିର ସଂପାଦକ ଶ୍ରୀ ନରେନ୍ଦ୍ର ପୃଷ୍ଟି ୨୬୮୬ ପ୍ଲଟରେ ରହିଥିବା ପୋଖରୀ (ସାନଚତରା)କୁ ଆମେ ପୋତିନାହୁଁ ଓଲଟା ଖୋର୍ଦ୍ଧା ପୌର ପରିଷଦ ଦୀର୍ଘଦିନ ଧରି ଅଳିଆ । ଆବର୍ଜନା ପକାଇ ଏହି ପୋଖରୀକୁ ପୋତିବା ପାଇଁ ଯୋଜନା କରୁଛି




ବୋଲି ଏକ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ସ୍ପଷ୍ଟୀକରଣ ରଖିଛନ୍ତି । ଏ ସମ୍ପର୍କରେ ପୌର ପରିଷଦର ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାକୁ ଚାହିଁବା ବେଳେ ଖୋର୍ଦ୍ଧାରେ ଭେଣ୍ଡିଙ୍ଗ ଜୋନକୁ ନେଇ ଉପୁଜିଥିବା ସମାସ୍ୟାକୁ ନେଇ ବ୍ୟସ୍ତ ଅଛନ୍ତି କହି ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ଉତ୍ତର ଦେଇ ନଥିଲେ ।

ତେବେ ଏଠି ପ୍ରଶ୍ନ ଉଠୁଛି ପୋଖରୀକୁ ପୋତିବା ପାଇଁ ଏତେ ସଂଖ୍ୟକ ମୋରମ କେଉଁ ସରକାରୀ ଅନୁମୋଦିତ ଖଣିରୁ ଆସୁଛି, ତାହା ପୁଣି ରାତି ଅଧିଆ । ଏ ସବୁ ମୋରମ ଆଣିବା ପାଇଁ ଅନୁଷ୍ଠାନ କର୍ମକର୍ତ୍ତା । ରାଜସ୍ୱ ବିଭାଗ ଅଧିକାରୀଙ୍କ ଠାରୁ ଅନୁମତି ଆଣିଛନ୍ତି କି ନାହିଁ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ । ସେହିପରି ସମ୍ପାଦକ ଶ୍ରୀ ପୃଷ୍ଟିଙ୍କ ପୌର ପରିଷଦ ବିରୁଦ୍ଧରେ ଗଣମାଧ୍ୟମରେ ଏପରି ବିବୃତି ନିହାତି ଭାବରେ କିଛି ଅଲଗା ଅର୍ଥକୁ ସଙ୍କେତ ଦେଉଛି ।

ଅଭିଯୋଗ ପରେ ଚୁପ୍ ରହିବାଟା ନିହାତି ଭାବରେ ପ୍ରଶାସନିକ ଅଧିକାରୀ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯେଉଁଠି ଅନୁମତି ପତ୍ର ଥାଇ ମଧ୍ୟ ଗୋଟିଏ ଟ୍ରକ ମୋରମ ସହର ଭିତରକୁ ଆଣିବା କଷ୍ଟକର ହୋଇ ପଡୁଛି, ସେଠି କିପରି ଟ୍ରକ୍ ଟ୍ରକ୍ ମୋରମ ସହର ଭିତରକୁ ପୁଣି କାହା ଅନୁମତିରେ ଆସୁଛି । ଏହା ସହିତ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ପାରମ୍ପରିକ ଜଳାଶୟ ଗୁଡିକର ପୁନରୁଦ୍ଧାର ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଥିବା ବେଳେ ଏଠି ପୋଖରୀ ପୋତିଦେବା ସ୍ଥାନୀୟ ବାସିନ୍ଦାଙ୍କୁ ବ୍ୟଥିତ କରିଛି ।

# ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନଲାଇନ୍ ଦେୟ ଜମା ପଦ୍ଧତି ଉଦଘାଟିତ

**ଖଡ଼ିଆଳ,୧୨।୧୨ (ମହାଭାରତ):** ନୂଆପଡା ଜିଲ୍ଲା ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଏଣିକି ଛାତ୍ର ଛାତ୍ରୀ ମାନେ ଅନଲାଇନ୍ ମାଧ୍ୟମରେ ଦେୟ ଜମା କରିପାରିବେ । ଏହି ସୁବିଧାକୁ ମହାବିଦ୍ୟାଳୟର ପରିଚାଳନା ସମିତି ର ଅଧକ୍ଷ ଶ୍ରୀ ବିଶ୍ୱଜିତ ପାଢ଼ୀ ଉଦଘାଟନ କରିଥିଲେ । ପ୍ରକାଶଯୋଗ୍ୟ ଯେ ଜିଲ୍ଲାର ସବୁଠାରୁ ପୁରାତନ ମହାବିଦ୍ୟାଳୟରେ ଏହି ସୁବିଧା ନଥିଲା ଯଦ୍ୱାରା କି ଛାତ୍ର ଛାତ୍ରୀ ମାନେ ବିଭିନ୍ନ ସମୟରେ ଅନେକ ଅସୁବିଧା ର ସମ୍ମୁଖୀନ ହେଉଥିଲେ । ତେଣୁ ଛାତ୍ରଛାତ୍ରୀ ମାନେ ଏଭଳି ସମସ୍ୟାରୁ ବଞ୍ଚିତ ହେବେ ସେଥିପାଇଁ ଅନଲାଇନ ଦେୟ ଜମା କରିବାର ସୁବିଧା ଆରମ୍ଭ କରାଯାଇଛି । ଏହି ଅବସରରେ ପରିଚାଳନା ସମିତିର ମାଧ୍ୟମରେ ଏକ ସାକ୍ଷାତ କାରରେ ଶ୍ରୀ ପାଢ଼ୀ ସୂଚନା ଦେଇଥିଲେ ଯେ ଏହାଦ୍ୱାରା ବିଦ୍ୟାର୍ଥୀ ଏବଂ ସେମାନଙ୍କ ଅଭିଭାବକ ମାନେ ମଧ୍ୟ ଲାଭବାନ ହେବେ କ୍ଷ ମହାବିଦ୍ୟାଳୟରେ କିଛି ଅସାଧୁ କର୍ମଚାରୀ ପିଲାଙ୍କ ଫିସ ଜମାରେ ବ୍ୟତିକ୍ରମ ଦେଖାଉଥିଲା ଏବଂ ତାକୁ ନଜରରେ ରଖି ଏହାକୁ ତୁରନ୍ତ ଲାଗୁକରିବାକୁ ପରିଚାଳନା ସମିତି ନିଷ୍ପତି ନେଇଥିଲା ଏବଂ ଏଥିପାଇଁ ପରିଚାଳନା ସମିତିର ସମସ୍ତ ସଭ୍ୟ ସଭ୍ୟାଙ୍କ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣେଇଥିଲେ ।

ଏହି ବ୍ୟବସ୍ଥାରେ ବିଦ୍ୟାର୍ଥୀ ମାନେ ନିଜ ଫୋନପେ, ଗୁଗୁଲପେ, ୟୁପିଇ ଓ ବ୍ୟାଙ୍କ ମାଧ୍ୟମରେ ସମସ୍ତ ଫିସ ଦାଖଲ କରିପାରିବେ ବୋଲି ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ପ୍ରଶାନ୍ତ ପଣ୍ଡା ସୂଚନା ଦେଇଥିଲେ । ଏଣିକି କଲେଜ ରେ ଟଙ୍କା ନେଣ ଦେଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିବ ବୋଲି ସେ ଜଣାଇଥିଲେ । ପରିଶେଷରେ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ଶ୍ରୀ ଓଘାଗତ ରାଉତ ଧନ୍ୟବାଦ ଦେବା ସହ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖାର ମୁଖ୍ୟ ପରିଚାଳକ ଶ୍ରୀ ଦିନେଶ ମିଶ୍ରଙ୍କ ସହଯୋଗ ପାଇଁ ତାଙ୍କୁ ମହାବିଦ୍ୟାଳୟ କର୍ମଚାରୀ ସହ ପରିଚାଳନା କମିଟି ସଦସ୍ୟମାନେ ସାଧୁବାଦ ଜଣେଇଥିଲେ ।

# ରାସ୍ତା ଜାମକୁ ନେଇ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

**କୋଇଡା,୧୨।୧୨ (ମହାଭାରତ):** ନଗେଶ ଚନ୍ଦ୍ର ପାଢ଼ୀ : ସୁନ୍ଦରଗଡ଼ ଜିଲ୍ଲା କୋଇଡା ଖଣି ଅଞ୍ଚଳର ୫୨୦ ନଂ ଜାତୀୟ ରାଜପଥ କାଲଟା ଠାରୁ କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳର ରୁଗୁଡ଼ି ପର୍ଯ୍ୟନ୍ତ ଦୁଇ ପାର୍ଶ୍ୱର ସମ୍ପୂର୍ଣ ରାସ୍ତା ଏବେ ଖଣି ଓ ପ୍ଲାଣ୍ଟ ମାଲିକଙ୍କ କବାଜରେ ରହିଥିବା ବେଳେ ଅଧିକାଂଶ ସମୟରେ ଭୟଙ୍କର ରାସ୍ତା ଜାମ ଯୋଗୁ ଦୁର୍ଘଟଣା ଘଟି ଯାଉଛି ନିରୀହ ଜୀବନ । ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରଶାରଣ ପରେ ତତ୍ପର ହୋଇଛି ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ । ଆଜି ସୁନ୍ଦରଗଡ଼ ଜିଲ୍ଲାପାଳ ସତ୍ୟବାନ ମହାଜନ କୋଇଡା ସଭାଗୃହରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି । ୫୨୦ ନଂ ଜାତୀୟ ରାଜପଥର ନିକଟବତୀ ଅଞ୍ଚଳରେ ଥିବା ଖଣି ଓ ପ୍ଲାଣ୍ଟର ଅଧିକାରୀ ମାନଙ୍କୁ ଅଧିକରୁ ଅଧିକ ସିକୁରିଟି ଯୋଗାଇ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ସିକୁରିଟି କୋଇଡା ତହସିଲଦାର ଓ କୋଇଡା ଥାନାଙ୍କ ନିର୍ଦ୍ଦେଶରେ ଯେଉଁ ଜାଗାରେ ଅଧିକ ଜାମ ହେଉଥିବ ସେହି ଜାଗାରେ ନିୟୋଜିତ କରାଯିବା ନେଇ ଜିଲ୍ଲାପାଳ ଶ୍ରୀ ମହାଜନ ସୂଚନା ଦେଇଥିଲେ ଓ ଖଣି, ପ୍ଲାଣ୍ଟ ଅଧିକାରୀଙ୍କୁ ନିଜର ପାର୍କିଂ ବଢ଼େଇବା ସହିତ ଟ୍ରାନ୍ସପୋର୍ଟର ମାନଙ୍କୁ ପାର୍କିଂର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲାପାଳଙ୍କ ସମେତ ରାଉରକେଲା ଆର.ଟି.ଓ , ବରିଷ୍ଠ ପୋଲିସ ଅଧିକାରୀ , ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲା । , କୋଇଡା ଖଣି ଉପ ନିର୍ଦ୍ଦେଶକ ଅସିତ କୁମାର ବେହେରା , ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ , ବିଡ଼ିଓ ରଶ୍ମିରେଖା ପାତ୍ର , ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର , ଖଣି ଓ ପ୍ଲାଣ୍ଟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଚୋରି ହେଉଛି ଶହଶହ ଟ୍ରିପ୍ ପଥର

**ଦଶପଲ୍ଲା,୧୨।୧୨ (ମହାଭାରତ):** ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଥିବା ବେଳେ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଜମି ଅଧିଗ୍ରହଣ ଠାରୁ ଆରମ୍ଭ କରି କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ ଦିଆଯାଉଛି । ରେଳପଥ ନିର୍ମାଣ କରିବା ପାଇଁ କେଉଁଠି ବଡ଼ ବଡ଼ ପାହାଡ଼ ଫଟା ଯାଉଛି ତ ପୁଣି କେଉଁଠି ପାହାଡ଼ ଖୋଳି ଟନେଲ୍ ନିର୍ମାଣ ହେଉଛି । ହେଲେ ଏସବୁ କାର୍ଯ୍ୟରୁ ଉତ୍ତୋଳନ ହେଉଥିବା ହଜାର ହଜାର ଟ୍ରିପ୍ ପଥର ଯାଉଛି କୁଆଡ଼େ ସେ ବାବଦରେ କାହାରି ନିକଟରେ ଖବରନାହିଁ । ଏଦିଗରେ ନା ଠିକାସଂସ୍ଥା କିମ୍ବା ଖଣି ବିଭାଗ ନିରବ ରହୁଥିବାର ସୁଯୋଗ ନେଇ ମାଫିଆ । ମାନେ ଅହରହ ସେସବୁ ପଥରକୁ ଲୁଟିବାରେ ଲାଗିଛନ୍ତି । ଦୈନିକ ଶହଶହ ଟ୍ରିପ୍



ପଥରକୁ ଶାଗମାଛ ଦରରେ ବିକ୍ରି କରାଯାଉଛି । ଫଳରେ ସରକାର ପ୍ରତ୍ୟେକ୍ଷ ଭାବେ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି । ପୂର୍ବରୁ ଦଶପଲ୍ଲାର ଅରାସାହି ଓ ନୂଆସାହି ସମେତ ପଥୁରିଆ ଠାରେ ପାହାଡ଼ ଫଟାଇ ଉତ୍ତୋଳନ ହୋଇଥିବା କୋଟି କୋଟି ଟଙ୍କା ମୂଲ୍ୟର ପଥରକୁ ମାଫିଆ । ମାନେ ଲୁଟି ନେଇଥିବା ବେଳେ ଏବେ ଖୋଳାଯାଉଥିବା ଟନେଲରୁ ବାହାରୁଥିବା ପଥର ଲୁଟ୍ ହେବାରେ ଲାଗିଛି । ଷ୍ଟେସନ୍ ଠାରୁ ଜାମୁସାହି ମଧ୍ୟରେ ୩ଟି ଟନେଲ୍ ନିର୍ମାଣ ହେଉଛି । ଏଥିରୁ ବାହାରୁଥିବା ପଥରକୁ ଏଣେ ତେଣେ ରଖାଯାଉଥିବା ବେଳେ ଏହାର କୌଣସି ହିସାବ ରହୁନାହିଁ । ଫଳରେ ଏହାର ସୁଯୋଗ ନେଇ ଦୈନିକ ଶହଶହ ଟ୍ରିପ୍ ପଥର ବେଆଇନ ଭାବେ କାରବାର ହେଉଛି । ଦାୟିତ୍ୱରେ ଥିବା ଠିକାସଂସ୍ଥା ଏଥିପ୍ରତି ଦୃଷ୍ଟି ଦେଉନଥିବା ବେଳେ ଖଣି ବିଭାଗ ନିଦାବିଷ୍ଟ ସାଜିଛି । ପଥର ଟ୍ରିପ୍ ପ୍ରତି ୧୨ ଶହରୁ ୧୫ ଶହ ଟଙ୍କା ମୂଲ୍ୟରେ ବିକ୍ରୟ କରାଯାଉଥିବା ଅଭିଯୋଗ ହେଉଛି । ନିୟମ ଅନୁଯାୟୀ ଏସବୁ ପଥର ଠିକାସଂସ୍ଥା ହସ୍ତାନ୍ତର କରିବା ପରେ ଏସବୁକୁ ସରକାରୀ ଭାବେ ନିଲାମ କରାଯିବା କଥା । ହେଲେ ହସ୍ତାନ୍ତର ପୂର୍ବରୁ ନିୟମିତ ଭାବରେ ପଥର ଲୁଟ୍ ଚାଲିଛି । ଏସମ୍ପର୍କରେ ଦଶପଲ୍ଲା ତହସିଲ କାର୍ଯ୍ୟାଳ । ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏସବୁ ପଥର ଖଣି ବିଭାଗକୁ ହସ୍ତାନ୍ତର କରି ଦିଆଯାଇଛି । ଏହା ଉପରେ ସମ୍ପୃକ୍ତ ବିଭାଗ ଦୃଷ୍ଟି ଦେବ । ମାତ୍ର ଖଣି ବିଭାଗ କୁ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିବା ବେଳେ ଖଣି ଅଧିକାରୀ ଫୋନ ଗ୍ରହଣ କରିନାହାନ୍ତି । ଏଥିପ୍ରତି ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଲୁଟ୍ କରିବାକୁ ଆସି ମହିଳାଙ୍କୁ ହତ୍ୟା

**କୋଇଡା,୧୨।୧୨ (ମହାଭାରତ):** ନଗେଶ ଚନ୍ଦ୍ର ପାଢ଼ୀ : ସୁନ୍ଦରଗଡ଼ ଜିଲ୍ଲା ବଣାଇ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ଝିରଡାପାଲି ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଝିରଡ଼ାପାଲି ଗ୍ରାମର ଦେବେନ ବେହେରା ଓ ତାଙ୍କ ସ୍ତ୍ରୀ ସୋମ୍ୟାମୟୀ ବେହେରା ଖାଇ ପିଇ



ରାତିରେ ଶୋଇଥିବା ବେଳେ ହଠାତ ବିଳମ୍ବିତ ରାତି ପ୍ରାୟ ୧୨.୫୦ ମିନିଟ ସମୟରେ କେହି କବାଟ ବାଡ଼ଉ ଥିବା ଶୁଣି ସ୍ତ୍ରୀ ସୋମ୍ୟା ଯାଇ କବାଟ ଖୋଲିଥିଲେ । ସୋମ୍ୟା କବାଟ ଖୋଲିଲା ବେଳକୁ କିଛି ଦୁର୍ବୃ ସୋମ୍ୟାଙ୍କ ଚେନ ଛିଣ୍ଡାଇ ବାକୁ ଚେଷ୍ଟା କରିଥିଲେ । ସେଥିରେ ସୋମ୍ୟା ଦୁର୍ବୃତ୍ତମାନଙ୍କୁ ବାଧା ଦେବାରୁ ଦୁର୍ବୃତ୍ତ ମାନେ ଅଚାନକ ସୋମ୍ୟାଙ୍କ ଉପରକୁ ଗୁଳି ମାରିଥିଲେ । ଗୁଳି ବାଜିବାରୁ ସୋମ୍ୟା ଚିତ୍କାର କରି ତଳେ ପଡି ଯାଇଥିବା ବେଳେ ଦୁର୍ବୃ ମାନେ ସେଠାରୁ ଫେରାର ହୋଇଯାଇଥିଲେ । ଚିତ୍କାର ଶୁଣି ସୋମ୍ୟାଙ୍କ ସ୍ୱାମୀ ଦେବେନ ଆସି ଦେଖିଲା ବେଳକୁ ସ୍ତ୍ରୀ ଦେହରେ ଗୁଳି ବାଜିଛି ସେ ତଳେ ପଡି ଛଟପଟ ହେଉଛନ୍ତି । ଦେବେନ ଏହା ଦେଖି ପାଖ ପଡିଶା ଲୋକଙ୍କୁ ଡାକି ଥିଲେ ଓ ସେମାନଙ୍କ ସହାୟତାରେ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ବି ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ସୋମ୍ୟା ୭ମାସର ଗର୍ଭବତୀ ଥିବା କହିଛନ୍ତି ପରିବାର ଲୋକେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ଓ ତଦନ୍ତ ପରେ ପ୍ରକୃତ ସତ ଜଣା ପଡିବ ବୋଲି ପୋଲିସ କହିଛି ।

# ତ୍ରି ଦିବସୀୟ ୩୦ତମ ଜିଲ୍ଲା କ୍ୟାମ୍ପରୀ ବନ୍ଧନ ଉଦଯାପିତ

**ଆସିକା,୧୨।୧୨ (ମହାଭାରତ):** ରାଜ୍ୟ ଭାରତ ସ୍କାଉଟ ଏଣ୍ଡ ଗାଇଡ଼ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ ପ୍ରତେକ୍ଷ୍ୟ ତତ୍ତ୍ୱାବଧାନରେ ଅାଙ୍କୁଶପୁର ତକ୍ଷଶିଳା ରେସିଡେନ୍ସିଆଲ ସ୍କୁଲ ଠାରେ ଅନୁଷ୍ଠିତ ତିନି ଦିନ ବ୍ୟାପି ୩୦ତମ ଜିଲ୍ଲା କେମ୍ପୋରୀ ବନ୍ଧନ ଆଜି ଉଦଯାପିତ ହୋଇଯାଇଛି । ଗତ ୯ତାରିଖ ଠାରୁ ଆରମ୍ଭ ହୋଇଥିବା ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ୨୮୯ଜଣ ସ୍କାଉଟ ୧୮୫ ଜଣ ଗାଇଡ଼ ୧୫୦ଜଣ ସ୍କାଉଟ ମାଷ୍ଟର ଓ ଗାଇଡ଼ କ୍ୟାପଟେନ ଙ୍କୁ ନେଇ ଅନୁଷ୍ଠିତ ଏହି କ୍ୟାମ୍ପରୀରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମୁଖ୍ୟ କମିସନର ତଥା ଭାରତ ସ୍କାଉଟ ଓ ଗାଇଡ଼ ଜାତୀୟ ଉପସଭାପତି ଡ଼ କାଳି ପ୍ରସାଦ ମିଶ୍ର କ୍ୟାମ୍ପରୀକୁ ଉଦଘାଟନ କରିଥିଲା ବେଳେ ସମ୍ମାନିତ ଅତିଥିଭାବେ ରାଜ୍ୟ ଗାଇଡ଼ ତାଲିମ କମିଶନର ଅନାମିକା ଦାସ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ, ତାକ୍ଷଶୀଳା ରେସିଡେନ୍ସଇଆଲ ସ୍କୁଲ ନିର୍ଦ୍ଦେଶକ ରବି ଶଙ୍କର ଚୌଧୁରୀ,ଜିଲ୍ଲା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ ପ୍ରିନ୍ସପାଲ କେ. ନାଗେଶ୍ୱର ପ୍ରମୁଖ ଉପସ୍ଥିତ ରହି ସ୍କାଉଟ ଓ ଗାଇଡ଼ ପତାକା ଉତ୍ତୋଳନ କରି କ୍ୟାମ୍ପ ଆରମ୍ଭ କରିଥିଲେ । ଉପସ୍ଥିତ ଅତିଥି ମାନେ ସ୍କାଉଟ ଏବଂ ଗାଇଡ଼ ମାନେ ଦ୍ୱାରା ରାଜ୍ୟରେ ବିଭିନ୍ନ ପରିସ୍ଥିତିରେ ନିଜକୁ ଖାପ ଖୁଆଇ କିପରି ଭାବେ କାର୍ଯ୍ୟ କରିଥାନ୍ତି ଓ ସମାଜରେ ଏମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ଏହି କ୍ୟାମ୍ପରୀରେ ବିଭିନ୍ନ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ ମାନେ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ଆସିକା ଅଞ୍ଚଳ ପାଇ ଗୌରବ ଆଣିଛନ୍ତି । ଏହାର ଉଦଯାପନୀରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ବ୍ରହ୍ମପୁର ମେଡିକାଲ କ୍ୟାମ୍ପସ ପ୍ରଧାନ ଶିକ୍ଷୟତ୍ରୀ ଡ଼ ପ୍ରଭାତୀ ମହାପାତ୍ର ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଜିଲ୍ଲା ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ କୁମାର ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ,ତାକ୍ଷଶୀଳା ରେସିଡେନ୍ସଇଆଲ ସ୍କୁଲ ନିର୍ଦ୍ଦେଶକ ରବି ଶଙ୍କର ଚୌଧୁରୀ,ପ୍ରିନ୍ସପାଲ କେ. ନାଗେଶ୍ୱର ,ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଜିଲ୍ଲା ସହକାରୀ କମିଶନର ରାମହରି ସାହୁ,ଜିଲ୍ଲା ସଂଗଠନ କମିଶନର ସ୍କାଉଟ ଲକ୍ଷ୍ମୀ ନାରାୟଣ ପଣ୍ଡା,ଜିଲ୍ଲା ତାଲିମ କମିଶନର ସ୍କାଉଟ ବିକ୍ରମ ମହାରଣା, ଜିଲ୍ଲା ତାଲିମ କମିଶନର ଗାଇଡ଼ ସ୍ୱପ୍ନାରାଣୀ ପାଣିଗ୍ରାହୀ,ରାଜେଶ ପାତ୍ର,ଭାନୁମତି ଜେନା, ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା, କାଦମ୍ବିନୀ ହୋତା,ଲୀନାକୁମାରୀ ସ୍ୱାଇଁ, ଜୟକୃଷ୍ଣ ପାତ୍ର, ଜ୍ଞାନେନ୍ଦ୍ରସିଂ, ଘନଶ୍ୟାମ ସେଠି ପ୍ରମୁଖ ସହଯୋଗ କରିଥିଲେ ।

# ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ବିଡ଼ିଓଙ୍କୁ ଦାବିପତ୍ର

**ପାଟଣାଗଡ,୧୨।୧୨ (ମହାଭାରତ):** ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଶେଷ ସୀମାରେ ଅବସ୍ଥିତ ଧୁମାଭଟା ଗ୍ରାମ ପଞ୍ଚାୟତ ଧୁମାଭଟା ଗ୍ରାମ ଏକ ବହୁ ଜନସଂଖ୍ୟା ବିଶିଷ୍ଟ ଗାଁ । ଏହି ଗାଁ ରେ ଅବସ୍ଥିତ ଶିକ୍ଷା ଅନୁଷ୍ଠାନ ମଧ୍ୟରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଏକ ଇଂରାଜୀ ବିଦ୍ୟାଳୟ ମଧ୍ୟ ଅଛି । ଏହି ଗାଁ ରେ ରହିଛି ଫରେଷ୍ଟ ସେକ୍ସନ, ବିଦ୍ୟୁତ ଗ୍ରୀଡ ଏବଂ ମନ୍ଦିର । ଏହି ଗ୍ରାମବାସୀମାନେ ଅନେକ କ୍ରୀଡ଼ା ପ୍ରତିଯୋଗିତା ଓ ମହୋତ୍ସବ ପାଳନ କରି ଅଞ୍ଚଳରେ ବେଶ୍ ପରିଚିତ ଥିବାବେଳେ ଅନେକ ଉଚ୍ଚ ଶିକ୍ଷିତ ବ୍ୟକ୍ତି ବିଶେଷ ଅଛନ୍ତି । ଏହି ଗାଁ ର ଅବସରପ୍ରାପ୍ତ ଶିକ୍ଷକ, ବୁଦ୍ଧିଜୀବୀ ଏବଂ ବରିଷ୍ଠ ଲୋକଙ୍କ ମତରେ ଏକ ଶିଶୁ ଉଦ୍ୟାନ କରିବାକୁ ମତ ପ୍ରକାଶ କରିଛନ୍ତି । ଏଥିପାଇଁ ଯୁବ ସରପ ବନମାଳୀ ନାଏକଙ୍କ ନେତୃତ୍ୱରେ ଆଜି ଗ୍ରାମର ଅନେକ ଯୁବପିଢ଼ୀ ମନରେଗା ଯୋଜନାରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରିବା ପାଇଁ ବ୍ଲକ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରି ଜଣାଇଛନ୍ତି ।

# ପାରାଦୀପ ବଣିକ ସଂଘରେ ୧୭ ବର୍ଷର ବେଆଇନ ଆଧିପତ୍ୟକୁ ଉଚ୍ଛେଦ କଲେ ଶ୍ରମିକ ନେତା ପ୍ରକାଶ ଓ ବ୍ୟବସାୟୀ

**ପାରାଦୀପ,୧୨।୧୨ (ମହାଭାରତ):** ପାରାଦୀପ ପୋର୍ଟ ବଣିକ ସଙ୍ଘ ରେ ଦୀର୍ଘ ୧୭ ବର୍ଷ ହେବ ବେଆଇନ ଭାବେ ଆଧିପତ୍ୟ ଜାହିର କରି ରଖିଥିବା ପୂର୍ବତନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱରେ ସଂଘର ଶତାଧିକ ବ୍ୟବସାୀ ମାନେ ବୁଧବାର ଦିନ ସକାଳେ ଉଚ୍ଛେଦ କରିଛନ୍ତି । ଅଭିଯୋଗ ଅନୁଯାୟୀ ସଂଘରେ ଜୋରଜବରଦସ୍ତ ନିର୍ବାଚନ ନ କରାଇ, ସଙ୍ଘର କୌଣସି ଆୟବ୍ୟୟ ର ହିସାବ ନ କରାଇ, ଜୋର ଜବରଦସ୍ତ ସଭାପତି ଭାବେ ରହି ଆସିଥିଲେ । ନିର୍ବାଚନରେ ବିଜେପି ସରକାରକୁ ଆସିବା ପରେ ବଣିକସଙ୍ଘର ସଦସ୍ୟମାନେ ଏବାବଦରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ସହାୟତା ଲୋଡ଼ିଥିଲେ । ଗତ ଅଗଷ୍ଟ ୧୫ ତାରିଖ ଦିନ ବଣିକସଙ୍ଘର ସଦସ୍ୟମାନେ ଦୋକାନ ବଜାର ବନ୍ଦକରି ବିଧିବଦ୍ଧ ଭାବରେ ସଙ୍ଘର ନିର୍ବାଚନ କରାଇଥିଲେ ଏବଂ ନିର୍ବାଚନ ସମ୍ପର୍କରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଙ୍କ ସହାୟତା ମଧ୍ୟ ନିଆଯାଇଥିଲା । ଏହି କ୍ରମରେ ପ୍ରକାଶ ତ୍ରିପାଠୀ ଙ୍କୁ ମୁଖ୍ୟ ଉପଦେଷ୍ଟା, କ୍ଷୀରୋଦ କୁମାର ସ୍ୱାଇଁଙ୍କୁ ସଭାପତି, ଅମୀୟ କୁମାର ପାଣିଙ୍କୁ ସମ୍ପାଦକ, ଗୋଲେଖ ଚନ୍ଦ୍ର ସାହୁଙ୍କୁ କାର୍ଯ୍ୟକାରୀ ସଭାପତି, ପ୍ରୀତିରଞ୍ଜନ ମହାପାତ୍ର ଓ ଶିଶିର କୁମାର ନାୟକ ଙ୍କୁ ଉପସଭାପତି ଭାବରେ ଏବଂ ସୋମନାଥ ଖୁଣ୍ଟିଆ । ଙ୍କୁ କୋଷାଧ୍ୟକ୍ଷ ଭାବରେ ନିର୍ବାଚିତ କରାଯାଇଥିଲା । କିନ୍ତୁ ପୂର୍ବତନ ସଭାପତି ସନ୍ତୋଷ ପଟ୍ଟନାୟକ ତାଙ୍କର ୭ ଜଣ ସମର୍ଥକଙ୍କୁ ଦୁଇପକ୍ଷ କରି ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଏକ ନିର୍ଦ୍ଦେଶନାମା ନିଜ ସପକ୍ଷରେ କରାଇଥିଲେ କ୍ଷ ତେଣୁ ବଣିକସଙ୍ଘ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଥିଲେ ମଧ୍ୟ ବଣିକସଙ୍ଘ କାର୍ଯ୍ୟାଳୟକୁ ପ୍ରବେଶ କରିପାରିନଥିଲେ । ଦୀର୍ଘ ଚାରିମାସ ଧରି ବଣିକସଙ୍ଘ ନିର୍ବାଚନ ସରିଥିଲେ ମଧ୍ୟ ଅତିରିକ୍ତ ଜିଲ୍ଲାପାଳ ଙ୍କ ଅନୁମତି ବିନା କମିଟି କାର୍ଯ୍ୟକାରୀ ହୋଇପାରିନଥିଲା । ଅତିରିକ୍ତ ଜିଲ୍ଲାପାଳ ଉକ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଗତ ୬ ତାରିଖ ଦିନ ବଣିକସଙ୍ଘର ନୂତନ ନିର୍ବାଚିତ କମିଟିକୁ ସ୍ୱୀକୃତି ପ୍ରଦାନ କରିଥିଲେ । ଯାହାକୁ ନେଇ ଆଜି ପାରାଦୀପ ପୋର୍ଟ ବଣିକ ସଙ୍ଘ ତରଫରୁ ସଙ୍ଘର ସମସ୍ତ ବ୍ୟବସାୟୀ ମାନେ ନିଜର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦକରି ସକାଳ ୯ ଘଟିକାରେ ବଣିକ ସଙ୍ଘ କାର୍ଯ୍ୟାଳୟ ରେ ଏକତ୍ରିତ ହୋଇଥିଲେ । ଉକ୍ତ ସଭାରେ ବଣିକ ସଙ୍ଘର ମୁଖ୍ୟ ଉପଦେଷ୍ଟା ତଥା ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସଭାପତି କ୍ଷୀରୋଦ ସ୍ୱାଇଁ, ସମ୍ପାଦକ ଅମୀୟ କୁମାର ପାଣି, କାର୍ଯ୍ୟକାରୀ ସଭାପତି ଗୋଲେଖ ଚନ୍ଦ୍ର ସାହୁ,କୈଳାଶ ଚନ୍ଦ୍ର ସ୍ୱାଇଁ, ଧ୍ରୁବସାହୁ ପ୍ରମୁଖ ଉପସ୍ଥିତ ବ୍ୟବସାୟୀ ମାନଙ୍କୁ ସମ୍ବୋଧନ କରିଥିଲେ । ସଭା ଶେଷରେ ସଭାପତି ଓ ସମ୍ପାଦକ ଙ୍କୁ ସମସ୍ତ ସଦସ୍ୟମାନେ ପାଛୋଟି ନେଇ ନିଜର କାର୍ଯ୍ୟାଳୟ ରେ ବସାଇଥିଲେ କ୍ଷ ସଭାପତି ଓ ସମ୍ପାଦକ ତାଙ୍କ ନିଜ କାର୍ଯ୍ୟାଳୟ । ଗ୍ରହଣ କରିବାପରେ ସଙ୍ଘ ର ଉନ୍ନତି ଏବଂ ବ୍ୟବସାୟୀ ମାନଙ୍କ ରହିଥିବା ବକେୟା ସମସ୍ତ କାର୍ଯ୍ୟକୁ ପୂରଣ କରିବାକୁ ପ୍ରତିଶୃତି ପ୍ରଦାନ କରିଛନ୍ତି । ସଭା ଶେଷରେ ପୂର୍ବତନ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇ ବଣିକ ସଙ୍ଘ କାର୍ଯ୍ୟାଳୟରେ ବ୍ୟବସାୟୀ ମାନେ ଗଙ୍ଗା ପାଣି ସିଞ୍ଚନ କରିଥିଲେ ।

# ଘର ସମ୍ପୂର୍ଣ୍ଣ ନହୋଇ ଫାଇଲ ବନ୍ଦ ନେଇ ଚିନ୍ତାରେ ହିତାଧିକାରୀ

**ହାଟଡିହି,୧୨।୧୨ (ମହାଭାରତ):** ହାଟଡିହି ବ୍ଲକ ପ୍ରାୟ ୩୧ ଟି ପଞ୍ଚାୟତରେ ଏବେ ଏଭଳି ସମସ୍ୟା ଦେଖିବାକୁ ମିଳୁଛି । ଯାହାକି ରାଜ୍ୟ ସରକାର ଙ୍କ ନୂତନ ଗୃହ ଯୋଜନା ରେ ନିଜେ କିପରି ସାମିଲ କରିବାକୁ ଲୋକ ଙ୍କୁ ପ୍ରତି ପଞ୍ଚାୟତରେ ପ୍ରଶିକ୍ଷଣ ଦିଆଯାଇଛି । କିନ୍ତୁ ବିଗତ ୨୦୨୩-୨୪ ଆର୍ଥିକ ବର୍ଷରେ ମିଳିଥିବା ଘର ଗୁଡ଼ିକ ରୁ ଅଧିକାଂଶ ଘର ଫାଇଲ କେବଳ ଛାତ ପଡ଼ି ସରିବା ପରେ ସମ୍ପୂର୍ଣ୍ଣ ଦର୍ଶାଇ ଫାଇଲ୍ ଗୁଡ଼ିକ ବନ୍ଦ କରି ଦିଆଯାଇଛି । ଯାହାକୁ କି ବ୍ଲକ ପକ୍ଷରୁ ପୁନଃ ଆରମ୍ଭ କରିବାକୁ କୌଣସି ବିଧି ବ୍ୟବସ୍ଥା ନାହିଁ । କିନ୍ତୁ ଏପରି ସ୍ଥଳେ ଲୋକେ ପାଇଥିବା ଘର ଗୁଡ଼ିକ ନା ସମ୍ପୂର୍ଣ୍ଣ ହୋଇଛି, ନା ବିଲ୍ ଆସୁଛି । କିନ୍ତୁ ଏହି ଘର ଗୁଡ଼ିକ ସଂପୂର୍ଣ୍ଣ ହୋଇଥିବା କିଏ ଦର୍ଶାଇ ଛନ୍ତି ଏପରି କାହିଁକି କରା ଯାଇଛି ତାକୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି । ବାରମ୍ବାର ପଞ୍ଚାୟତ ଡାଟା ଏଣ୍ଟ୍ରି ଅପରେଟର ମାନଙ୍କୁ ଫଟୋ ଉଠାଇ ବାକୁ ପଡୁଥିବାରୁ ଏପରି କରି ଥିବା କୁହାଯାଉଛି । ଯାହାକୁ କି ପିଇଓ ମାନେ ଅଣଦେଖା କରି କାର୍ଯ୍ୟ ସରିଥିବା ଲେଖିଦେବା ଫଳରେ ଘର ଫାଇଲ ଗୁଡ଼ିକ ବନ୍ଦ କରି ଦିଆଯାଉଛି । ଏହାକୁ ନେଇ ପନ୍ଦାଡୋ ପଞ୍ଚାୟତ ର ହିତାଧିକାରୀ ମାନେ ସେମାନଙ୍କର ବର୍ତ୍ତମାନ ର ସଭ୍ୟ ଅନିରୁଦ୍ଧ ବେହେରା ଙ୍କ ନିକଟ ରେ ଅଭିଯୋଗ କରିଛନ୍ତି । ପନ୍ଦାଡୋ ପଞ୍ଚାୟତର ସରାଳପଶି ସେମାନଙ୍କ ର ଘର ଗୁଡ଼ିକ କିପରି ଗାଁ ର ଗୁରୁବାରି ମୁଣ୍ଡା , ଝିଲ୍ଲି ମୁଣ୍ଡା, ସଙ୍ଗୀତା ମାଡେଇ, କରଞ୍ଜବାଟି ର ବିଶ୍ୱନାଥ ବାଗେ , ଠୁଣିଗାଁ ର ଟିକିଲି ନାଇକ, ଯମୁନା ଖଟୁଆ, ପ୍ରଭାତୀ ବିନ୍ଧାଣି, ପିଣ୍ଟୁ ନାଇକ ରହିଥିଲେ । ସେମାନେ ଜିଲ୍ଲା ପ୍ରଶାସନ ଙ୍କୁ ଅନୁରୋଧ କରିଛନ୍ତି ସେମାନଙ୍କ ର ଘର ଗୁଡ଼ିକ ସମ୍ପୂର୍ଣ୍ଣ କରିବାର ଅର୍ଥ ରାଶି ପ୍ରଦାନ କରନ୍ତୁ ।

# ବାଲ୍ୟବିବାହ ରୋକିବ ପ୍ରଶାସନ : ତଦାରଖ ହେଉନି ପଞ୍ଜୀକରଣ ରେଜିଷ୍ଟର

**ନୟାଗଡ଼,୧୨।୧୨ (ମହାଭାରତ):** ନୟାଗଡ଼ ଜିଲ୍ଲାରେ ବାଲ୍ୟବିବାହର ସ୍ଥିତି ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ବେଶ୍ ତତ୍ପର ହୋଇ ଉଠିଥିଲା । ଗାଁ ଗହଳିରେ ପାଲା ଓ ଦାସକାଠିଆ । ନୃତ୍ୟ ଦ୍ୱାରା ଲୋକ ମାନଙ୍କୁ ସଚେତନ କରାଯିବା ସହ ଏକାଧିକ ସଂଗଠନକୁ ଡାକି ବିଭିନ୍ନ ପ୍ରକାର କର୍ମଶାଳା ଆୟୋଜନ କରାଯାଇଛି । ଏହାସହ ଜିଲ୍ଲାର ୨୩୦ ଧର୍ମପୀଠକୁ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପଞ୍ଜୀକରଣ ରେଜିଷ୍ଟର ପଠାଇ ଦିଆଯାଇଥିଲା । ଜିଲ୍ଲାରେ ଥିବା ଏହି ସ୍ୱୀକୃତିପ୍ରାପ୍ତ ସମସ୍ତ ମନ୍ଦିର, ମସ୍ଜିଦ ଓ ଚର୍ଚ୍ଚରେ ବିବାହ କରିବାକୁ ଆସୁଥିବା ବରକନ୍ୟାଙ୍କର ଏହି ରେଜିଷ୍ଟରରେ ପଞ୍ଜୀକରଣ କରାଯିବ । ପ୍ରତ୍ୟେକ ବ୍ଲକ୍ର ସିଡିପିଓ ଏହି କାର୍ଯ୍ୟକ୍ରମର ତଦାରଖ କରିବେ ବୋଲି ନିଷ୍ପତ୍ତି ହୋଇଥିଲା । ମାତ୍ର ବାସ୍ତବରେ ଏହି ନୀୟମ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ ହୋଇଛି । ଏ ନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସିବିୟାନ ପ୍ରଧାନଙ୍କ ନିକଟରେ ମଧ୍ୟ କୌଣସି ସୂଚନା ନାହିଁ । ଏହାସହ ଗତ ତିନି ମାସ ମଧ୍ୟରେ କୌଣସି ନାବାଳିକାଙ୍କୁ ବିବାହ ହେଉଥିବା ସମୟରେ ଉଦ୍ଧାର ମଧ୍ୟ କରାଯାଇନାହିଁ । ଏଣୁ ନୟାଗଡ଼ ଜିଲ୍ଲାରେ ସତରେ କ'ଣ ବାଲ୍ୟବିବାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି, ଏହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି । ଅଧିକାଂଶ ନାବାଳିକା ପ୍ରେମ କରି ପ୍ରେମିକା ସହ ଫେରାର ହୋଇଯାଉଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ବାଲ୍ୟବିବାହ ହେଉଥିବା ମନ୍ଦିରର ପୂଜକ ଓ ଟ୍ରଷ୍ଟି ମାନଙ୍କୁ ଏହି କ୍ୟାମ୍ପେରେ ସାମିଲ୍ କରାଯାଇଛି । ବାଲ୍ୟବିବାହ ହେଉଥିବା ଖବର ମିଳିଲେ ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଁ ଏହାକୁ ବନ୍ଦ କରୁଛନ୍ତି । ମାତ୍ର ଅଧିକାଂଶ ସମୟରେ ଏ ସଂକ୍ରାନ୍ତରେ ଖବର ଆସୁନାହିଁ । ଜିଲ୍ଲାର ସମସ୍ତ ବ୍ଲକ୍ ଅଧୀନରେ ଥିବା ଧର୍ମପୀଠ ଗୁଡ଼ିକୁ ଏହି ସ୍ୱତନ୍ତ୍ର ରେଜିଷ୍ଟର ଯୋଗାଇ ଦିଆଯିବ । ଯେଉଁମାନେ ସେଠାକୁ ବିବାହ କରିବା ପାଇଁ ଆସିବେ, ସମସ୍ତଙ୍କ ପ୍ରମାଣପତ୍ର ଯାଞ୍ଚ କରି ମନ୍ଦିରର ଟ୍ରଷ୍ଟି ଓ ପୂଜକ ସେମାନଙ୍କର ସମ୍ପୂର୍ଣ୍ଣ ଠିକଣା ଏହି ରେଜିଷ୍ଟରରେ ଉଲ୍ଲେଖ କରିବେ । ଯଦି କେହି ନାବାଳିକା ବିବାହ କରିବାକୁ ଆସିଥିବା ଜଣାପଡ଼େ, ତେବେ ସେମାନେ ତୁରନ୍ତ ଏ ଦିଗରେ ସ୍ଥାନୀୟ ଥାନା ଅବା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ । ଏହାଫଳରେ ବହୁ ସଂଖ୍ୟାରେ ନାବାଳିକାଙ୍କ ବିବାହ ରୋକି ହେବ ବୋଲି ପ୍ରଶାସନ ପକ୍ଷରୁ ଏହି ଯୋଜନା କରାଯାଇଥିଲା । ମାଟ୍ରିକ ପରୀକ୍ଷାରେ ଛାତ୍ରୀଙ୍କ ଅନୁପସ୍ଥିତି ଘଟଣା ବାଲ୍ୟବିବାହ ସଂକ୍ରାନ୍ତରେ ପ୍ରଶାସନ ନେଉଥିବା ପଦକ୍ଷେପ ଉପରେ ଅଙ୍ଗୁଳି ଉଠାଇଛି । ଜିଲ୍ଲାର ଅଧିକାଂଶ ସ୍କୁଲ ଛାତ୍ରୀ ନବମ ଶ୍ରେଣୀରୁ ବିବାହ କରି ଯାଇଥିବା ଅଭିଯୋଗ ହୋଇଛି । ଏଣୁ ଏ ଦିଗରେ ପ୍ରଶାସନର ଯୋଜନା କେବଳ ଲୋକଦେଖାଣିଆ । ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ୨୦୩୦ ସୁଦ୍ଧା ଜିଲ୍ଲାରୁ ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଲକ୍ଷ୍ୟଧାର୍ଯ୍ୟ କରିଛି । ଜିଲ୍ଲାରେ ଥିବା ୧୫୩୨ ଗାଁ ମଧ୍ୟରୁ ୭୬୪ ଗାଁକୁ ବାଲ୍ୟବିବାହମୁକ୍ତ ଭାବେ ଘୋଷଣା କରାଯାଇଛି । ଜିଲ୍ଲାରେ ୧୦ ରୁ ୧୯ ବର୍ଷ ମଧ୍ୟରେ ରହିଥିବା କିଶୋରୀ ମାନଙ୍କ ସମ୍ପର୍କରେ ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ପ୍ରଶାସନ ପକ୍ଷରୁ 'ଅଲିଭା' ଯୋଜନା କରାଯାଇଛି । ଏହି ତାଲିକାରେ ୪୮,୬୪୨ ଜଣ କିଶୋରୀ ପଞ୍ଜୀକୃତ ହୋଇଛନ୍ତି । ଏହି ଯୋଜନାରେ ପ୍ରତ୍ୟେକ କିଶୋରୀଙ୍କର ଠିକଣା, ଶିକ୍ଷାଗତ ଯୋଗ୍ୟତା, ଜନ୍ମ ପଞ୍ଜୀକରଣ ତାଲିକା, ଅଧାରକାର୍ଡ ନମ୍ବର ଓ ପରିବାର ଲୋକଙ୍କ ସମସ୍ତ ତଥ୍ୟ ପଞ୍ଜୀକୃତ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି ।

# ଭାରତୀୟ ଭାଷା ଉତ୍ସବରେ ବିଭିନ୍ନ ଭାଷାରେ ଆଲୋଚନା

**କପ୍ତିପଦା,୧୨।୧୨ (ମହାଭାରତ):** କପ୍ତିପଦା – ମହାକବି ସୁବ୍ରମନିଆ । ଭାରତୀଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବଡ଼ଝାଡ଼ ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଭାରତୀୟ ଭାଷା ଉତ୍ସବ -୨୦୨୪ ପାଳିତ ହୋଇଯାଇଅଛି ଭାଷାମାନଙ୍କ ମାଧ୍ୟମରେ ଏକତା ପ୍ରସଙ୍ଗରେ ଆଲୋଚନା ଶୀର୍ଷକ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି ହୋ ଭାଷା ଓ ସାନ୍ତାଳୀ ଭାଷାରେ ଗଳ୍ପ ସ୍ଥାନୀୟ ବୟୋଜ୍ୟେଷ୍ଠ ବ୍ୟକ୍ତି ପିଲାଙ୍କୁ କହିଥିଲେ ସାଲଖାନ ମୁର୍ମୁ ପୃଥିବୀର ଜୀବଜନ୍ତୁଙ୍କ ଉତ୍ପତି ଗଳ୍ପ ଓ ହୋ ଭାଷା ସମ୍ପର୍କରେ ଆଲୋଚନା ରଖିଥିଲେ ମୁଖ୍ୟ ଅତିଥି ଭାବରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ମୁଖ୍ୟ ବକ୍ତା ଭାବରେ ଦେବଳା ଗ୍ରାମ ପଞ୍ଚାୟତ ସରପଞ୍ଚ ଭୀମ ଚରଣ ସିଂ, ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସମିତି ସଭ୍ୟ ଶିବ ପ୍ରସାଦ ସିଂ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ମାରାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ସର୍ବେଶ୍ୱର ସିଂ ଉପସ୍ଥିତ ରହି ପିଲାଙ୍କୁ ବିଭିନ୍ନ ଭାଷା ମାଧ୍ୟମରେ ଏକତା ସମ୍ପର୍କରେ ଆଲୋଚନା କରିଥିଲେ ଏହି ଅବସରରେ ପିଲାମାନେ ସ୍ଥାନୀୟ ପ୍ରକୃତି ପର୍ଯ୍ୟଟନ କରିଥିଲେ ଶ୍ରୀ ସାହୁ ମହାକବିଙ୍କର ଜୀବନ ବୃତ୍ତାନ୍ତରେ ସେ କିଭଳି ବିଭିନ୍ନ ଭାଷାକୁ ଦଖଲ କରି ଭାରତୀ ଉପାଧି ଲାଭକରିଥିଲେ ତଥା ଜଣେ ଭାରତୀୟ ଲେଖକ ଓ କବି, ସାମ୍ବାଦିକ, ଶିକ୍ଷକ, ସମାଜ ସଂସ୍କାରକ ଭାବରେ ଭାରତୀୟ ଜନମାନସକକୁ କିଭଳି ପ୍ରଭାବିତ କରିଥିଲେ ସେ ସମ୍ପର୍କରେ ଆଲୋଚନା କରିଥିଲେ ଶିକ୍ଷକ ରାମଚନ୍ଦ୍ର ହେମ୍ବ୍ରମ, ଅମିତ କୁମାର ହେମ୍ବ୍ରମ, କମଳଲୋଚନ ବେହେରା, ଶିଖାସ୍ୱରୂପା ଗିରି, ନମିତା ସେଠୀ, ସରସ୍ୱତୀ ହାଁସଦା, ମଝିଆ ମାଝୀ ଟୁଡୁ କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






**ରାସ୍ତା ଅବସ୍ଥା ଶୋଚନୀୟ**

# ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଯାତ୍ରୀ ଓ ପର୍ଯ୍ୟଟକ



**କୋକସରା,(ନି.ପ୍ର):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ମହକୁମା ମାଝୀଗୁଡା ଛକଠାରୁ ଘଣ୍ଟିଗୁଡା ଦେଇ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଚାଲିଛି। ତେବେ ଠିକା ସଂସ୍ଥାର ଖାମଖିଆଲ ନିତି ଯୋଗୁଁ ସାମାନ୍ୟ ବର୍ଷାରେ ବେହାଲ ହୋଇ ପଡୁଛି ଆପ୍ରୋଚ୍ ରାସ୍ତା। ଯାହା ଫଳରେ ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଯାତ୍ରୀ ଓ ପର୍ଯ୍ୟଟକ। ଏହି ରାସ୍ତାରେ କିଛି ସ୍ଥାନରେ ପିଚୁ ପଡ଼ିଥିବାବେଳେ ବର୍ତ୍ତମାନ କେତେକ ଯାଗାରେ ପୋଲ ବସାଇବା ପାଇଁ ରାସ୍ତା ଖୋଳା ଚାଲିଛି। ତେବେ ଘଣ୍ଟିଗୁଡା ନିକଟରେ ଠିକା ସଂସ୍ଥା ପକ୍ଷରୁ ପୋଲ ବସାଇବା ପାଇଁ ରାସ୍ତା ଖୋଲାଯାଇ ଯୋଗାଯୋଗ ନିମନ୍ତେ ଯେପରି ଅସୁବିଧା ନହେବ ସେଥିପାଇଁ ଜମି ଦେଇ ଆପ୍ରୋଚ୍ ରାସ୍ତା ତିଆରି କରାଯାଇଛି। ହେଲେ ଏହି ରାସ୍ତାରେ ମୋରମ, ବାଲି ଦିଆଯାଇ ନାହିଁ, ନାମକୁ ମାତ୍ର କାମଚଳା ଭାବରେ ତିଆରି କରାଯାଇଛି। ଯାହା ଫଳରେ ସାମାନ୍ୟ ବର୍ଷାରେ ବେହାଲ ହୋଇ ପଡୁଛି। ରବିବାର ଏହି ରାସ୍ତା ଦେଇ ପିକନିକ୍ କରିବା ପାଇଁ ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରାକୁ ହଜାର ହଜାର ପର୍ଯ୍ୟଟକ ଯାଇଥିଲେ। ତେବେ ପିକନିକ୍ ସାରି ଫେରିବାବେଳେ ବର୍ଷା ଯୋଗୁଁ ଉକ୍ତ ଆପ୍ରୋଚ୍ ରାସ୍ତା ବେହାଲ ହୋଇ ପଡ଼ିଥିଲା। ଅନେକ ବାଇକ୍ ଚାଳକ ଖସି ପଡିଥିଲେ, ଚାରି ଚକିଆ ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହୋଇଥିଲା। ଅନେକ ଗାଡ଼ି ସେଠାରୁ ଫେରି ଅନ୍ୟ ରାସ୍ତାକୁ ଯାଇଥିବାବେଳେ ବସଯାତ୍ରୀ ମାନେ ବହୁ ହଇରାଣ ହୋଇଥିଲେ। ଡ଼ିସେମ୍ବର ଠାରେ କ୍ରମାଗତ ଏହି ରାସ୍ତାରେ ଭିଡ଼ ଲାଗି ରହିବ। ଏବଂ ଆଗକୁ ନୂଆବର୍ଷ ରହିଥିବାବେଳେ ଠିକା ସଂସ୍ଥାର ଏଭଳି ଖାମଖିଆଲି ନିତି ଯୋଗୁଁ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ଯାତ୍ରୀମାନେ ଅଯଥାରେ ହଇରାଣ ହେବାକୁ ପଡୁଛି। ଆପ୍ରୋଚ୍ ରାସ୍ତା ପାଇଁ ଚୁକ୍ତି ନାମାରେ ନିର୍ମାଣ ଲାଗି ଖର୍ଚ୍ଚ ଅଟକଳ ରହିଥିବାବେଳେ ଠିକାସଂସ୍ଥା କିଭଳି ଭାବରେ ରାସ୍ତାରେ ମୋରମ, ବାଲି ଦେଇ ରାସ୍ତା ତିଆରି କରି ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ସାମାନ୍ୟ ବର୍ଷାରେ ଏହି ରାସ୍ତାରେ ଯା ' ଆସ କରିବା କଷ୍ଟକର ହୋଇ ପଡିଛି। ଏହାର ଯଥାଶିଘ୍ର ସମାଧାନ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ ଏବିଷୟରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନବ ପ୍ରକାଶ ବେହେରାଙ୍କୁ ପଚାରିବାରୁ ଅଦିନିଆ ବର୍ଷା ହେଇଯାଇଛି, କାମ ଚାଲୁରହିଛି, ଦୁଇଦିନ ଭିତରେ ସ୍ଥାୟୀ ସମାଧାନ ପାଇଁ ବାଟ କାଢ଼ିବା ବୋଲି କହିଛନ୍ତି।

# ଫାଇଲେରିଆ ରୋଗୀଙ୍କୁ ୮୯ଟି କିଟ୍ ପ୍ରଦାନ




ଭୁବନ, ୧୦।୧୨ (ନିପ୍ର) : ଭୁବନ ବିଜ୍ଞାପିତ ଅଂଚଳ ପରିଷଦର ଫାଇଲେରିଆ ରୋଗୀମାନଙ୍କୁ ଆଜି କିଟ୍ ପ୍ରଦାନ କରାଯାଇଛି। ମୋବିଲିଟ ମ୍ୟାନେଜମେଂଟ୍ ପ୍ରେଭୋଟେସନ ପ୍ରୋଗ୍ରାମ ଅନ୍ତର୍ଗତ ୮୯ଜଣଙ୍କୁ ଫାଇଲେରିଆ କିଟ୍ ପ୍ରଦାନ କରାଯାଇଛି। ଭେକ୍ଟର ବାହିତ ରୋଗ ପରିଦର୍ଶକ ଅମିତ ସାମଲ, ପରିସଂଖ୍ୟକ ଶୁଭକାନ୍ତ ଆଚାର୍ଯ୍ୟ, ସ୍ୱାସ୍ଥ୍ୟକର୍ମୀ ଅଜିତ୍ କୁମାର ସାହୁ, ମାନସ ସାହୁ, ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶା କର୍ମୀମାନେ ଏହି କିଟ୍ ବଂଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କିଟ୍‌ରେ ଗୋଟିଏ ଟବ୍, ମଗ, ଟାଓ୍ୱେଲ, ସାବୁନ, କଟନ, ଲୋସନ, ଅଏଂଟମେଂଟ୍ ଆଦି ପ୍ରତି ଫାଇଲେରିଆ ରୋଗୀଙ୍କୁ ପ୍ରଦାନ କରାଯାଇଛି।

# ଖରିଫ ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କୁ ସଚେତନ




**ଦିଗପହଣ୍ଡି,(ନିପ୍ର):** ଦିଗପହଣ୍ଡି ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଖରିଫ ଧାନ ସଂଗ୍ରହଣ ନିମନ୍ତେ ଚାଷୀଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଚଳିତ ୨୦୨୪-୨୫ ବଜାର ବର୍ଷରେ ଚାଷୀଙ୍କ ଖରିଫ ଧାନ ଅମଳ ପରେ ସଂଗୃହିତ ଧାନ ସ୍ଥାନୀୟ ସେବା ସମବାୟ ସମିତି କାର୍ଯ୍ୟାଳୟରେ ରଖାଯିବ ବୋଲି ନିର୍ଦ୍ଦେଶ ରହିଛି ବୋଲି ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟର ବରିଷ୍ଠ କର୍ମଚାରୀ ସଂଗ୍ରାମଜିତ୍ ପାଳ କହିବା ସହ ସେଠାରେ ପଞ୍ଜୀକୃତ ଚାଷୀଙ୍କ ଉତ୍ପାଦିତ ଧାନର ନମୁନା ପରୀକ୍ଷଣ ପରେ ଗୁଣାତ୍ମକ ଧାନକୁ ନିର୍ଦ୍ଧାରିତ ମିଲରଙ୍କ ପାଖକୁ ପଠାଯିବ ବୋଲି ଉପସ୍ଥିତ ଚାଷୀମାନଙ୍କୁ ସଚେତନ କରାଇଥିଲେ। ଚଳିତ ବର୍ଷ ସାଧାରଣ ଧାନର ମୂଲ୍ୟ କ୍ୱିଣ୍ଟାଲ ପ୍ରତି ୨୩ ଶହ ଟଙ୍କା ରହିଛି ବୋଲି ଉପସ୍ଥିତ ଚାଷୀ ମାନଙ୍କୁ ସୂଚନା ଦିଆଯାଇଥିଲା। ସମବାୟ ସମିତି ସମ୍ପାଦକ ସୁରେଶ କୁମାର ନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଚାଷୀ ସଚେତନତା ଶିବିରରେ ନୋଡାଲ ଅଧିକାରୀ କଇଠଖଣ୍ଡି କୃଷି ଗ୍ରାମସେବକ ଭୀମସେନ ମଲ୍ଲିକ, ସେବା ସମବାୟ ସମିତି ସଭାପତି ପ୍ରମୋଦ କୁମାର ପାଣିଗ୍ରାହୀ , ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଉଦୟ ନାଥ ସ୍ୱାଇଁ, ସମବାୟ ନିର୍ଦ୍ଦେଶକ ଏମ୍. ବାଇନାଥ, ଏନ୍. ତ୍ରିନାଥ, ବରିଷ୍ଠ ଚାଷୀ ଲବ ମହାନ୍ତି, ରାମଚନ୍ଦ୍ର ପୂଜାରୀ, ଅରୁଣ କୁମାର ସାହୁ, ପି. ଶିବଶଙ୍କର, କେ.କୁନା, ସୁରେଶ କୁମାର ପାତ୍ର, ପି.ଗୋବିନ୍ଦ, ହରିହର ସ୍ୱାଇଁଙ୍କ ସମେତ ପଞ୍ଜୀକୃତ ଚାଷୀ, ଚାଷୀ କମିଟିର ସଦସ୍ୟ ଓ କର୍ମକର୍ତ୍ତା ବୃନ୍ଦ ଏବଂ ସେବା ସମବାୟ ସମିତିର ନିର୍ଦ୍ଦେଶକ ବୃନ୍ଦ ଉପସ୍ଥିତ ଥିଲେ। ରାଜ୍ୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଉଦ୍ୟାନ ବିଭାଗ ଛାତ୍ରୀ ଅର୍ଚ୍ଚନା ସାହୁ ଉପସ୍ଥିତ ଚାଷୀଙ୍କୁ ଫସଲରେ ରୋଗ ପୋକ ଦମନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ଆପ୍ ବ୍ୟବହାର କରି ଚାଷୀମାନେ ଫସଲରେ କେଉଁ କୀଟନାଶକ ପ୍ରୟୋଗ କରିବେ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ପାଇ ପାରିବେ ବୋଲି ପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ଚାଷୀ ରାମଚନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୋଗ ପରେ ମଧ୍ୟ ସ୍ଥାନାନ୍ତର ହେଉନି ବିଦ୍ୟୁତ ଖୁଣ୍ଟ



ସୋନପୁର,(ନିପ୍ର): ସରକାର ବିପଦମୁକ୍ତ ବିଦ୍ୟୁତ୍ ଯୋଗାଣ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଅନେକ ସମୟରେ ବିଦ୍ୟୁତ ଜନିତ ଦୁର୍ଘଟଣା ଘଟିବା ସହ ଅନେକ ଧନଜୀବନ ହାନି ହେଉଥିବାର ନଜିର ରହିଛି। ଏଭଳି ଏକ ବିଭାଗୀୟ ଅବହେଳାର ଚିତ୍ର ଦେଖିବାକୁ ମିଳିଛି ସୋନପୁର ସହରର ଅଧିନସ୍ଥ ପଟାଭାଡି କୋଶଳ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ମାରୁତି ନଗର ନିକଟ ଗଳି ରାସ୍ତାର ମଧ୍ୟ ଭାଗରେ ଏକ ବିଦ୍ୟୁତ୍ ଖୁଣ୍ଟ ରହିଥିବା ଯୋଗୁଁ ରାସ୍ତା ଉପରେ ନିର୍ଭରଶୀଳ ଅଧିବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମ୍ପୃକ୍ତ ରାସ୍ତାଦେଇ ଚାରିଚକିଆ ଯାନ ଯାତାୟାତ କରୁନଥିବା ଏବଂ ସାଇକେଲ କିମ୍ବା ବାଇକରେ ଯାତାୟାତ କରୁଥିବା ଲୋକେ ଅଘଟଣ ଆଶଙ୍କାରେ ରହିଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

# ଯକ୍ଷ୍ମା ରୋଗ ମୁକ୍ତ ଭାରତ ଅଭିଯାନ କର୍ମଶାଳା



**ଦିଗପହଣ୍ଡି,(ନି.ପ୍ର):** ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ଯକ୍ଷ୍ମା ରୋଗ ମୁକ୍ତ ଭାରତ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏସଟିଏସ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳାରେ ବମକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିନଟେଣ୍ଡେଣ୍ଟ ଡା. ଶୁଚିସ୍ମିତା ଚୌଧୁରୀ, ଦିଗପହଣ୍ଡି ଏନ୍ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପଣ୍ଡା, ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ, କାଉନସିଲର ସୁଶାନ୍ତ କୁମାର ପାତ୍ର ଏବଂ ବିପିଏମ ଶୁଭେନ୍ଦୁ କୁମାର ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯକ୍ଷ୍ମାରୋଗର କାରଣ ଏବଂ ନିରାକରଣ ଉପରେ ଅତିଥି ବୃନ୍ଦ ସଚେତନ କରାଇଥିଲେ। ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରି ଉପଯୁକ୍ତ ପରାମର୍ଶ, ନିୟମିତ ଔଷଧ ସେବନ, ପୁଷ୍ଟିକର ଆହାର ଏବଂ ସାମାଜିକ ସହାନୁଭୂତି ପ୍ରଦର୍ଶନ ଦ୍ୱାରା ଏହାର ମୂଳୋତ୍ପାଟନ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା।

# ନାବାଳକ ଗାଡି ଚାଳକଙ୍କ ପାଇଁ ଘଟୁଛି ଦୁର୍ଘଟଣା

**ଧାମନଗର,(ନିପ୍ର):** ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ଛୋଟ ଛୋଟ ପିଲାମାନଙ୍କୁ ବହୁ ସମୟରେ ଦୁଇ ଚକିଆ ଓ ଚାରି ଚକିଆ ଗାଡିକୁ ଅତି ଦ୍ରୁତଗତିରେ ଓ ବିପଦପୂର୍ଣ୍ଣ ଭାବରେ ଚଳାଉଥିବାର ଦେଖିବାକୁ ମିଳୁଛି। ଏହା ସହିତ କିଛି ଛୋଟ ପିଲା କୌଣସି ଡ୍ରାଇଭିଂ ତାଲିମ ନପାଇ କମ ଦରମାରେ ବିଭିନ୍ନ ଭାରିଯାନ ଯଥା ଟ୍ରାକ୍ଟର, ଅଟୋ, ପିକପଭ୍ୟାନ ଭଳି ବିଭିନ୍ନ ଚାରିଚକିଆ ଯାନବାହାନ ଚଳାଉଥିବାର ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ପରିବହନ ବିଭାଗର ବିଭିନ୍ନ ନିୟମ ଥିଲାବେଳେ ପରିବହନ ବିଭାଗର ବାବୁମାନଙ୍କର ଲୋଭଖୋର ମନବୃତ୍ତି ଓ ଖାମଖିଆଲି ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଧାମନଗର ଅଞ୍ଚଳରେ ଦେଖିବାକୁ ମିଳୁନାହିଁ।ଯାହାର ଫାଇଦା ନେଇ ଗାଡି ମାଲିକମାନେ କମ ଦରମାରେ ଅଣସ୍ୱୀକୃତି ପ୍ରାପ୍ତ ନାବାଳକ ଗାଡି ଚାଳକମାନଙ୍କୁ ରଖି ବିଭିନ୍ନ ମାଲ ପରିବହନ ଗାଡି ଓ ସ୍କୁଲ ପିଲାମାନଙ୍କ ପାଇଁ ବ୍ୟବହୃତ ଗାଡିମାନଙ୍କରେ ନିୟୋଜିତ କରି ଲାଭବାନ ହେଉଛନ୍ତି। କିନ୍ତୁ ଏହା ଫଳରେ ଧାମନଗର ଅଞ୍ଚଳରେ ବାରମ୍ବାର ସ୍କୁଲ ଗାଡି ଦୁର୍ଘଟଣା, ବାଇକ ଦୁର୍ଘଟଣା, ଟ୍ରାକ୍ଟର ଓ ବାଇକ ଦୁର୍ଘଟଣା ଭଳି ବହୁ ଘଟଣା ଧାମନଗର ଅଞ୍ଚଳରେ ଘଟୁଛି। ଯାହାକି ବିଭିନ୍ନ ସମୟରେ ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଉଛି। କିନ୍ତୁ ଏଥିପ୍ରତି ନା ପରିବହନ ବିଭାଗ, ନା ପୋଲିସ ପ୍ରଶାସନ କାହାରି ନଜର ନାହିଁ। ଯାହା ଫଳରେ କିଛିଦିନ ତଳେ ଏକ ନାବାଳକ ଟ୍ରାକ୍ଟର ଚାଳକଙ୍କ ପାଇଁ ଧାମନଗର ଅଞ୍ଚଳର ଯୁବକ (ଶ୍ରୀକାନ୍ତ ଜେନାଙ୍କର ଜୀବନ ଦୀପ ଲିଭିଗଲା। କାଲି ହୁଏତ ଆଉ କାହାର ଜୀବନ ଯାଇପାରେ ସେହି ଚାଳକ ପାଇଁ। ତେଣୁ ଏଥିପ୍ରତି ପରିବହନ ବିଭାଗ ଓ ପୋଲିସ ପ୍ରଶାସନ ତିକ୍ଷ୍ଣ ଦୃଷ୍ଟି ରଖିବା ସହିତ ଦୃଢ ପଦକ୍ଷେପ ନେଇ ମୋଟା ଅଙ୍କରେ ଗାଡିମାଲିକଙ୍କ ଉପରେ ଫାଇନ କରିବା ସହିତ କାଗଜପତ୍ର ସଠିକ ନଥିବା ଗାଡିଗୁଡକର ରୋଡ ପରମିଟ ଖାରଜ କରାଗଲେ ନିଶ୍ଚିତ ଭାବରେ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣା ଗୁଡିକୁ ରୋକାଯାଇ ପାରିବ।

# କାଦୋଦର କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ବୀରମହାରାଜପୁର,(ନି.ପ୍ର):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର କାଦୋଦର ସ୍ଥିତ ମା ଉମାଦେବୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ଓ ରେଡ଼ ରିବନ କ୍ଲବର ମିଳିତ ଆନୁକୂଲ୍ୟରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବଲ୍ଲଭ ପୁରୋହିତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଅନୁଷ୍ଠାନର ସଂପାଦକ ତଥା ଯୁବ ସମାଜସେବୀ ଚିତ୍ତରଞ୍ଜନ ପଢି ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ କଳାପଥର ସତ୍ୟବାଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡ କ୍ରସ କାଉନସେଲର ତଥା ଅଧ୍ୟାପକ କିଶୋର କୁମାର ସାହୁ ଯୋଗଦେଇ ଏଡ୍‌ସ ରୋଗର ଭୟାବହତା, ଏଡ୍‌ସ ରୋଗର କାରଣ, ନିରାକରଣ, ବିଶ୍ୱ ତଥା ଭାରତ ଏବଂ ଓଡ଼ିଶାରେ ଏହାର ସ୍ଥିତି, ଇତିହାସ, ବ୍ୟାପକତା, ନିରାକରଣରେ ଯୁବସମାଜ କିପରି ସାହାଯ୍ୟ ହୋଇପାରିବେ ସେ ସଂପର୍କରେ ବୁଝାଇଥିଲେ। ଯୁବ ରେଡ଼କ୍ରସ କାଉନସେଲର ତଥା ଅଧ୍ୟାପକ ଉଦ୍ଧବ ପଧାନ ସ୍ୱାଗତ ଭାଷଣ ଦେଇ ଦେଇଥିବା ବେଳେ ଇଂରାଜୀ ଅଧ୍ୟାପକ ସୁଶାନ୍ତ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ କୃତିତ୍ୱ ହାସଲ କରିଥିବା ଛାତ୍ର, ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ। ଏଥିରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଦୀର୍ଘଦିନ ହେଲା ଟ୍ରାଫିକ ସିଗନାଲ ଅଚଳ

ସୁବର୍ଣ୍ଣପୁର,(ନିପ୍ର): ଲୋକେ ସୁବିଧାରେ ଯାତାୟାତ କରିବେ ବୋଲି ଟ୍ରାଫିକ ଲାଇଟ୍ ଲାଗିଛି ହେଲେ ଲାଇଟ୍ ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ସୋନପୁର ସହରର ବ୍ୟସ୍ତ ବହୁଳ ବ୍ଲକ ଛକ ଟ୍ରାଫିକ ଲାଇଟ ଦୀର୍ଘ ଦିନ ହେଲା ଅଚଳ ହୋଇପଡ଼ିରହିଛି। ଫଳରେ ଟ୍ରାଫିକ ସିଗନାଲ ଲାଇଟ ଅଚଳ ହୋଇ ଯାଇଥବାର ଲୋକେ ନା ନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଯୋଗୁଁ କେତେବେଳେ ଦୁର୍ଘଟଣା ଘଟିବ କହିହେବ ନାହିଁ। ପୂର୍ବରୁ ଏହି ଛକରେ ବଡ ବଡ ଦୁର୍ଘଟଣା ଘଟି ସାରିଛି। ବ୍ଲକ ଛକରେ ସକାଳ ୮ଟାରୁ ଦିନ ୧୨ଟା ଯାଏଁ ଏବଂ ସନ୍ଧ୍ୟା ୫ଟାରୁ ରାତି ୮ଟା ଯାଏଁ ଟ୍ରାଫିକ ପୋଲିସ ଡ୍ୟୁଟି କରନ୍ତି। ୧୨ଟା ପରେ ଏହି ଛକ ଅତିକ୍ରମ କରିବା କଷ୍ଟକର ହୋଇଯାଉଛି। ଦିନସାରା ଭଗବାନ ଭରସାରେ ଲୋକେ ଯାତାୟତ କରୁଛନ୍ତି। ଲାଇଟ ଅଚଳ ଯୋଗୁଁ ଡ୍ୟୁଟିରେ ଥିବା ଟ୍ରାଫିକ ପୋଲିସ ଙ୍କୁ ମଧ୍ୟ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବହୁ କଷ୍ଟ କରିବାକୁ ପଡୁଛି । ସନ୍ଧ୍ୟା ସମୟରେ ଟ୍ରାଫିକ ପୋଲିସମାନେ ହାତରେ ଲାଲ ଏବଂ ସାଗୁଆ ଲାଇଟ ଧରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ସରକାରଙ୍କ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୌଣସି ଜିନିଷ ଲଗାଇ ଦେଇ ରକ୍ଷଣାବେକ୍ଷଣ ନକଲେ ଲାଭ କଣ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ବଡ ଦୁର୍ଘଟଣା ହେବା ପୂର୍ବରୁ ବ୍ଲକ ଛକର ଟ୍ରାଫିକ ସିଗନାଲ ଲାଇଟ ଶୀଘ୍ର ସଜାଡିବା ପାଇଁ ସାଧାରଣ ଦାବି ହେଉଛ।

# ଧର୍ମଗଡ଼ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ପାଇଁ ପ୍ରସ୍ତୁତି ବୈଠକ



ଧର୍ମଗଡ଼,(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ସଭା ଗୃହରେ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୫ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁଆରୀ ୧୫, ୧୬ ଏବଂ ୧୭ ତିନି ଦିନ ଧରି ଧର୍ମଗଡ ଉତ୍ସବ ପଡିଆରେ କଳାହାଣ୍ଡି ଉତ୍ସବ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଉକ୍ତ ବୈଠକରେ ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମାଙ୍କ ଅଧ୍ୟକ୍ଷତା କରିଥିବା ବେଳେ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡ଼ିଓ ଶରତ ପାତ୍ର, ଏନଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଉପାଧ୍ୟକ୍ଷା ମନୀଷା ମିଶ୍ର,ବ୍ଲକ ଅଧ୍ୟକ୍ଷା ବବିତା ପଟଯୋଶୀ, ଉପଖଣ୍ଡ ପୋଲିସ ଅଧିକାରୀ ମନୋଜ ବେହେରା, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା ପ୍ରମୁଖ ମଞ୍ଚାସିନ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ଉପଖଣ୍ଡର ପ୍ରଶାସନିକ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ବିଶେଷ ବ୍ୟକ୍ତି ମାନଙ୍କୁ ନେଇ କମିଟି ପୁନର୍ଗଠନ ଓ ଉତ୍ସବ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଧର୍ମଗଡ଼ ଥାନା ଅଧିକାରୀ ଦାମୋଦର ବିହାରୀ, ଆଇନଜୀବୀ ତୁଷାର ରଞ୍ଜନ ପଟଯୋଶୀ, ସୁବାଷ ପାଣିଗ୍ରାହୀ, ସନ୍ତୋଷ ମେହେର, ନିରଞ୍ଜନ ମହାପାତ୍ର, ବରିଷ୍ଠ ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ବିଦ୍ୟାଧର ସାହୁ, ଅଂଶୁମାନ ପାତ୍ର, ଲିଙ୍ଗରାଜ ପାତ୍ର, ହୀରା ବାଗ, ମାଧବ ଲହଜଳ, ରମଣୀ ଜାଲ, ହୀରା ବାଗ ପ୍ରମୁଖ ଯୋଗଦାନ କରିଥିବା ବେଳେ ଉକ୍ତ କାର୍ଯ୍ୟକ୍ରମକୁ ଲୋକ ସମ୍ପର୍କ ଅଧିକାରୀ ରମେଶ ସିଂ ପରିଚାଳନା କରି ଧନ୍ୟବାଦ ଅର୍ପଣ କରି ଥିଲେ।

# ଡୋକରୀଚଞ୍ଚରାରେ ପାନୀୟ ଜଳ ପ୍ରକଳ୍ପ ଅଚଳ



କୋକସରା,(ନିପ୍ର): କୋକସରା ବ୍ଲକରେ ଥିବା ଐତିହାସିକ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକରୀଚଞ୍ଚରାରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡିଛି। ଯାହା ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ପିଇବା ପାଣି ନିମନ୍ତେ ଅନେକ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ପର୍ଯ୍ୟଟନ ସ୍ଥଳୀରେ ଡିସେମ୍ବର ମାସ ଆରମ୍ଭରୁ ପିକନିକ୍ ପାର୍ଟିର ଭିଡ଼ ଜମିବାରେ ଲାଗିଛି। ଦୈନିକ ଶହ ଶହ ଲୋକଙ୍କ ସହ ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରଛାତ୍ରୀ, ସରକାରୀ କାର୍ଯ୍ୟାଳୟ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଏଠାକୁ ବଣଭୋଜି କରିବା ପାଇଁ ଆସୁଥିବା ଦେଖିବାକୁ ମିଳୁଛି। ତେବେ ଏଠାରେ ଥିବା ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଦିର୍ଘ ୨ମାସ ପାଖାପାଖି ହେବ ଅଚଳ ହୋଇପଡିଛି। ଯାହା ଫଳରେ ପାନୀୟ ଜଳ ନିମନ୍ତେ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏମିତି କି ଝରଣାରେ ବୋହି ଯାଉଥିବା ପାଣିକୁ ରୋଷେଇରେ ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ତେଣୁ ପିଇବା ପାଣି ସମସ୍ୟାକୁ ନେଇ ପର୍ଯ୍ୟଟକ ମାନେ କ୍ଷୋଭପ୍ରକାଶ କରିଛନ୍ତି। ଅନ୍ୟପଟେ ଡୋକରୀ ଚଞ୍ଚରା ଉନ୍ନୟନ ସମିତି ପକ୍ଷରୁ ଉକ୍ତ ପାନୀୟ ଜଳ ପ୍ରକଳ୍ପ କୁ ମରାମତି କରିବା ପାଇଁ ବିଭାଗୀୟ କର୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଦୃଷ୍ଟି ଦେଉ ନଥିବା ପ୍ରକାଶ କରିଛନ୍ତି। ତେଣୁ ତୁରନ୍ତ ମରାମତି କରିବା ପାଇଁ ପର୍ଯ୍ୟଟକ ଓ ସାଧାରଣ ଲୋକେ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାପାଇଁ ଚେଷ୍ଟା କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ଜୟପାଟଣା,(ନି.ପ୍ର):** ମଙ୍ଗଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ବିଜୟ କୁମାର ଯୋଶୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା, ମଙ୍ଗଳପୁର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଶିକ୍ଷକ, ଶିକ୍ଷୟତ୍ରି, ଆଞ୍ଚଳିକ ସାଧନ କେନ୍ଦ୍ର ମଙ୍ଗଳପୁର ସୌଜନ୍ୟରେ ଅନୁଷ୍ଠିତ ଏହି ଅବସର କାଳୀନ ଉତ୍ସବ ରେ ବହୁ ସଂଖ୍ୟା ରେ ଶିକ୍ଷକ, ଶିକ୍ଷୟତ୍ରୀ, ଶିକ୍ଷା ବିତ, ସମାଜ ସେବି ଯୋଗ ଦେଇଥିଲେ। ଏହି ଅବସର ସମାରୋହ ସଭା ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ସଭାପତିତ୍ୱରେ, ମୁଖ୍ୟ ଅତିଥି ଭାବେ ଜୟପାଟଣା ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରେମ ନାରାୟଣ ପଣ୍ଡା, ବିଶିଷ୍ଟ ଅତିଥି ଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଧିରେନ କୁମାର ପଟ୍ଟନାଏକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ବିରେନ ବାଗ, ବରିଷ୍ଠ ଶିକ୍ଷା ବିତ, ତଥା ଶିକ୍ଷକ ସଙ୍ଘ ଉପଦେଷ୍ଟା ଗଣେଶ ପ୍ରସାଦ ବେହେରା, ସମ୍ମାନିୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁରେନ୍ଦ୍ର ମୋହନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା, ଶୋଭାରାମ ଜାଲ, ବିଶ୍ୱନାଥ ପାଢ଼ୀ, ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ ସମ୍ପାଦକ ଲଳିତ କୁମାର ନାଏକ, ମଙ୍ଗଳପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନସ ରଞ୍ଜନ ପଣ୍ଡା, ଜୁନାଗଡ ଗୋଷ୍ଠି ସାଧନ କେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ଠାକୁର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମର ନାଏକ, ଯୋଗ ଦେଇଥିଲେ। ଚାକିରୀ ଜୀବନ କାଳ ମଧ୍ୟରେ ଅନେକ ବିଦ୍ୟାଳୟ ମାନଙ୍କରେ ଶିକ୍ଷକତା କରି, ଛାତ୍ର ବତ୍ସଳତା, ଏବଂ ଲୋକପ୍ରିୟ ହୋଇ ପାରିଥିବା, ଅବସର ପ୍ରାପ୍ତ ବିଜୟ କୁମାର ଯୋଶୀଙ୍କ ଅବସର କାଳ ଏକ ସୁଖ ସ୍ୱଚ୍ଛ ସ୍ୱଚ୍ଛନ୍ଦ ମୟ ହେଉ ବୋଲି ଅତିଥି ମାନେ, ବିଘ୍ନ ବିନାଶକ ଗଣେଶଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏକ ଭବ୍ୟ ପରିବେଶ ମଧ୍ୟରେ ଛାତ୍ର ଛାତ୍ରୀଙ୍କ ଗହଣ ରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ଫୁଲତୋଡ଼ା ସହ ଉପ ଦୋକନ ଦେଇ ଅବସର କାଳୀନ ସମ୍ମାନ ଦିଆ ଯାଇଥିଲା. । ସରକାରଙ୍କ ଦାୟିତ୍ୱ ବହନ କରି ନୀତିନିୟମ ମଧ୍ୟରେ ଦୀର୍ଘ ୩୪ବର୍ଷ ର ଶିକ୍ଷା ଦାନ, ଏବଂ କୁନି କୁନି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତ ଗଠନ ର ମୂଳଦୁଆ ଦେଇ ଆସୁଥିବା ପ୍ରଧାନ ଶିକ୍ଷକ, ଅବସର ଗ୍ରହଣ କରିଥିଲେ ହେଁ, ନିଜହାତରେ ଗଢ଼ୀ ଥିବା ଛାତ୍ରଛାତ୍ରୀଙ୍କ, ଶିକ୍ଷା, ଦୀକ୍ଷା, ସଂସ୍କାର, ଉପରେ ଭବିଷ୍ୟତ ଚିନ୍ତା କରି ଆୟୋଜିତ ସମାବେଶରେ ଦୁଃଖ ପ୍ରକାଶ କରିଥିଲେ। ଭାବ ବିହ୍ୱଳ ହୋଇ, ନିଜ ଚାକିରୀ କାଳ ମଧ୍ୟରେ, ଯଦି କାହାରି ଭୁଲ କରି ଥାଏ, କିମ୍ବା ତ୍ରୁଟି ଥାଏ, ତେବେ ଉପସ୍ଥିତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ବିଭଗୀୟ ଅଧିକାରୀ, ସହଯୋଗୀ, କ୍ଷମା କରିନେବେ ବୋଲି ଅନ୍ତରର କୋହ କୁ ଚାପି ରଖି ଥିଲେ ହେଁ, ଜଳ ଜଳ ହୋଇ ଜଣା ପଡୁଥିଲା। ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିବାବେଳେ, କୁଚା ଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନନ୍ତ ନାରାୟଣ ପଣ୍ଡା, ମଞ୍ଚ ପରିଚାଳନା, ଅତିଥି ପରିଚୟ, ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାକୁମ୍ଭ ମେଳାର ସମୀକ୍ଷା କରିବେ ପ୍ରଧାନମନ୍ତ୍ରୀ

## ୫୫୦୦ କୋଟି ରୁ ଅଧିକ ଟଙ୍କାର ଅନେକ ଉନ୍ନୟନ ମୂଳକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବେ

ନୂଆଦିଲ୍ଲୀ, ୧୨।୧୨ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିରେ ଉତ୍ତର ପ୍ରଦେଶ ଗସ୍ତରେ ଯିବେ। ସେ ଅପରାହ୍ନ ପ୍ରାୟ ୧୨ଟା ୧୫ରେ ପ୍ରୟାଗରାଜ ଯାଇ ସଙ୍ଗମ ସ୍ଥଳରେ ପୂଜାର୍ଚ୍ଚନା ଓ ଦର୍ଶନ କରିବେ। ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ରେ ପ୍ରଧାନମନ୍ତ୍ରୀ ଅକ୍ଷୟ ବଟବୃକ୍ଷ ସ୍ଥଳରେ ପୂଜାର୍ଚ୍ଚନା କରିବେ ଓ ତା' ପରେ ହନୁମାନ ମନ୍ଦିର ଓ ସରସ୍ୱତୀ କୂପ ଯାଇ ପୂଜାର୍ଚ୍ଚନା କରିବେୟ ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏ ବେଳେ ସେ ମହାକୁମ୍ଭ ପ୍ରଦର୍ଶନୀ ସ୍ଥଳ ପରିଦର୍ଶନ କରିବେ। ଏହାପରେ ଅପରାହ୍ନ ପ୍ରାୟ ୨ଟାରେ ସେ ପ୍ରୟାଗରାଜରେ ୫୫୦୦ କୋଟି ରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଓ ଶୁଭାରମ୍ଭ କରିବେ।



ମହାକୁମ୍ଭ ୨୦୨୫ ପାଇଁ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ। ପ୍ରୟାଗରାଜରେ ଭିତ୍ତିଭୂମି ସୁବିଧା ଉନ୍ନତୀକରଣ ଏବଂ ନିରବଚ୍ଛିନ୍ନ ଯାତାୟାତକୁ ସୁଗମ କରିବା ପାଇଁ ଏସବୁ ପ୍ରକଳ୍ପ ଉଦ୍ଦିଷ୍ଟ । ଏସବୁ ପ୍ରକଳ୍ପ ମଧ୍ୟରେ ରହିଛି ୧୦ଟି ନୂତନ ରୋଡ୍ ଓଭରବ୍ରିଜ୍ (ଆରଓବି) କିମ୍ବା ଫ୍ଲାଏଓଭର, ସ୍ଥାୟୀ ଘାଟ ଏବଂ ରିଭରଫ୍ରଣ୍ଟ ରାସ୍ତା ଭଳି ବିଭିନ୍ନ ରେଳ ଓ ସଡ଼କ ପ୍ରକଳ୍ପ। ସ୍ୱଚ୍ଛ ଏବଂ ନିର୍ମଳ ଗଙ୍ଗା ପ୍ରତି ତାଙ୍କର ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ଗଙ୍ଗା ନଦୀକୁ ଯାଉଥିବା କ୍ଷୁଦ୍ର ଡ୍ରେନ୍ ଗୁଡ଼ିକର ପ୍ରତିରୋଧକ, ଟ୍ୟାପ୍, ଡାଇଭର୍ଟ ଏବଂ ବିଶୋଧନ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିବେ। ଏହା ଦ୍ୱାରା ଗଙ୍ଗା ନଦୀକୁ ବିଶୋଧିତ ହୋଇନଥିବା ଜଳ ପ୍ରବେଶ କରିପାରିବ ନାହିଁ। ସେ ମଧ୍ୟ ପାନୀୟ ଜଳ ଓ ବିଜୁଳି ସମ୍ବନ୍ଧୀୟ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦଘାଟନ କରିବେ ।

ପ୍ରଧାନମନ୍ତ୍ରୀ କେତେକ ପ୍ରମୁଖ ମନ୍ଦିର କରିଡରକୁ ଉଦଘାଟନ କରିବେ। ସେଗୁଡ଼ିକ ହେଲା ଭରଦ୍ୱାଜ ଆଶ୍ରମ କରିଡର, ଶୃଙ୍ଗବେରପୁର ଧାମ କରିଡର, ଅକ୍ଷୟବଟ କରିଡର, ହନୁମାନ ମନ୍ଦିର କରିଡର ଇତ୍ୟାଦି। ଏହି ପ୍ରକଳ୍ପଗୁଡ଼ିକ ଭକ୍ତଙ୍କ ଯାତାୟାତକୁ ସୁଗମ କରାଇବା ସହ ଆଧ୍ୟାତ୍ମିକ ପର୍ଯ୍ୟଟନକୁ ମଧ୍ୟ ପ୍ରୋତ୍ସାହିତ କରିବ। ପ୍ରଧାନମନ୍ତ୍ରୀ ଏହି ଅବସରରେ କୁମ୍ଭ 'ସହାୟକ' ଚାଟ୍ ବଟ୍ ର ଶୁଭାରମ୍ଭ କରିବେ । ଏହି ଚାଟବଟ୍ ମହାକୁମ୍ଭ ମେଳା ୨୦୨୫ ସମ୍ପର୍କରେ ଭକ୍ତମାନଙ୍କୁ ସହାୟତା କରିବା ସହ ଏବଂ କାର୍ଯ୍ୟସୂଚୀ ସମ୍ପର୍କରେ ସଦ୍ୟତମ ସୂଚନା ପ୍ରଦାନ କରିବ।

# ପାହାଡିଆ ଅଞ୍ଚଳରେ ହେଉଥିବା ହିମପାତ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ଦେଶର ପାହାଡିଆ ଅଞ୍ଚଳରେ ହେଉଥିବା ହୀମପାତ ଓ ବର୍ଷା ପରେ ରାଜଧାନୀ ଦିଲ୍ଲୀରୁ ଆରମ୍ଭ କରି ପଞ୍ଜାବ, ରାଜସ୍ଥାନ, ହରିୟାଣା ଭଳି ସମତଳ ଅଞ୍ଚଳରେ ଥଣ୍ଡା ପଡିବା ଆରମ୍ଭ ହୋଇଯାଇଛି। ଉତ୍ତରାଖଣ୍ଡ, ହିମାଚଳ ଓ ଜମ୍ମୁ-କାଶ୍ମୀର ଭଳି ରାଜ୍ୟରେ ବରଫ ପଡିବା ଆରମ୍ଭ ହୋଇଗଲାଣି। ଅନନ୍ତନାଗରେ ହୀମପାତ ଯୋଗୁ ଭାରଭାନ ଆଡକୁ ଯାଉଥିବା ଏକ ଟ୍ରକ୍ ସଡ଼କରୁ ଖସି ଖାଇରେ ପଡିଛି ।

ଜମ୍ମୁ-କାଶ୍ମୀରରେ ଆଖି ଯେଉଁ ପର୍ଯ୍ୟନ୍ତ ପାଉଛି ସବୁଆଡେ ବରଫ ହିଁ ବରଫ। ବାନ୍ଦିପୋରା, ବଡଗାଁବ, ସୋପର, ତଙ୍ଗମର୍ଗ, ସୋନମର୍ଗ ଓ ବନିହାଲ ଭଳି ସ୍ଥାନମାନଙ୍କରେ ଏବେ ଭୀଷଣ ବରଫ ପଡୁଛି।ହିମାଚଳ ପ୍ରଦେଶରେ ନଦୀ, ନାଳ ଓ ଝରଣା ବରଫରେ ପରିଣତ ହେବାରେ ଲାଗିଲାଣି ଲୋହୋଲରେ ନଦୀ ପାଣି ବରଫ ପାଲଟିଛି।ନାଳରେ ବରଫ ଭାସୁଛି ଉତ୍ତରାଖଣ୍ଡରେ ଗଙ୍ଗୋତ୍ରୀରୁ ଆରମ୍ଭ କିର



ଯମୁନେତ୍ରୀ, ପଙ୍ଗୋଟ ଓ ହର୍ଷିଲ ପର୍ଯ୍ୟନ୍ତ ବରଫ ଏପରି ପଡୁଛି ଯେ ଗଛପତ୍ରଠୁ ଆରମ୍ଭ କରି ପାହାଡର ପଥର ବି ବରଫ ପାଲଟିଛି ।

ପାହାଡ ଉପରେ ହେଉଥିବା ହୀମା ପାତର ପ୍ରଭାବ ଏବେ ସମତଳ ଅଞ୍ଚଳ ଉପରେ ପଡିବା ଆରମ୍ଭ ହେଲାଣି ଶୀତ ଲହର ଚାଲିବା ଯୋଗୁ ବିଭିନ୍ନ ସ୍ଥାନର ପାରଦ ହ୍ରାସ ହେବା ଆରମ୍ଭ ହୋଇଛି। ଫଳରେ ଦେଶରେ ଶୀତ ଋତୁ ଆରମ୍ଭ ହୋଇଯାଇଛି। ଜମ୍ମୁ-କାଶ୍ମୀର ରାଜଧାନୀ ଶ୍ରୀନଗରରେ ଏପର୍ଯ୍ୟନ୍ତ ହୀମ ପାତ ହୋଇ ନାହିଁ, ହେଲେ ପାରଦ ବିଯୁକ୍ତ ହେବାରେ ଲାଗିଛି। ଲାହୋଲ ଘାଟିର କିଛି ଅଞ୍ଚଳରେ ତାପମାତ୍ରା ବିଯୁକ୍ତ ୧୫ ଡିଗ୍ରି ସେଣ୍ଟିଗ୍ରେଡରୁ ୨୦ ଡିଗ୍ରି ସେଣ୍ଟିଗ୍ରେଡକୁ ଖସି ସାରିଲାଣି । ଚଳିତବର୍ଷ ଦେଶକୁ ଶୀତ ଋତୁ ଆଗମନରେ ବିଳମ୍ବ ହୋଇଛି ହେଲେ ବି ଆରମ୍ଭରୁ ପ୍ରବଳ ହୀମପାତ ଅନେକ ସ୍ଥାନର ତାପମାତ୍ରା ହ୍ରାସ କରିଥିବା ବେଳେ ନଦୀ,ନାଳ ବରଫରେ ପରିଣତ ହେଲାଣି। ଗତ ରାତିରେ ରାଜଧାନୀ ଦିଲ୍ଲୀର ତାପମାତ୍ରା ୫ ଡିଗ୍ରି ସେଲସିୟସ ହୋଇଯାଇଛି। ଋତୁ ଆରମ୍ଭରୁ ତାପମାତ୍ରାରେ ଏପରି ହ୍ରାସ ଏଥର ଦିଲ୍ଲୀ ଶୀତ ଦିନେ ବିଯୁକ୍ତ ତାପମାତ୍ରାକୁ ପହଞ୍ଚିବାର ଆଶଙ୍କା କରାଗଲାଣି। କାରଣ ଦିଲ୍ଲୀର ତାପମାତ୍ରା ମାତ୍ର ଦିନକରେ ୩ ଡିଗ୍ରି ହ୍ରାସ ହୋଇଛି ।

ରାଜସ୍ଥାନରେ ଉତ୍ତର ଦିଗରୁ ବହୁଥିବା ପବନ ପାଇଁ ଫତେହପୁର, ଶେଖାବଟି ଆରମ୍ଭ କରି ମାଉଣ୍ଟଆବୁ, ଚୁରୁ, ପିଲାନୀ, ଶ୍ରୀଗଙ୍ଗାନଗର ଓ ବିକାନେର ପୁରା ଅଞ୍ଚଳରେ ଏବେ ଜୋରଦାର ଥଣ୍ଡାପଡୁଛି ଓ ସର୍ବ ନିମ୍ନ ତାପମାତ୍ରା ବିଯୁକ୍ତ ଡିଗ୍ରି ପର୍ଯ୍ୟନ୍ତ ଖସୁଛି। ପାଣିପାଗ ବିଭାଗ ଅନୁସାରେ ଏହି ସବୁ ଅଞ୍ଚଳରେ ପ୍ରାୟ ୪ ବର୍ଷ ପରେ ଡିସେମ୍ବର ୧୦ ତାରିଖରେ ତାପମାତ୍ରା ବିଯୁକ୍ତ ହୋଇଛି।

# ସୁପ୍ରିମକୋର୍ଟଙ୍କ ୮ ସୂତ୍ରୀ ଫର୍ମୁଲା

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ବେଙ୍ଗାଲୁରୁରେ ଇଞ୍ଜିନିୟର ଅତୁଲ ସୁଭାଷଙ୍କ ଆତ୍ମହତ୍ୟା ମାମଲା ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ସୁପ୍ରିମକୋର୍ଟ। ଛାଡ଼ପତ୍ର ଓ ଭରଣ ପୋଷଣ ପାଇଁ ୮ ସୂତ୍ରୀ ଫର୍ମୁଲା ନର୍ଦ୍ଧାରିତ କରିଛନ୍ତି।ଶାଶୂଘର ଲୋକଙ୍କ ଦ୍ୱାରା ମହିଳାମାନଙ୍କୁ ନିର୍ଯାତନାରୁ ରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଆଇନର ଅପବ୍ୟବହାର ବୃଦ୍ଧି ପାଉଥିବା ଦର୍ଶାଇ ସୁପ୍ରିମ୍‌କୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି।

କୋର୍ଟ କହିଛନ୍ତି ଏଣିକି ଭରଣପୋଷଣ ଶୁଣାଣି ବେଳେ ସ୍ୱାମୀ ଏବଂ ସ୍ତ୍ରୀର ସାମାଜିକ ଏବଂ ଅର୍ଥନେତିକ ସ୍ଥିତି, ଭବିଷ୍ୟତରେ ପତ୍ନୀ ଏବଂ ପିଲାମାନଙ୍କର ମେଳିକ ଆବଶ୍ୟକତା, ଉଭୟ ପକ୍ଷର ଯୋଗ୍ୟତା ଏବଂ ରୋଜଗାର, ଆୟ ଏବଂ ସମ୍ପତ୍ତିର ଉତ୍ସ, ତାଙ୍କ ଶାଶୂଘରେ ରହୁଥିବା ସମୟରେ ପତ୍ନୀଙ୍କ ଜୀବନଧାରଣ ମାନ, ସେ ପରିବାରର ଯତ୍ନ ନେବା ପାଇଁ ଚାକିରି ଛାଡ଼ିଛନ୍ତି କି ?, କାମ କରୁନଥିବା ପତ୍ନୀଙ୍କ ପାଇଁ ଆଇନଗତ ଯୁଦ୍ଧ ପାଇଁ ଯୁକ୍ତିଯୁକ୍ତ ପ୍ରମାଣ, ରକ୍ଷଣାବେକ୍ଷଣ ଭତ୍ତା ସହିତ ସ୍ୱାମୀଙ୍କ ଆର୍ଥିକ ସ୍ଥିତି, ରୋଜଗାର ଏବଂ ଅନ୍ୟାନ୍ୟ ଦାୟିତ୍ୱ କଣ ହେବ ? ଇତ୍ୟାଦି ବିଷୟ ଦେଖାଯିବ।

ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ପିଭି ବରାଲେଙ୍କ ବେଞ୍ଚ ଛାଡ଼ପତ୍ର ଓ ଭରଣପୋଷଣ ରାଶି ଉପରେ ନିଷ୍ପତ୍ତି ଦେବାବେଳେ ଦେଶର ସମସ୍ତ କୋର୍ଟଙ୍କୁ ଏହି ୮ ସୂତ୍ରୀ ଫର୍ମୁଲା ଅନୁଯାୟୀ ବିଚାର ଶୁଣାଇବାକୁ କହିଛନ୍ତି।ଏଥିରେ ଦର୍ଶାଯାଇଥିବା କାରଣ ଉପରେ ଆଧାର କରି ନିର୍ଦ୍ଦେଶ ଦେବାକୁ ପରାମର୍ଶ ଦେଇଛନ୍ତି।

କହିରଖୁ ଯେ, ବେଙ୍ଗାଲୁରୁର ଇଞ୍ଜିନିୟର୍ ଅତୁଲ ସୁଭାଷ ଆତ୍ମହତ୍ୟା ପୂର୍ବରୁ ୮୦ ମିନିଟର ଏକ ଭିଡିଓ ରେକର୍ଡ କରିଥିଲେ, ଯେଉଁଥିରେ ସେ ତାଙ୍କଠାରୁ ଅଲଗା ହୋଇଯାଇଥିବା ପତ୍ନୀ ନିକିତା ସିଙ୍ଘାଣିଆ ଓ ତାଙ୍କ ବାପ ଘର ବିରୋଧରେ ଏକାଧିକ ଅଭିଯୋଗ କରିଥିଲେ। ନିକିତା ଓ ତାଙ୍କ ବାପଘର ଲୋକେ ତାଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ତାଙ୍କ ବିରୋଧରେ ଓ ତାଙ୍କ ପରିବାର ବିରୋଧରେ ଏକାଧିକ ମାମଲା ରୁଜୁ କରିଥିବା ସେ ଅଭିଯୋଗ କରିଥିଲେ।

# ଦିଲ୍ଲୀ ମହିଳାଙ୍କ ପାଇଁ ଆପ୍‌ର ବଡ଼ ଘୋଷଣା

ନୂଆଦିଲ୍ଲୀ: ଦିଲ୍ଲୀ କ୍ୟାବିନେଟ୍‌ରେ ପାରିତ ହୋଇଛି ମହିଳା ସମ୍ମାନ ଯୋଜନା ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀ ଏବଂ ଦଳ ସୁପ୍ରିମୋ ଅରବିନ୍ଦ କେଜରିୱାଲ ଯୋଜନାର ଘୋଷଣା କରିଛନ୍ତି ଯୋଜନା ଅନୁଯାୟୀ, ମହିଳାଙ୍କୁ ମାସିକ ୧୦୦୦ ଟଙ୍କାର ଆର୍ଥିକ ସହାୟତା ଦିଆଯିବ ।



ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୨୪ ବଜେଟରେ ଏହି ଯୋଜନାର ଘୋଷଣା କରିଥିଲେ ୧୮ରୁ ୬୦ ବର୍ଷ ବୟସର ମହିଳାଙ୍କୁ ଏହି ଯୋଜନାରେ ଫାଇଦା ମିଳିବ ତେବେ ଏହି ଯୋଜନାର ଲାଭାର୍ଥୀଙ୍କ ସଂଖ୍ୟା ପ୍ରାୟ ୩୮ ଲକ୍ଷ ରହିଥିବାବେଳେ ଶୁକ୍ରବାର ଠାରୁ ଏହାର ପଞ୍ଜିକରଣ ଆରମ୍ଭ ହେବ।

ଏହି ଯୋଜନାର ଘୋଷଣା କରିବା ସହ କେଜରିୱାଲ କହିଛନ୍ତି, ଏହି ଯୋଜନା ଦିଲ୍ଲୀରେ ଲାଗୁ ହୋଇସାରିଛି ଯେଉଁ ମହିଳାମାନେ ଏଥିପାଇଁ ଆବେଦନ କରିବେ ରେଜିଷ୍ଟ୍ରେସନ ପରେ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆସିଯିବ ଏହି ଅବସରରେ ସେ ଅନ୍ୟ ବଡ଼ ଘୋଷଣା ମଧ୍ୟ କରିଛନ୍ତି। ତାହା ହେଉଛି ଯଦି ଦିଲ୍ଲୀରେ ପୁଣି ଥରେ ଆପ୍ ସରକାର ଶାସନକୁ ଆସେ ତେବେ ମହିଳାଙ୍କୁ ପ୍ରତି ମାସରେ ୨୧୦୦ ଟଙ୍କା ଦିଆଯିବ ।

କେଜରିୱାଲ କହିଛନ୍ତି କିଛି ମହିଳା ତାଙ୍କ ପାଖକୁ ଆସି କହିଥିଲେ ଦରଦାମ ବଢ଼ୁଛି, ୧୦୦୦ ଟଙ୍କା ଯଥେଷ୍ଟ ନୁହେଁ, ଏଥିପାଇଁ ସେ ଏହାକୁ ବଢ଼ାଇ ୨୧୦୦ ଟଙ୍କା କରିବା ନେଇ ଘୋଷଣା କରିଛନ୍ତି ଏହି ଟଙ୍କା ସେହି ମହିଳାଙ୍କୁ ମିଳିବ ଯେଉଁମାନେ କରଦାତା କିମ୍ବା ଅନ୍ୟ କେଣସି ସରକାରୀ ସ୍କିମରେ ପେନସନ ପାଉନଥିବେ ।ଏହି ଅବସରରେ କେଜରିୱାଲ ଆହୁରି କହିଥିଲେ ମୁଁ ଜାଦୁକର ଆଉ ସ୍କିମ ପାଇଁ ଟଙ୍କା ଯୋଗାଡ଼ ହୋଇଯିବ ସେ ଆହୁରି କହିଛନ୍ତି ମହିଳା ସମ୍ମାନ ଯୋଜନାର ଘୋଷଣା ମାର୍ଚ୍ଚ କରାଯାଇଥିଲା ଏପ୍ରିଲ-ମେରୁ ହିଁ ଏହାକୁ ଲାଗୁ କରାଯାଇଥାନ୍ତା ।କିନ୍ତୁ ତାଙ୍କୁ ଜେଲ ପଠାଇ ଦିଆଗଲା ଏଥିପାଇଁ ବିଳମ୍ବ ହୋଇଥିଲା ହେଲେ ଫେରିବା ପରେ ଏହି ସ୍କିମକୁ ଲାଗୁ କରିବାରେ ଲାଗିଥିଲି ଆଉ ଏବେ ଏହି ଯୋଜନା ଲାଗୁ ହୋଇଛି।

ସୂଚନାଥାଉକି, ଦିଲ୍ଲୀ ସରକାର ଚଳିତ ବର୍ଷ ବଜେଟରେ ମହିଳା ସମ୍ମାନ ଯୋଜନା ଘୋଷଣା କରିଥିଲେ ।ସେତେବେଳେ ମହିଳାଙ୍କୁ ମାସକୁ ୧୦୦୦ ଟଙ୍କା ଦେବା ନେଇ ଘୋଷଣା କରାଯାଇଛି ହେଲେ ଏବେ ହଠାତ ଏହାକୁ ବଢ଼ାଇ ୨୧୦୦ ଟଙ୍କା ଦେବା ନେଇ ଘୋଷଣା କରାଯାଇଛି ।

ତେବେ ରାଜନେତିକ ସମୀକ୍ଷଙ୍କ ଅନୁଯାୟୀ, କେଜରିୱାଲ ବିଜେପିକୁ ଟକ୍କର ଦେବାକୁ ଏହି ଯୋଜନାର ଘୋଷଣା କରିଛି। କାରଣ ବିଜେପି ଝାଡ଼ଖଣ୍ଡ ସମେତ ଅନ୍ୟ ରାଜ୍ୟରେ ମହିଳାଙ୍କୁ ୨୧୦୦ ଟଙ୍କା ଦେବା ନେଇ ଘୋଷଣା କରିଥିଲା ବିଜେପିର କିଛି ନେତା ମଧ୍ୟ ୨୧୦୦ ଟଙ୍କା କଥା କହିଥିଲେ।

# ସିରିଆ ପରିସ୍ଥିତି ଅତି ଭୟଙ୍କର

## କଳାକାହାଣୀ ବଖାଣିଲେ ସ୍ୱଦେଶ ଫେରିଥିବା ଭାରତୀୟ

ନୂଆଦିଲ୍ଲୀ, ୧୨।୧୨ (ଏଜେନ୍ସି): ରାଷ୍ଟ୍ରପତି ବଶର ଅଲ-ଅସଦ ଦେଶ ଛାଡ଼ି ପଳାୟନ ପରେ ସିରିଆର ଅବସ୍ଥା ଭୟଙ୍କର ରହିଛି। କେଉଁଠି ହତ୍ୟା ତ ଆଉ କେଉଁଠି ବୋମାମାଡ଼। ଏହି ଆତଙ୍କ ଭିତରେ ଫସିରହିଥିଲେ କେତେକ ଭାରତୀୟ ସୌଭାଗ୍ୟବଶତଃ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ଭାରତ ଫେରିଛନ୍ତି ସତ କିନ୍ତୁ ବଖାଣିଛନ୍ତି ସେଠାକାର ଭୟଙ୍କର ସ୍ଥିତି ଓ ଲୋକଙ୍କ ଦୟନୀୟ ଅବସ୍ଥା।



ସିରିଆରୁ ଭାରତକୁ ଫେରିଥିବା ୭୫ ଭାରତୀୟଙ୍କ ମଧ୍ୟରେ ଗାଜିଆବାଦ ବାସିନ୍ଦା ରବି ଭୂଷଣ ପ୍ରଥମ ଭାରତକୁ ଫେରିବା ପରେ ରବି ଦାମାସକସର ଭୟଙ୍କର ପରିସ୍ଥିତି ବିଷୟରେ ଉଲ୍ଲେଖ କରିଥିଲେ। ସେ ସୁରକ୍ଷିତ ଭାବେ ଫେରିଥିବାରୁ ଭାରତ ସରକାରଙ୍କୁ ଧନ୍ୟବାଦ ଦେଇଥିଲେ।

ରବି ଭୂଷଣ ଏଏନଆଇକୁ କହିଛନ୍ତି ଯେ ନାଗରିକମାନଙ୍କୁ ଘରକୁ ଫେରିବାରେ ଭାରତ କି ପ୍ରକାର ଉଦ୍ୟମ କରିଛି। ରବି କହିଛନ୍ତି ଯେ ଭାରତ ସରକାର ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି ଏବଂ ଆମେ ପ୍ରଥମ ଦଳ ଯିଏକି ସିରିଆରୁ ସୁରକ୍ଷିତ ଭାବେ ଦେଶକୁ ଫେରିଛୁ ସେ କହିଛନ୍ତି ଯେ, ସବୁଠାରୁ ଭଲ କଥା ହେଉଛି ଯେ ସେମାନେ (ଭାରତୀୟ ଦୂତାବାସ) ପ୍ରତ୍ୟେକ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିଛନ୍ତି, ସେମାନଙ୍କୁ ଉତ୍ସାହିତ କରିଛନ୍ତି ଏବଂ ଆମେ ଭଲରେ ଅଛୁ କି ନାହିଁ ପଚାରି ବୁଝିଛନ୍ତି। ସେ ଆହୁରି କହିଛନ୍ତି ଯେ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସେ କେବେ ଏବଂ କଣ କରିବେ ସେ ବିଷୟରେ ପ୍ରତି ଘଣ୍ଟାରେ ତାଙ୍କୁ ମେସେଜ ମାଧ୍ୟମରେ ସୂଚନା ଦିଆଯାଇଥିଲା ସେ କହିଛନ୍ତି, 'ଯଦି ଖାଦ୍ୟ କିମ୍ବା ଅନ୍ୟ କୌଣସି କୌଣସି ଅସୁବିଧା ଥାଏ, ତେବେ ସେ ଏହାର ବ୍ୟବସ୍ଥା କରିବେ। ସେ କହିଛନ୍ତି ଯେ ଆମେ ଭାରତ ସରକାର ତଥା ଉଭୟ ଲେବାନନ୍ ଏବଂ ସିରିଆରେ ଅବସ୍ଥିତ ଭାରତୀୟ ଦୂତାବାସ ପାଇଁ ଆମେ ଅତ୍ୟଧିକ କୃତଜ୍ଞ।

ଭୂଷଣ କହିଛନ୍ତି ଯେ ଅନ୍ୟ ଦେଶରେ ଲୋକଙ୍କ ଦୁଃଖ ଦେଖିବା ପରେ ସେ ଅନୁଭବ କରିଛନ୍ତି ଯେ ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ଉଦ୍ୟମ କେତେ ଭଲ ସେ କହିଛନ୍ତି, 'ଆମେ ଦେଖିଲୁ ଯେ ଅନ୍ୟ ଦେଶର ଲୋକମାନେ କିପରି ଯନ୍ତ୍ରଣା ଭୋଗୁଛନ୍ତି। ଛୋଟ ପିଲା ଏବଂ ମହିଳାମାନଙ୍କୁ ୪-୫ ଡିଗ୍ରୀ ତାପମାତ୍ରାରେ ୧୦-୧୨ ଘଣ୍ଟାରୁ ଅଧିକ ସମୟ ବାହାରେ ବସିବାକୁ ପଡିଲା। ଏହା ବାସ୍ତବରେ ଭୟଙ୍କର ଥିଲା, କିନ୍ତୁ ଭାରତ ସରକାର ହେତୁ ଆମେ ସେପରି କୌଣସି ସମସ୍ୟାର ସମ୍ମୁଖୀନ ହୋଇନଥିଲୁ।

ରବି ଭୂଷଣ ସିରିଆର ସାମ୍ପ୍ରତିକ ପରିସ୍ଥିତିକୁ 'ଅତ୍ୟନ୍ତ ଖରାପ' ବୋଲି କହିଛନ୍ତି ସେ କହିଛନ୍ତି ଯେ ଲୋକମାନେ ଖୋଲାଖୋଲି ଭାବେ ରାସ୍ତାରେ ଗୁଳି ଚଳାଉଛନ୍ତି, ବୋମା ବିସ୍ଫୋରଣ କରୁଛନ୍ତି। ଏବଂ ବ୍ୟାଙ୍କ ଲୁଟ କରୁଛନ୍ତି ବିମାନ ବନ୍ଦରଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ସେମାନେ ହୋଟେଲ ଏବଂ ଗାଡି ଉପରେ ହମଲା କରୁଛନ୍ତି। ଆଗାମୀ କିଛି ଦିନ ମଧ୍ୟରେ ସେଠାରେ ଅବସ୍ଥା ଆହୁରି ଖରାପ ହେବାକୁ ଯାଉଛି ସେ କହିଛନ୍ତି ଯେ ବ୍ୟବସାୟିକ କାରଣରୁ ସେ ସିରିଆ ଯାଇଥିଲେ।

## ବେଦାନ୍ତ ସେୟାର ମୂଲ୍ୟ ୫୨୫ ଟଙ୍କା ସହ ଗତ ୫୨ ସପ୍ତାହର ଉଚ୍ଚରେ

ଭୁବନେଶ୍ୱର: ଦୃଢ଼ ମୁଳଦୁଆ ଓ କମ୍ପାନିର ଡିମର୍ଜର ଯୋଜନା ଠିକ୍ ଭାବେ ଆଗକୁ ବଢୁଥିବାରୁ ବୁଧବାର କାରବାର ସମୟରେ ବେଦାନ୍ତ ଲିମିଟେଡ୍ର ସେୟାର ମୂଲ୍ୟ ଗତ ୫୨ ସପ୍ତାହର ଉଚ୍ଚ ସ୍ତର ୫୨୫ ଟଙ୍କାକୁ ବୃଦ୍ଧି ପାଇଛି। ସେୟାର ମୂଲ୍ୟ ୨.୭୧ ପ୍ରତିଶତ ବୃଦ୍ଧି ପାଇ ୫୧୩.୮୦ ଟଙ୍କାରେ ବନ୍ଦ ହୋଇଛି। ବର୍ଷରେ ବର୍ତମାନ ସୁଦ୍ଧା ବେଦାନ୍ତର ସେୟାର ମୂଲ୍ୟ ୧୦୦ ପ୍ରତିଶତ ବୃଦ୍ଧି ପାଇଛି ଯାହା ନିଫ୍ଟିର ଧାତବ ସୂଚୀର ୧୯ ପ୍ରତିଶତ ବୃଦ୍ଧିଠାରୁ ୫ ଗୁଣା ଅଧିକ ବେଗରେ ଆଗକୁ ବଢ଼ିଛି।

କମ୍ପାନିର ଷ୍ଟକ ମୂଲ୍ୟ ବୃଦ୍ଧି ପଛରେ ଅନେକ କାରଣ ରହିଛି। ବ୍ରୋକରେଜ ସଂସ୍ଥା ଓ କ୍ରେଡିଟ ରେଟିଂ ଏଜେନ୍ସିଗୁଡ଼ିକ ବେଦାନ୍ତର ଭବିଷ୍ୟତ ପୂର୍ବାନୁମାନରେ ଉନ୍ନତି ଆଣିଛନ୍ତି।

ବ୍ରୋକରେଜ ସଂସ୍ଥା ନୁଭାଗା ଓ ଆଇସିଆଇସିଆଇ ସିକ୍ୟୁରିଟିଜ ପକ୍ଷରୁ ବେଦାନ୍ତର ସେୟାର ମୂଲ୍ୟ ଲକ୍ଷ୍ୟ ଯଥାକ୍ରମେ ୬୬୩ ଟଙ୍କା ଓ ୬୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ପରିଚାଳନା ଦୃଷ୍ଟିରୁ ବେଦାନ୍ତ ଏବେ ଉତ୍ପାଦନ ବଢ଼ାଇବା ଉପରେ ଜୋର ଦେଉଥିବା ବେଳେ ବର୍ଷର ପ୍ରଥମ ଭାଗରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟ ଶେଷ କରିଛି। ଏହା ଲାଞ୍ଜିଗଡ଼ ରିଫାଇନାରିର ୧.୫ ଏମଟିପିଏ ୟୁନିଟର ସମ୍ପ୍ରସାରଣ କରିଛି ଏବଂ ଗୋଆର ୩ ଏମଟିପିଏ କ୍ଷମତାର ବିଚୋଲିମ ଲୁହାପଥର ଖଣିକୁ କାର୍ଯ୍ୟକ୍ଷମ କରିଛି।

କ୍ରେଡିଟ ଏଜେନ୍ସି କ୍ରିସିଲ ନିକଟରେ ଏହାର ରିପୋର୍ଟରେ ଦର୍ଶାଇଥିଲା ଯେ ବେଦାନ୍ତର ଇବିଆଇଟିଡିଏ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫,୦୦୦ କୋଟି ଟଙ୍କାରୁ ଅଧିକ ହେବ। ଆଲୁମିନିୟମ, ଜିଙ୍କ ଇଂଟରନ୍ୟାସନାଲ ଓ ଲୁହା ପଥର କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି, ଜିଙ୍କ ଓ ଆଲୁମିନିୟମରେ ଖର୍ଚ୍ଚରେ ପାରଦର୍ଶିତା ଏବଂ ଧାତବ ମୂଲ୍ୟର ସ୍ଥିତି ଲାଗି ଏହା ସମ୍ଭବ ହେବ। କ୍ରିସିଲ ବେଦାନ୍ତର ଦୀର୍ଘକାଳୀନ ବ୍ୟାଙ୍କ ବ୍ୟବସ୍ଥା ଓ ଋଣର ରେଟିଂକୁ ଏଏ ମାଇନସରୁ ଉନ୍ନତ କରି ଏଏ କରିଛି।

# କୋକା-କୋଲା, ଜୁବିଲାଂଟ ଭାଟିଆ ଗ୍ରୁପ ଦ୍ୱାରା ବିଶେଷ ଉଦ୍ଦେଶ୍ୟ ସାଧନକାରୀ ପୁଞ୍ଜିନିବେଶର ଘୋଷଣା କରିଛି

ଭୁବନେଶ୍ୱର, ୧୨।୧୨ (ମହାଭାରତ): କୋକା-କୋଲା ଆଜି ଜୁବିଲାଂଟ ଭାଟିଆ ଗୋଷ୍ଠୀ ସହିତ ଏକ ବୁଝାମଣାପତ୍ର ଯୁକ୍ତିରେ ଉପନିତ ହୋଇ ଘୋଷଣା କରିଛି ବିବିଧ କ୍ଷେତ୍ରରେ ବହୁ-ବିଲିୟନ ଅର୍ଥ ରାଶି ସମାବେଶିତ ବିଶ୍ୱସ୍ତରୀୟ ଉପସ୍ଥିତି ସହିତ ହିନ୍ଦୁସ୍ଥାନ କୋକା-କୋଲା ହୋଲଣ୍ଡିଙ୍ଗସ ପ୍ରା.ଲିଃ ଯାହାକି ବୃହତ୍ କୋକା-କୋଲା ବଟଲର ଇନ ଇଣ୍ଡିଆ ହିନ୍ଦୁସ୍ଥାନ କୋକା-କୋଲା ବିଭେରେଜସ ପ୍ରା.ଲିଃ ର ଏକ ପାରିବାରିକ ପ୍ରତିଷ୍ଠାନ ଏହାର ୪୦% ଅଂଶଧନ ଅଧିକରଣ।

ଭାରତରେ ଉପଲବ୍ଧ ଥିବା ପୁଞ୍ଜିନିବେଶର ସୁଯୋଗକୁ ନେଇ କୋକା-କୋଲା ନିଜର ଏକ ଦୀର୍ଘଦିନର ଉତମ ମାନର ସାମଗ୍ରୀ ପ୍ରଦାନର ପ୍ରତିବଦ୍ଧତାକୁ ପ୍ରିୟ ଗ୍ରାହକମାନଙ୍କ ପାଖରେ ପହଂଚାଇବା ସହିତ ପୋଷକତ୍ୱ ତଥା ଦୀର୍ଘଦିନ ବୃଦ୍ଧିକୁ ଜାରି ରଖିଛି। ଭାରତରେ ରହିଥିବା କୋକା-କୋଲାର ଆଂଚଳିକ ନିଜସ୍ୱ ଫ୍ରାଂଚାଇଜ ଭାଗୀଦାରିତାକୁ ନେଇ ସଫଳତାର ସ୍ଥିତିକୁ ଆସିପାରିଛି। ଜୁବିଲାଂଟ ଭାଟିଆ ଗୋଷ୍ଠୀ ଦ୍ୱାରା ପୁଞ୍ଜି ବିନିଯୋଗ କମ୍ପାନୀକୁ ଏହାର ପ୍ରଚଳିତ ସଫଳତାରେ ଆହୁରି ଅଧିକ ସହଯୋଗ କରିବା ସହିତ ଭାରତୀୟ ବଜାରରେ ଏହାର ସ୍ଥିତିକୁ ମଜବୁତ କରିବାରେ ଯଥେଷ୍ଟ ସାହାଯ୍ୟ କରିବ।

ସାଙ୍କେତ ରାୟ, ସଭାପତି, କୋକା-କୋଲା ଇଣ୍ଡିଆ, କହିଛନ୍ତି, "ଭାରତରେ କୋକା-କୋଲାର ପ୍ରଣାଳୀରେ ଆମେ ଜୁବିଲାଂଟ ଭାଟିଆ ଗୋଷ୍ଠୀକୁ ସ୍ୱାଗତ କରୁଅଛୁ। ବିଭିନ୍ନ କ୍ଷେତ୍ରରେ ରହିଥିବା ଏହାର ବିବିଧ ଅଭିଜ୍ଞତାକୁ ପାଥେୟ କରି ଜୁବିଲାଂଟ ଗୋଷ୍ଠୀ ଦଶନ୍ଧି ଧରି ରହିଥିବା ଉଚ୍ଚମାନର ଅଭିଜ୍ଞତାକୁ ପ୍ରଦାନ କରିବା ସହିତ କୋକା-କୋଲା ପ୍ରଣାଳୀକୁ ଅଧିକ ଗତିଶୀଳ କରିବାରେ ସହାୟ ହେବ ଯାହାକି ଆମକୁ ବଜାରରେ ଜିତାପଟ ହେବାରେ ସକ୍ଷମ ହେବା ସହିତ ସ୍ଥାନୀୟ ସମ୍ପ୍ରଦାୟ ଏବଂ ପ୍ରିୟ ଗ୍ରାହକମାନଙ୍କୁ ଉଚ୍ଚମାନର ମୂଲ୍ୟ ପ୍ରଦାନ କରିପାରିବ।" ଜୁଆନ ପାବଲୋ ରୁଡ୍ରିଗ୍ରୀଜ, ସିଇଓ, ହିନ୍ଦୁସ୍ଥାନ କୋକା-କୋଲା ବିଭେରେଜସ, କହିଛନ୍ତି, "ଏହି ବିଶେଷ ଉଦ୍ଦେଶ୍ୟ ସାଧନକାରୀ ପୁଞ୍ଜି ନିବେଶ ଆମର ଯାତ୍ରା ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିନିଧିତ୍ୱ କରୁଛି । ଜୁବିଲାଂଟ ଭାଟିଆ ଗୋଷ୍ଠୀର ଦକ୍ଷତା ଆମର ଦୃଢ଼ତାକୁ ସ୍ୱିକୃତୀ ପ୍ରଦାନ କରିବା ସହିତ, ଏହା ସୁନିଶ୍ଚିତ କରୁଛି ଯେ ଆମେ ନିରବଚ୍ଛିନ୍ନ ଭାବରେ ଆମର ଷ୍ଟେକ୍‌ହୋଲଡ଼ର ମାନଙ୍କୁ ନବୀକରଣ ତଥା ପୋଷକତ୍ୱର ବିକାଶ ଧାରାରେ ଗତି କରିବା ସମୟରେ ଅସାଧାରଣ ମୂଲ୍ୟ ପ୍ରଦାନ କରୁଅଛୁ।"

# ସ୍ୱିଚ୍ ମୋବିଲିଟି ପକ୍ଷରୁ ଦୁଇ ନୂଆ ଇଲେକ୍ଟ୍ରିକ୍ ବସ୍ ଇଆଇଭି୧୨ ଓ ଇ୧ର ଶୁଭାରମ୍ଭ

ଭୁବନେଶ୍ୱର, ୧୨।୧୨ (ମହାଭାରତ): ହିନ୍ଦୁଜା ଗ୍ରୁପ୍‌ର ଅଂଶ ଅଶୋକ ଲେଲ୍ୟାଣ୍ଡର ସହାୟକ ସଂସ୍ଥା ସ୍ୱିଚ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଦୁଇଟି ଲୋ ଫ୍ଲୋର୍ ଇଲେକ୍ଟ୍ରିକ୍ ବସ୍ ସ୍ୱିଚ୍ ଇଆଇଭି ୧୨କୁ ଉନ୍ମୋଚନ କରାଯାଇଛି। ଏହା ହେଉଛି ଭାରତର ପ୍ରଥମ ଲୋ ଫ୍ଲୋର୍ ସିଟି ବସ୍ ଯେଉଁଥିରେ ଚେଚିସ୍ ମାଉଂଟେଡ୍ ବ୍ୟାଟେରି ରହିଛି ଯାହାକୁ ୪୦୦ରୁ ଅଧିକ କେଡବ୍ଲୁଏଚ୍ ପର୍ଯ୍ୟନ୍ତ ବ୍ୟାପକ କରାଯାଇପାରିବ। କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ ଏହାକୁ ଉନ୍ମୋଚନ କରିଥିବା ବେଳେ ହିନ୍ଦୁଜା ଗ୍ରୁପ୍‌ର ଅଧ୍ୟକ୍ଷ ଅଶୋକ ପି ହିନ୍ଦୁଜା ଓ ଶିଳ୍ପର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୟୁରୋପ ବଜାର ଲାଗି ପ୍ରସ୍ତୁତ କରାଯାଇଥିବା ସ୍ୱିଚ୍ ଇ୧କୁ ଆଭାସୀ ମାଧ୍ୟମରେ ଉନ୍ମୋଚନ କରାଯାଇଛି। ଉଭୟ ଇଆଇଭି୧୨ ଓ ଇ୧ର ଡିଜାଇନ୍ ଦର୍ଶନ ଓ ଢ଼ାଂଚା ସମାନ ରହିଛି। ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ରଖି ପ୍ରସ୍ତୁତ କରାଯାଇଥିବା ସ୍ୱିଚ୍ ଇଆଇଭି ୧୨ ପ୍ଲାଟଫର୍ମକୁ ସହରାଂଚଳ ଗମନାଗମନ ଲାଗି ସ୍ୱଦେଶୀ ଡିଜାଇନ୍, ବିକାଶ ଓ ଉତ୍ପାଦନ କରାଯାଇଛି ଯାହା ସୁରକ୍ଷା, ଭରସାଯୋଗ୍ୟତା ଓ ଆରାମ ଦୃଷ୍ଟିରୁ ବିଶ୍ୱସ୍ତରୀୟ ମାନକ ପ୍ରଦାନ କରୁଛି। ୩୯ ଜଣ ଯାତ୍ରୀଙ୍କ ବସିବା ଲାଗି ସିଟ୍ ଥିବା ସ୍ୱିଚ୍ ଇଆଇଭି ୧୨ ଏହାର କ୍ଷେତ୍ରରେ ଅଗ୍ରଣୀ ଯାହା ଅପରେଟରଙ୍କୁ ସର୍ବାଧିକ ରାଜସ୍ୱ ସମ୍ଭାବନା ପ୍ରଦାନ କରିବ। ଏହି ଅବସରରେ ହିନ୍ଦୁଜା ଗ୍ରୁପ୍ ଅଫ୍ କମ୍ପାନିଜ୍‌ର ଅଧ୍ୟକ୍ଷ ଏ ପି ହିନ୍ଦୁଜା କହିଛନ୍ତି ଯେ, "ପ୍ରଧାନମନ୍ତ୍ରୀଙ୍କ ମେକ୍ ଇନ୍ ଇଣ୍ଡିଆ ଲକ୍ଷ୍ୟ-ଭାରତ ଓ ଦୁନିଆ ପାଇଁ ଭାରତରେ ପ୍ରସ୍ତୁତ ପ୍ରତି ଏହି ବସ୍‌ଗୁଡ଼ିକ ହେଉଛି ସମ୍ମାନ। ଉନ୍ନତ ମାନର ପ୍ରଯୁକ୍ତି ଓ ଶୂନ କାର୍ବନ ନିର୍ଗମନ ସୁବିଧାସୁଯୋଗ ଥିବା ଏହି ବସ୍‌ଗୁଡ଼ିକୁ ଭାରତରେ ଆସିବାକୁ ଯାଉଥିବା ଚମତ୍କାର ସଡ଼କ ଭିତିଭୂମିକୁ ନଜରରେ ରଖି ଉନ୍ମୋନ କରିବାକୁ ଅନୁପ୍ରାଣିତ ହୋଇଛି ଯାହାକୁ ମୋଦୀଙ୍କ ଭଳି ଦୂରଦ୍ରଷ୍ଟା ପରିକଳ୍ପନା କରିଥିବା ବେଳେ ଗଡ଼କରୀ ମହାଶୟ କାର୍ଯ୍ୟକାରୀ କରିଛନ୍ତି।"

# ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଅଲ୍-ନ୍ୟୁ କ୍ୟାମ୍ରି ହାଇବ୍ରିଡ ଇଲେକ୍ଟ୍ରିକ ଯାନର ବଜାର ପ୍ରବେଶ

ଭୁବନେଶ୍ୱର, ୧୨।୧୨ (ମହାଭାରତ): ଟୟୋଟା କିର୍ଲୋସ୍କର ମୋଟର ପକ୍ଷରୁ ଅଲ୍-ନ୍ୟୁ କ୍ୟାମ୍ରି ହାଇବ୍ରିଡ ଇଲେକ୍ଟ୍ରିକ ଯାନର ବଜାର ପ୍ରବେଶ କରାଯାଇଛଇ। ଏହା 'ସେଡାନ ଟୁ କୋର' ଭାବରେ ପରିକଳ୍ପିତ ହୋଇଛି। ୫ ପିଢ଼ିର ହାଇବ୍ରିଡ ଜ୍ଞାନକୌଶଳରେ ନିର୍ମିତ ଏହି ଯାନ ଯଥେଷ୍ଟ ଉନ୍ନତ ଦକ୍ଷତା ଏବଂ ବର୍ଦ୍ଧିତ କାର୍ଯ୍ୟଦକ୍ଷତା ପ୍ରଦାନ କରିବ। ଏହି ନୂତନ ମଡେଲ ଅତ୍ୟାଧୁନିକ ସୁରକ୍ଷା ବୈଶିଷ୍ଟ୍ୟ, ଉଚ୍ଚତର ବାହ୍ୟ ଏବଂ ଆଭ୍ୟନ୍ତରୀଣା, ଆଧୁନିକ ଟେକ୍ନୋଲୋଜିଏକୀକରଣ ସହିତ ଅଦ୍ୱିତୀୟ ଅତ୍ୟାଧୁନିକତା ଅନୁଭୁତି ପ୍ରଦାନ କରିବାକୁ ସକ୍ଷମ ହେବ। ହାଇବ୍ରିଡ ପାୱାର ଟ୍ରେନ ସହିତ ବୋଲ୍ଡ ଇନୋଭେସନ ଅଲ-ନ୍ୟୁ କ୍ୟାମ୍ରି ହାଇବ୍ରିଡ ଇଲେକ୍ଟ୍ରିକ୍ ଭେଇକିଲରେ ଉନ୍ନତ ପ୍ରଯୁକ୍ତିବିଦ୍ୟା ରହିଛି। ୨.୫ଲିଟରର ଡାଇନାମିକ ଫୋର୍ସ ଇଞ୍ଜିନ, ୨୨୧ ଏନଏମ ଟର୍କ ୩୨୦୦ ଆରପିଏମ ଉପଲବ୍ଧ କରିଥାଏ। ନିୟନ୍ତ୍ରିତ କ୍ରମାଗତ ପରିବର୍ତନଶୀଳ ଟ୍ରାନ୍ସମିସନ(ଇ-ସିଭିଟି) ସହିତ ଯୋଡି ହୋଇ, ଯାନଟି ଏକ ସୁଗମ ଏବଂ ଗତିଶୀଳ ଅଭିଜ୍ଞତାକୁ ସୁନିଶ୍ଚିତ କରିଥାଏ। ଇ-ସିଭିଟି ଏକାଧିକ ଡ୍ରାଇଭିଂ ମୋଡରେ ସ୍ପୋର୍ଟ, ଇକୋ, ଏବଂ ନର୍ମାଲ ପ୍ରଦାନ କରିଥାଏ। ଟୟୋଟାର ୫ମ ଜେନେରେସନ ହାଇବ୍ରିଡ ଟେକ୍ନୋଲୋଜି ସିଷ୍ଟମ, ଏକ ଉଚ୍ଚ କ୍ଷମତା ବିଶିଷ୍ଟ ଲି-ଆୟନ ବ୍ୟାଟେରୀକୁ ବୈଶିଷ୍ଟ୍ୟ ସହିତ ଏହା ରହିଛି। ଅଲ-ନ୍ୟୁ କ୍ୟାମ୍ରି ହାଇବ୍ରିଡ ଇଲେକ୍ଟ୍ରିକ୍ ଭେଇକିଲ୍ ଆଉଟପୁଟକୁ ୧୬୯କିଲୋୱାଟ (୨୩୦ ପିଏସ) ର ଏକ ଚମତ୍କାର ମୋଟ ଶକ୍ତିରେ ବୃଦ୍ଧି କରିଥାଏ। ଏହି ଅତ୍ୟାଧୁନିକ ହାଇବ୍ରିଡ ସିଷ୍ଟମ ୨୫.୪୯ କିଲୋମିଟର ଏକ ଅସାଧାରଣ ଇନ୍ଧନ ଅର୍ଥବ୍ୟବସ୍ଥା ସହିତ କାର୍ଯ୍ୟଦକ୍ଷତାକୁ ଏକତ୍ର କରିଥାଏ। ନୂତନ ମଡେଲର ବଜାର ପ୍ରବେଶ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ଚେୟାରମ୍ୟାନ, ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାସାକାଜୁ ୟୋସିମୁରା କହିଲେ, ଅଲ-ନ୍ୟୁ କ୍ୟାମ୍ରି ହାଇବ୍ରିଡ ଇଲେକ୍ଟ୍ରିକ୍ ଭେଇକିଲ୍‌ର ଶୁଭାରମ୍ଭ ଆମର ଉନ୍ନତ ବିକାଶର ଦୃଷ୍ଟିକୋଣର ପ୍ରମାଣ।

# ଇଣ୍ଡିଆଫାଷ୍ଟ ଲାଇଫ ଶୁଭାରମ୍ଭ କଲା ୧୮ ନୂଆ ଏଜେନ୍ସି ଶାଖା

ଭୁବନେଶ୍ୱର, ୧୨।୧୨ (ମହାଭାରତ): ଇଣ୍ଡିଆଫାଷ୍ଟ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଇଣ୍ଡିଆଫାଷ୍ଟ ଲାଇଫ) ୧୮ଟି ଏଜେନ୍ସ ଶାଖା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏଜେନ୍ସିନିର୍ମାଣ ପ୍ରୟାସ ଅଧିନରେ ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ସମଗ୍ର ଭାରତରେ କମ୍ପାନୀର ଉପସ୍ଥିତିରେ ବୃଦ୍ଧି ଘଟାଇବ, ଏବଂ ଦେଶରେ ଅଧିକ ଲୋକଙ୍କ ପାଇଁ ପୂର୍ଣ୍ଣାଙ୍ଗ ଜୀବନ ବୀମା ସମାଧାନଗୁଡିକ ଯୋଗାଇଦେବା ନିକଟତର କରିବ। ରୁଶଭ ଗାନ୍ଧୀ, ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ, ଇଣ୍ଡିଆଫାଷ୍ଟ କହିଛନ୍ତି, "ଦେଶର କୋଣ ଅନୁକୋଣରେ ଆମର ଏଜେନ୍ସି ଚାନେଲର ସମ୍ପ୍ରସାରଣ ଭାରତରେ ଆମର ଉପସ୍ଥିତିକୁ ଅଧିକ ବଳଶାଳୀ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି। ଆମର ସୁପ୍ରତିଷ୍ଠିତ ବ୍ୟାଙ୍କଆସ୍ୟୁରାନ୍ସ ବ୍ୟବସାୟ ସହିତ ପରିପୂରକ ଭାବରେ ଆମର ଆବଣ୍ଟନ ନେଟୱର୍କକୁ ପରିବ୍ୟାପ୍ତ ଓ ବିବିଧକୃତ କରିବା ଅନୁରୂପ ହୋଇଛି, ଏବଂ ଏହା ଆମକୁ ଏକ ବହୁଧା-ଚାନେଲ ଆବଣ୍ଟନ ସଂଗଠନ ଭାବରେ ରୂପାନ୍ତରିତ କରୁଛି। ଆମେ ଆଗାମୀ ଦୁଇରୁ ତିନିବର୍ଷ ମଧ୍ୟରେ ସମଗ୍ର ଦେଶରେ ଯ୧୦୦ ଏଜେନ୍ସି ଶାଖା ସ୍ଥାପନ ଲକ୍ଷ୍ୟ ରଖିଛୁ। ସୁମିତ ସାହନି, ପ୍ରେସିଡେଣ୍ଟ- ଏଜେନ୍ସି ଚାନେଲ, ଇଣ୍ଡିଆଫାଷ୍ଟ ଲାଇଫ୍ କହିଛନ୍ତି, "ଆମର ସର୍ବଭାରତୀୟ ସ୍ତରରେ ସମ୍ପ୍ରସାରଣ ଏକ ମଜଭୁତ ଏଜେନ୍ସ ଚାନେଲ ଉପରେ ଆମର ଦୃଷ୍ଟିନିବଦ୍ଧ ସମ୍ପର୍କରେ ଉଲ୍ଲେଖ କରୁଛି। ଏଜେନ୍ସିନିର୍ମାଣ ଆମକୁ ସର୍ବଭାରତୀୟ ସ୍ତରରେ ଶେଷ ମାଇଲରେ ରହୁଥିବା ଗ୍ରାହକଙ୍କୁ ସେବା ଯୋଗାଇଦେବାକୁ ଏକ ମଜଭୁତ ଶାଖା ନେଟୱର୍କ ନିର୍ମାଣ ନିମନ୍ତେ ରଣକୌଶଳାତ୍ମକ ଦୃଷ୍ଟିରୁ ଅବସ୍ଥାପିତ କରୁଛି। ଆବର ଆବଣ୍ଟନ ନେଟୱର୍କର ଉପଯୋଗ କରି ଆମେ ଆବଶ୍ୟକତା-ଭିତ୍ତିକ ବୀମା ସମାଧାନଗୁଡଇକ ଯୋଗାଇଦେବା ଏବଂ ଗ୍ରାହକମାନଙ୍କ ନିମନ୍ତେ ଆର୍ଥିକ ନିରାପତ୍ତାରେ ବୃଦ୍ଧି ଘଟାଇବାକୁ ଲକ୍ଷ୍ୟ ରଖିଛୁ। ଆମର ନୂତନ ଏଜେନ୍ସି ଶାଖାଗୁଡିକ ଉଲ୍ଲେଖନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶ କ୍ଷେତ୍ରରେ ଅବଦାନ ରଖିବ।"



# ଭାରତର ଡି ଗୁକେଶ ସର୍ବକନିଷ୍ଠ ବିଶ୍ୱ ଚାମ୍ପିୟନ

**ନୂଆଦିଲ୍ଲୀ, ୧୨।୧୨ :** ଇତିହାସ ରଚିଲେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଚେସର ନୂଆ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ୧୮ ବର୍ଷୀୟ ଡି ଗୁକେଶ। ବିଶ୍ୱ ଚେସ୍ ଚାମ୍ପିୟନସିପ୍ ଟାଇଟଲ ହାସଲ କରିବାରେ ସେ ହେଉଛନ୍ତି ସର୍ବକନିଷ୍ଠ। ସିଙ୍ଗାପୁରରେ ଚାଲିଥିବା ବିଶ୍ୱ ଚେସ୍ ଚାମ୍ପିୟନସିପର ନିର୍ଣ୍ଣାୟକ ମ୍ୟାଚର ୧୪ଶ ବାଜିରେ ସେ ଚୀନ୍‌ର ଡିଫେଣ୍ଡିଂ ଚାମ୍ପିୟନ୍ ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି।ଏହା ସହିତ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଚେସରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ଗୁକେଶ।

ଗୁରୁବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୀନର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା। ୧୩ଶ ବାଜି ପର୍ଯ୍ୟନ୍ତ ଉଭୟଙ୍କ ପଏଣ୍ଟ ୬.୫ ସହ ମ୍ୟାଚ୍ ଡ୍ର ଥିଲା। ହେଲେ ୧୪ଶ ବାଜି ମଧ୍ୟ ଡ୍ର ଆଡକୁ ଯାଉଥିବା ଡିଙ୍ଗ୍ ନିଜର ୫୩ତମ ମୁଭରେ ଭୁଲ୍ କରିଥିଲେ। ଯାହାର ଫାଇଦା ଉଠାଇବାରେ ସଫଳ ହୋଇଥିଲେ ଗୁକେଶ। ସଫଳ ରଣନୀତି ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ଚାପ ପକାଇବାରେ ସଫଳ ହୋଇ ୭.୫-୬.୫ ପଏଣ୍ଟ ସହ ଏହି ମ୍ୟାଚକୁ ଜିତି ନେଇଥିଲେ ଗୁକେଶ। ମ୍ୟାଚ୍ ଜିତିବା ପରେ

ଏହାକୁ ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଦିନ ବୋଲି କହିଛନ୍ତି ଗ୍ରାଣ୍ଡମାଷ୍ଟର ଡି ଗୁକେଶ। ଏହି ଅବିଶ୍ୱସନୀୟ ସଫଳତା ହାସଲ କରିବାରେ ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ଏହାପୂର୍ବରୁ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ। ଏହି ବିଶିଷ୍ଟ ତାଲିକାର ଅଂଶ ଭାବରେ ଏକମାତ୍ର ଭାରତୀୟ ଥିଲେ। ଆନନ୍ଦ ୫ ଥର ବିଶ୍ୱ ଚେସ୍ ଚାମ୍ପିୟନସିପର ସମ୍ମାନଜନକ ଟାଇଟଲ୍ ଜିତିଛନ୍ତି। ସେ ୨୦୦୦, ୨୦୦୭, ୨୦୦୮, ୨୦୧୦ ଓ ୨୦୧୨ରେ ଚେସରେ ବିଶ୍ୱ ବିଜୟୀ ହୋଇଥିଲେ।

ସେପଟେ ବିଶ୍ୱ ଚେସ୍ ଚାମ୍ପିୟନ ବନିବା ପରେ ଗୁକେଶ ଭାରତକୁ ଗର୍ବିତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଗୁକେଶଙ୍କ ସଫଳତାକୁ ଐତିହାସିକ ଓ ଉଦାହରଣଯୋଗ୍ୟ ବୋଲି ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସଫଳତା ଅଗଣିତ ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇବ ବୋଲି ଲେଖିଛନ୍ତି ମୋଦି।

## ଭାରତୀୟ ମହିଳା କ୍ରିକେଟ ଦଳକୁ ଜୋରିମାନା

ନୂଆଦିଲ୍ଲୀ, ୧୨।୧୨; ଅଷ୍ଟ୍ରେଲିଆ ଗସ୍ତରେ ଚାଲିଥିବା ଦିନିକିଆ ସିରିଜରେ ଭାରତୀୟ ମହିଳା କ୍ରିକେଟ୍ ଦଳ ପରାଜୟର ସମ୍ମୁଖୀନ ହୋଇଛି।ଭାରତୀୟ ମହିଳା ଦଳ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଗୋଟିଏ ବି ମ୍ୟାଚ୍ ଜିତିପାରିନାହିଁ ୩-୦ କ୍ଲିନ ସ୍ୱିପ୍ କରିଛି ଆୟୋଜକ ଅଷ୍ଟ୍ରେଲିଆ। ପର୍ଥରେ ଖେଳାଯାଇଥିବା ତୃତୀୟ ଦିନିକିଆରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୬ କେଟ୍ ବଲରେ ୨୯୮ ରନ୍‌ସ୍କୋର କରିଥିଲା। ଏହାର ଜବାବରେ ଭାରତୀୟ ଦଳ ୪୫.୧ ଓଭରରେ ୨୧୫ ରନ ସ୍କୋର କରିପାରିଥିଲା। ଏହି ପରାଜୟ ପରେ ବି ଟିମ୍ ଇଣ୍ଡିଆକୁ ଆଉ ଏକ ବଡ଼ ଝଟକା ଲାଗିଛି।



ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ ସ୍ଲୋ ବୋଲିଂ ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳକୁ ମ୍ୟାଚ୍ ଫିର ୧୦ ପ୍ରତିଶତ ଜରିମାନା କରାଯାଇଛି ଆଇସିସି ମ୍ୟାଚ୍ ରେଫରି ଡେଭିଡ ଗିଲବର୍ଟ ଏହି ପେନାଲ୍ଟି ଲଗାଇଛନ୍ତି କାରଣ ହରମନପ୍ରୀତ କୌରଙ୍କ ଦଳ ଧାର୍ଯ୍ୟ ସମୟ ମଧ୍ୟରେ ଦୁଇ ଓଭର କମ୍ ବୋଲିଂ କରିଥିଲେ।ଆଇସିସି ବିବୃତ୍ତିରେ କୁହାଯାଇଛି ଯେ ଭାରତୀୟ ଅଧିନାୟକ ହରମାନପ୍ରୀତ କୌର ଏହି ତ୍ରୁଟିକୁ ସ୍ୱୀକାର କରିଛନ୍ତି ଏବଂ ପ୍ରସ୍ତାବିତ ଦଣ୍ଡକୁ ମଧ୍ୟ ଗ୍ରହଣ କରିଛନ୍ତି। ତେଣୁ ଆନୁଷ୍ଠାନିକ ଶୁଣାଣି କରିବାର କୌଣସି ଆବଶ୍ୟକତା ନାହିଁ।ଫିଲ୍ଡ ଅମ୍ପାୟାର କ୍ଲେୟାର ପୋଲୋସାକ ଏବଂ ଡୋନୋଭାନ କୋଚ, ତୃତୀୟ ଅମ୍ପାୟାର ଜ୍ୟାକଲିନ ଲିୟମସ ଏବଂ ଚତୁର୍ଥ ଅମ୍ପାୟାର ଡେଭିଡ ଟେଲର ଏହି ଅଭିଯୋଗ କରିଛନ୍ତି।ଆଇସିସି ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ, ସର୍ବନିମ୍ନ ଓଭର-ରେଟ୍ ପାଳନ ନକଲେ ପ୍ରତ୍ୟେକ ଖେଳାଳିଙ୍କ ପାଇଁ ସେମାନଙ୍କ ମ୍ୟାଚ୍ ଫିର ସର୍ବନିମ୍ନ ପାଞ୍ଚ ପ୍ରତିଶତ ଜୋରିମାନା ଆଦାୟ କରାଯାଏ।

ସୂଚନାଯୋଗ୍ୟ ବ୍ରିସବେନରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତୀୟ ଦଳକୁ ଏକ ବଡ଼ ପରାଜୟର ସାମ୍ନା କରିବାକୁ ପଡିଥିଲା ଭାରତ ବିପକ୍ଷ ଦିନିକିଆରେ ଅଷ୍ଟ୍ରେଲିଆ। ସର୍ବାଧିକ ୩୭୧ ସ୍କୋର କରିଥିଲା ଏହାର ଜବାବରେ ଭାରତ ମାତ୍ର ୨୪୯ ରନ୍ ସ୍କୋର କରି ୧୨୨ ରନର ବ୍ୟବଧାନରେ ହାରିଥିଲା ତୃତୀୟ ମ୍ୟାଚ୍ ହାରିବା ସହିତ ଟିମ୍ ଇଣ୍ଡିଆକୁ କ୍ରମାଗତ ସପ୍ତମ ପରାଜୟର ସମ୍ମୁଖୀନ ହେବାକୁ ପଡିଛି।

## ଅଷ୍ଟ୍ରେଲିଆରେ ଆଇସିସିର ଗେମ୍ ପ୍ଲାନ୍



ନୂଆଦିଲ୍ଲୀ, ୧୨।୧୨ : ଆଇସିସିର ନୂତନ ଚେୟାରମ୍ୟାନ ହେବା ମାତ୍ରେ ଜୟ ଶାହା କ୍ରିକେଟକୁ ବିଶ୍ୱରେ ଏକ ନୂତନ ସ୍ଥାନ ଦେବା ଦିଗରେ କାର୍ଯ୍ୟ ଆରମ୍ଭ କରିଛନ୍ତି।ସେ ବ୍ରିସବେନରେ ୨୦୩୨ ଅଲିମ୍ପିକ ଆୟୋଜକ କମିଟିଙ୍କୁ ଭେଟିଛନ୍ତି ।୨୦୩୨ ଅଲିମ୍ପିକ୍ସ ଅଷ୍ଟ୍ରେଲିଆର ବ୍ରିସବେନରେ ଆୟୋଜିତ ହେବ ଏବଂ ଏହା ପୂର୍ବରୁ କ୍ରିକେଟ ମଧ୍ୟ ଏହି ଖେଳଗୁଡିକରେ ଅନ୍ତର୍ଭୁକ୍ତ ହେବ ବୋଲି ଘୋଷଣା ହୋଇସାରିଛି। କ୍ରିକେଟ ଖେଳ ଏହାର ୪ ବର୍ଷ ପୂର୍ବରୁ ଫେରି ଆସିଥିବ ଅର୍ଥାତ୍ ୨୦୨୮ ଲସ ଆଞ୍ଜେଲସ ଅଲିମ୍ପିକ୍ସରେ। ବିସିସିଆଇର ପୂର୍ବତନ ସଚିବ ତଥା ବର୍ତ୍ତମାନର ଆଇସିସି ଅଧକ୍ଷ ଜୟ ଶାହା ସୋସିଆଲ ମିଡିଆରେ ଏକ ଭିଡିଓ କ୍ଲିପ ଶେୟାର କରିଛନ୍ତି।ଏଥିରେ ବୈଠକରେ ବସିଥିବାର ଦେଖାଯାଇଛି। ୨୦୨୮ ଅଲିମ୍ପିକ୍ସରେ କ୍ରିକେଟ ପ୍ରତ୍ୟାବର୍ତ୍ତନରେ ଜୟ ଶାହାଙ୍କର ମଧ୍ୟ ଏକ ପ୍ରମୁଖ ଭୂମିକା ରହିଛି ଏବଂ ସେ ଏହି ଖେଳକୁ ସାରା ବିଶ୍ୱରେ ଲୋକପ୍ରିୟ କରିବା ପାଇଁ ନିଶ୍ଚିତ ଭାବରେ ଚେଷ୍ଟା କରିବେ।

## ୧୪ରୁ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ୍

ଢେଙ୍କାନାଳ, ୧୨।୧୨: ଢେଙ୍କାନାଳ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ ଆସନ୍ତା ୧୪ରୁ ୨୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ଷ୍ଟାଡିୟମଠାରେ ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ଜିଲା କ୍ରୀଡାସଂଘ ତରଫରୁ ଷ୍ଟାଡିୟମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସମ୍ପାଦକ ନଳିନୀ କୁମାର ଦାସ ଓ ଉପସଭାପତି ସଞ୍ଜୟ କୁମାର ଭଞ୍ଜ ସୁଚନା ପ୍ରଦାନ କରି କହିଛନ୍ତି ଯେ- ଏହି ଫୁଟବଲ ପ୍ରତିଯୋଗିତାରେ ମୋଟ ୧୨ଟି ଦଳ ଭାଗନେବେ। ତନ୍ମଧ୍ୟରୁ ଓଡିଶା ବାହାରର ୮ଟି ଦଳ ଓ ରାଜ୍ୟ ରୁ ୪ଟିଦଳ ଅଂଶ ଗ୍ରହଣ କରିବେ। ଏହି ପ୍ରତରିଯୋଗିତା ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ପ୍ରତିଯୋଗିତାରେ ତାମଲନାଡୁ ପୋଲିସ, ସେଣ୍ଟ୍ରାଲ ରେଲୱେ ବମ୍ବେ, ଓ୍ୱାଇଡିସି ମଣିପୁର , ଗୋକୁଲମ୍ କେରଳ, ଆସମ ପୋଲିସ, ପୂର୍ବତଟ ରେଳବାଇ କୋଲକାତା, ଏମକେଏସ୍‌ସି ବିହାର ଓ କେଏସଇବି କେରଳ ଦଳ ଭାଗନେଉଥିବା ବେଳେ ଓଡିଶାରୁ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର, ବାଦଲ ଏକାଡେମୀ ଭଦ୍ରକ, ରାଧାରମଣ କ୍ଲବ କଟକ, ସନରାଇଜ୍ କ୍ଲବ କଟକ ଦଳ ଭାଗନେଉଛନ୍ତି। ଏହି ପ୍ରତିଯୋଗିତା ନକଆଉଟ୍ ଭିତ୍ତିରେ ଅନୁଷ୍ଠିତ ହେବ ବୋଲି ଦଳର ବିରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ମହାପାତ୍ର ସୁଚନା ଦେଇଛନ୍ତି। ତୃଣମୁଳ ସ୍ତରରୁ ଫୁଟବଲ ଖେଳକୁ ପ୍ରୋତ୍ସାହିତ କରିବା ପାଇଁ ଢେଙ୍କାନାଳରେ ଆଜକୁ ୬ବର୍ଷ ହେବ ଏହିଭଳି ସର୍ବଭାରତୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି ବୋଲି ଉପସଭାପତି ଶ୍ରୀ ଭଞ୍ଜ କହିଥିଲେ। ପ୍ରତ୍ୟହ ଅପରାହ୍ନ ୨ଟା୩୦ ମିନିଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୨ ତରିଖରେ ପ୍ରଥମ ସେମି ଫାଇନାଲ, ୨୩ ରେ ଦ୍ୱିତୀୟ ସେମି ଫାଇନାଲ ଓ ୨୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତର ହେବ ବୋଲି ସଂଘ ପକ୍ଷରୁ ସୁଚନା ଦିଆଯାଇଛି। ଜିଲା କ୍ରୀଡା ସଂଘ ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠୀ, ପ୍ରେମାନନ୍ଦ ବିହାରୀ, ସରୋଜ କୁମା ପାଢୀ, ପ୍ରତିଯୋଗିତା ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ସଂଘ ତରଫରୁ ସୁନିଲ ପଣ୍ଡା, ପ୍ରତାପ ମହାନ୍ତି , ବାବୁଲି ସାହୁ, ମିଲନ ସିଂ, ବାବୁ ପାଢୀ, ସୁଶାନ୍ତ ଜେନା, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଭିଜିତ ମିଶ୍ର, ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଉଦ୍‌ଯାପିତ




### ଟିମ୍ ହରିୟାଣା ଓଭରଅଲ୍ ଚାମ୍ପିୟନ, ତାମିଲନାଡୁ ରନର୍ସ ଅପ୍

### ଓଡ଼ିଶାକୁ ୬ଟି ସ୍ୱର୍ଣ୍ଣ ଓ ସମୁଦାୟ ୧୧ଟି ମେଡାଲ୍

ଭୁବନେଶ୍ୱର, ୧୨।୧୨ : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆଜି ୩୯ତମ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନସିପ୍ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି ଟିମ୍ ହରିୟାଣା ୩୦୩ ପଏଣ୍ଟ ସହ ଓଭରଅଲ୍ ଚାମ୍ପିୟନ ହୋଇଥିବା ବେଳେ ତାମିଲନାଡୁ ୨୬୯ ପଏଣ୍ଟ ସହ ରନର୍ସ ଅପ୍ ହୋଇଛି। ଓଡ଼ିଶାକୁ ଟୁର୍ଣ୍ଣାମେଣ୍ଟରେ ୬ ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ଏବଂ ସମୁଦାୟ ୧୧ଟି ପଦକ ମିଳିଛି। ଉଭୟ ପୁରୁଷ ଓ ମହିଳା ବର୍ଗରେ ମଧ୍ୟ ଟିମ୍ ହରିୟାଣା ଯଥାକ୍ରମେ ୧୧୬ ଏବଂ ୧୭୯ ପଏଣ୍ଟ ସହ ଚମ୍ପିୟାନ ହୋଇଛିଟୁର୍ଣ୍ଣାମେଣ୍ଟରେ ସମୁଦାୟ ୨୦ଟି ଜାତୀୟ ରେକର୍ଡ଼ ସୃଷ୍ଟି ହୋଇଛି।ଆଜିର ଉଦଯାପନୀ ସମାରୋହରେ ଆଥଲେଟିକ୍ସ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ପ୍ରେସିଡ଼େଣ୍ଟ ଶ୍ରୀ ଆଦିଲ ସୁମାରିଲା, କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ଦାସ,ଓଡ଼ିଶା ହକି ପ୍ରମୋସନ କାଉନସିଲର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ବାଇଁ, ଯୁଗ୍ମ ସଚିବ ଶ୍ରୀ ବିଜୟାନନ୍ଦ ନାୟକ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଓଡ଼ିଶା...

ଏହି ସେଂଟର ଆଗାମୀ ଦିନରେ ତାହା ପୂରଣ କରିବାରେ ସହାୟକ ହେବା ସହିତ ଓଡିଶାରେ ବ୍ୟାଡମିଂଟନ ଖେଳର ବିକାଶ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଆମ ଦେଶରେ ଉଭୟ ସରକାର ଓ ଜନସାଧାରଣଙ୍କ ମିଳିତ ସହଯୋଗରେ କ୍ରୀଡାର ବିକାଶ ହେଉଛି ବୋଲି ସେ କହିଥିଲେ ।କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ଭାଷଣ ଦେଇଥିଲେ। ଡାଲମିଆ ଭାରତ ଗ୍ରୁପର ସିଇଓ ପି.ଓ୍ୱାଇ ଡାଲମିଆ ମଧ୍ୟ ତାଙ୍କ ଅଭିଭାଷଣରେ ଓଡିଶାରେ କ୍ରୀଡାର ବିକାଶ ପାଇଁ ତାଙ୍କ ସଂସ୍ଥାର କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । କ୍ରୀଡା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାତୀୟ ସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା

## ଅନୁଗୋଳ ଜିଲ୍ଲାକୁ ୩ ପଦକ



ଅନୁଗୋଳ, ୧୨।୧୨ : ଚଳିତ ମାସ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ୨୪ ତମ ଜାତୀୟ ସ୍ତରୀୟ ସ୍କୋଏ ମାର୍ଶଲ ଆର୍ଟ ପ୍ରତିଯୋଗିତା ହରିୟାଣା ର ପଞ୍ଚକୁଲା ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତଯୋଗିତାରେ ଅନୁଗୋଳ ଜିଲ୍ଲାରୁ ୧୩ ଜଣ ଖେଳାଳି ଭାଗ ନେଇ ଦୁଇଟି କାଂସ୍ୟ ପଦକ ଓ ଗୋଟାଏ ରୌପ୍ୟ ପଦକ ହାସଲ କରି ଜିଲ୍ଲା ର ଗୌରବ ଅର୍ଜନ କରିଛନ୍ତି। ପଦକ ହାସଲ କରୁଥିବା ଖେଳାଳି ମାନେ ହେଲେ ବାଳିକା ବିଭାଗର କାବ୍ୟା ଦାସ ରୌପ୍ୟ ହାସଲ କରୁଥିବା ବେଳେ କନିଷ୍ଠ ବାଳିକା ବିଭାଗର ତରାଂଶି କାଂସ୍ୟ ପଦକ ହାସଲ କରୁଥିବା ବେଳେ ବଳକ ବିଭାଗର ପ୍ରଜ୍ୱଲ ଗୋଡଠିଆ। କାଂସ୍ୟ ପଦକ ହାସଲ କରିଛନ୍ତି । ଉକ୍ତ ଖେଳାଳି ମାନଙ୍କୁ ରାଜ୍ୟ ଉପ ସଭାପତି ଓ ଜିଲ୍ଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥ ଖେଳାଳି ମାନଙ୍କୁ ଅନୁଗୋଳ ରେଳଷ୍ଟେସନ ଠାରେ ପୁଷ୍ପ ମାଳ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଁ ଥିଲେ।

## ଇକୋର୍ସ ମଞ୍ଚେଶ୍ୱର ଦ୍ୱାରା ଆନ୍ତ-ସପ ଭଲିବଲ୍ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୧୨।୧୨: ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟସ ଆସୋସିଏସନ (ଇକୋର୍ସା)/ ମଞ୍ଚେଶ୍ୱର ସାରୀ ଡ଼ବା ମରାମତି କାରଖାନା / ମଞ୍ଚେଶ୍ୱର ଦ୍ୱାରା ୯ ଏବଂ ୧୦ ଡିସେମ୍ବର ୨୦୨୪ ରେ ମଞ୍ଚେଶ୍ୱରର ଚାଇଲ୍ଡ ପାର୍କରେ ଏହାର କର୍ମଚାରୀଙ୍କ ମଧ୍ୟରେ ଇଣ୍ଟର-ସପ ଭଲିବଲ ଟୁର୍ନାମେଣ୍ଟ ଆୟୋଜନ ହୋଇଯାଇଅଛି ।

ଶେଷ ଦିନରେ ମହିଳା କର୍ମଚାରୀଙ୍କ ପାଇଁ ଏକ ଥ୍ରୋ ବଲ୍ ମ୍ୟାଚ୍ ମଧ୍ୟ ଆୟୋଜିତ ହୋଇଥିଲା । ଯେକୌଣସି ବୟସରେ ବ୍ୟାୟାମର ଉତ୍ତମ ଲାଭକୁ ଉତ୍ସାହିତ କରିବା ପାଇଁ ୪୫ ବର୍ଷରୁ ଅଧିକ ପୁରୁଷ ଏବଂ ମହିଳାଙ୍କ ପାଇଁ ଏକ ଦୌଡ-କୁଦ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ଫାଇନାଲ ମ୍ୟାଚର ମୁଖ୍ୟ ଅତିଥି ତଥା ମୁଖ୍ୟ ାର୍କସପ ପ୍ରବନ୍ଧକ ଓ ମଞ୍ଚେଶ୍ୱର ଇକୋର୍ସାର ଅଧକ୍ଷ ଶ୍ରୀ ଅମିତ ସିହ୍ନା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀଙ୍କ ପାଇଁ ଭାଗିଦାରୀ ପାଇଁ ଖୁସି ବ୍ୟକ୍ତ କରିଛନ୍ତି ଏବଂ କହିଛନ୍ତି ଯେ ଖେଳ ଖେଳିବା ଆମର ଜୀବନଶୈଳୀ ହେବା ଉଚିତ୍ ଆମର ଦୈନନ୍ଦିନ ଜୀବନରେ କ୍ରୀଡା ଅନ୍ତର୍ଭୁକ୍ତ କରିବା ଉଚିତ। ସମସ୍ତ କର୍ମଚାରୀ ଏହି ଟୁର୍ନାମେଣ୍ଟରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ।

ଉପମୁଖ୍ୟ ଭଣ୍ଡାର ପ୍ରବନ୍ଧକ ଶ୍ରୀ ରମେଶ ଏବଂ କ୍ରୀଡ଼ା ଅଧିକାରୀ, ଇକୋର୍ସା / ମଞ୍ଚେଶ୍ୱର ଶ୍ରୀ ଏସ.ଭି.କେ କିରଣ କୁମାର ।ଏହି ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିଥିବାବେଳେ ସମସ୍ତ ବିଭାଗୀୟ ଅଧିକାରୀ ମ୍ୟାଚ ସମୟରେ ଉପସ୍ଥିତ ଥିଲେ। କର୍ମଶାଳା ସହାୟତା କର୍ମଚାରୀ ଟିମ୍ ଫାଇନାଲ୍ ମ୍ୟାଚ୍ରେ ବିଜୟୀ ହୋଇଥିଲା।

## ଗୁରୁଦେବ କପ୍ କ୍ରିକେଟ୍ : ନାଟୁଗାଁକୁ ହରାଇ ଖଣ୍ଡପଡ଼ା ଚମ୍ପିୟାନ



ଖଣ୍ଡପଡା, ୧୨।୧୨ : ଖଣ୍ଡପଡ଼ା ସହରର ମା'ଉମାଦେବୀ କ୍ରୀଡ଼ାଙ୍ଗନ ପରିସରରେ ଗତ ୧୫ ଦିନ ଧରି ଚାଲିଥିବା ଗୁରୁଦେବ କପ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ୍ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ଖଣ୍ଡପଡ଼ା କ୍ରିକେଟ୍ ଟିମ୍ ୨ ଓ୍ୱିକେଟ୍‌ରେ ନାଟୁଗାଁ କ୍ରିକେଟ୍ ଟିମ୍‌କୁ ପରାସ୍ତ କରି ଚଳିତବର୍ଷ ଚମ୍ପିୟାନ ହୋଇଛି। ପ୍ରଥମେ ଟସ୍ ଜିତି ନାଟୁଗାଁ କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ଓ୍ୱିକେଟ୍ ହରାଇ ୧୬୪ ରନ୍ କରିଥିଲା। ଜବାବ୍‌ରେ ଖଣ୍ଡପଡ଼ା କ୍ରିକେଟ୍ କ୍ଲବ୍ ୧୮.୪ ଓଭରରେ ୮ ଓ୍ୱିକେଟ୍ ହରାଇ ଆବଶ୍ୟକୀୟ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଜିର ଖେଳକୁ ଜବରଖାଁ ଓ ରୋହିତ ସିଠ ପରିଚାଳନା କରିଥିବା ବେଳେ ସ୍କୋରର ଦାୟିତ୍ୱ ଗୌରାଙ୍ଗ ସେଠୀ ଓ ଖେଳର ଧାରା ବିବରଣୀ ସନ୍ତୋଷ କୁମାର ସାହୁ ତୁଲାଇଥିଲେ। ମୁଖ୍ୟ ଅତିଥି ଭାବେ ବିଜେପି ସଂଗଠକ ବିଭୂତି ଭୂଷଣ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଶିଶୁକବି କାଶିନାଥ ଦାସ, ଚିତରଞ୍ଜନ ମିଶ୍ର, ପ୍ରଦ୍ୟୁମ୍ନ ପଟ୍ଟନାୟକ ଯୋଗଦେଇ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହ ପୁରସ୍କାର ବିତରଣ କରିଥିଲେ। ଫାଇନାଲ୍ ମ୍ୟାନ୍‌ଅଫ୍ ଦ ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦ ସିରିଜି ରାକେଶ ମହାନ୍ତି, ଗେମ୍ ଚେଞ୍ଜର ଭାବେ ଚିକୁନ୍ ବାରିକ, ବେଷ୍ଟ ବୋଲର ଟୁକୁନା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଚମ୍ପିୟାନ ଦଳକୁ ୧୦ ହଜାର ଟଙ୍କା ଓ ଟ୍ରଫି ଏବଂ ରନର୍ସ ଅପ୍ ଦଳକୁ ୭ହଜାର ଟଙ୍କା ଅର୍ଥରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**